

ବରୁଣଙ୍କ ନାୟିକା ମେଧା
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-38 ◆FRIDAY ◆1 AUG 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୮ ◆ଶୁକ୍ରବାର ◆୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଏମ୍ସ ନର୍ସଙ୍କ ଘରେ ପଶି ଦୁଇ ପିଲାଙ୍କୁ ଜାଳିଦେଲେ

■ **ପାଟନା, ୩୧।୭ (ଏଜେନ୍ସି):** ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବିହାରରେ ଅପରାଧୀଙ୍କ ଉତ୍ପାତ ବଢ଼ି ଚାଲିଛି । ରାଜଧାନୀ ପାଟନାରେ ଅପରାଧୀମାନେ ଯୋଜନାବଦ୍ଧ ଭାବେ ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ଘଟାଉଛନ୍ତି । ପାଟନାର ଜାନିପୁର ଥାନାର ନଗୱାଁ ଗାଁରେ ଦୁର୍ବୃତ୍ତମାନେ ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଜଣେ ନର୍ସଙ୍କ ଘରେ ପଶି ଦୁଇ ନୀରିହ ପିଲାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି । ନର୍ସ ଜଣକ ହେଉଛନ୍ତି ଜାନିପୁରରେ ରହୁଥିବା ଶୋଭା

**ବିହାରରେ ପୁଣି ଆତଙ୍କ**



ଦେବୀ ଓ ତାଙ୍କ ଦୁଇ ପିଲା ହେଲେ ସନ୍ତାନ ୧୪ ବର୍ଷୀୟା ଅଞ୍ଜଳି କୁମାରୀ ଓ ୧୨ ବର୍ଷୀୟ ଅଂଶ । ଦୁଇ ପିଲା ସ୍କୁଲରୁ ଘରକୁ ଫେରିବା ପରେ ଏହି ଘଟଣା ଘଟିଥିଲା । ବିଛଣା ଉପରେ ଦୁଇଜଣଙ୍କ ମୃତଦେହ ମିଳିଥିଲା । ଦିନ ଦ୍ୱିପହରେ କେହି ପିଲାଙ୍କୁ ହତ୍ୟା କରିଛନ୍ତି ବୋଲି ସେ କହିଛନ୍ତି । ନର୍ସଙ୍କ ସ୍ୱାମୀ ଲଲନ ଗୁପ୍ତା ନିର୍ବାଚନ କମିଶନ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରନ୍ତି । ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ ।

## ଉପରିସ୍ଥ ଅଧିକାରୀଙ୍କୁ ପରିସ୍ରା ପିଆଇଲେ ପିଅନ

■ **ମୋହନା, ୩୧।୭ (ସମିସ):** ଯନ୍ତ୍ରୀଙ୍କୁ ପରିସ୍ରା ପିଆଇଲେ ପିଅନ । ଗଜପତି ଜିଲ୍ଲା ଆର୍.ଉଦୟଗିରି ଆରଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟର ଯନ୍ତ୍ରୀ ସଚ୍ଚିନ ଗୌଡ଼ଙ୍କ ସହ ଏପରି ଅମାନବୀୟ ଘଟଣା ଘଟିଛି । ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି । ଥାନାରେ ସେ କରିଥିବା ଅଭିଯୋଗ ଅନୁସାରେ, ଗତ ୨୨ ତାରିଖ ଦିନ ଆର୍.ଉଦୟଗିରି ଆରଡବ୍ଲୁଏସ୍‌ଏସ୍ ଅଫିସ୍‌ରେ କାର୍ଯ୍ୟରେ ଯୋଗ ଦେଇଥିଲେ । ୨୩ ତାରିଖ ରାତିରେ ଅଫିସ୍‌ର ପିଅନ ଶିବ ନାରାୟଣ ନାୟକ ତାଙ୍କୁ ତାଙ୍କ ବାସଭବନରେ ଖାଇବାକୁ ଦେଇଥିଲେ । ଖାଇସାରିବା ପରେ ସେ ଆଣିଥିବା ଷ୍ଟିଲ୍ ବୋତଲରେ ଥିବା



ପାଣି ପିଇଥିଲେ ଯନ୍ତ୍ରୀ । ତେବେ ପିଇବା ପରେ ସେ ତାହା ପରିସ୍ରା ବୋଲି ଜାଣିବାକୁ ପାଇଥିଲେ । ସେ ନିଜେ ଏହାର ଲ୍ୟାବ୍ ଟେଷ୍ଟ ପାଇଁ ପଠାଇଥିଲେ । ପରୀକ୍ଷା ପରେ ଉକ୍ତ ପାଣିରେ ଆମୋନିଆ ଏବଂ ୟୁରିଆର ପରିମାଣ ଅଧିକ ଥିବା ଜଣାପଡ଼ିଥିଲା । ଏନେଇ ତଦନ୍ତ ପାଇଁ ଯନ୍ତ୍ରୀଜଣଙ୍କ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । କିନ୍ତୁ କୌଣସି ପଦକ୍ଷେପ ନ ନିଆଯିବାରୁ ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି । ଅପରପକ୍ଷେ, ପିଅନ ଶିବନାରାୟଣ ନାୟକ ତାଙ୍କ ଉପରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ପୁଲିସ ଘଟଣାର ତଦନ୍ତ କରୁଛି ।

## ଟ୍ରମ୍ପଙ୍କ କଟାକ୍ଷ

# ରୁଷ ସହ ବୁଡ଼ିବ ଭାରତ

## ଭାରତ ଏକ ମୃତ ଅର୍ଥନୀତି

■ **ୱାଶିଂଟନ୍/ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଶୁଳ୍କ ପ୍ରସଙ୍ଗରେ ଭାରତ ଓ ଆମେରିକା ମଧ୍ୟରେ ୫ଟି ପର୍ଯ୍ୟାୟ କଥାବାର୍ତ୍ତା ନିଷ୍ଫଳ ହୋଇଛି । ଭାରତ ଉପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୫% ଶୁଳ୍କ ଲଗାଇଛନ୍ତି ଓ ଆସନ୍ତାକାଲିଠାରୁ ଏହା କାର୍ଯ୍ୟକାରୀ ହେବ । ରୁଷ ସହ ଭାରତର ସମ୍ପର୍କ ଓ ରୁଷରୁ ଅଶୋଧିତ ତୈଳ କ୍ରୟ ଯୋଗୁଁ କ୍ରୋଧାନ୍ୱିତ ଟ୍ରମ୍ପ ଭାରତ ଉପରେ ରାଗ ଶୁଝାଇଛନ୍ତି । କେବଳ ସେତିକି ନୁହେଁ, ଭାରତର ପାରମ୍ପରିକ ଶତ୍ରୁ ପାକିସ୍ତାନକୁ ପ୍ରୋତ୍ସାହିତ କରିବା ପରି ପଦକ୍ଷେପ ନେଉଛନ୍ତି । ଯାହାଫଳରେ ଭାରତର ଅର୍ଥନୀତି ଗଭୀର ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଟ୍ରମ୍ପଙ୍କ ଘୋଷଣା ପରେ ଟଙ୍କା ମୂଲ୍ୟ୦.୨% ହ୍ରାସ ପାଇଛି ଓ ଆଜି ଡଲାର ସହ ଟଙ୍କାର ବିନିମୟ ମୂଲ୍ୟ ୮୭.୫୮ ଟଙ୍କାରେ ପହଞ୍ଚିଛି । ଡଲାର ତୁଳନା ।।ରେ ଟଙ୍କାର ବିନିମୟ ମୂଲ୍ୟ ୯୦ ଟଙ୍କାକୁ ଖସିଯାଇପାରେ ବୋଲି ଭାରତୀୟ ଅର୍ଥଶାସ୍ତ୍ରୀମାନେ ଆକଳନ କରୁଛନ୍ତି ।

**୯୦ ଟଙ୍କା ପର୍ଯ୍ୟନ୍ତ ଖସିବ ଟଙ୍କାମୂଲ୍ୟ**



ବିଡ଼ମ୍ବନା ହେଉଛି ଯେ ଯେତେବେଳେ ଆମେରିକୀୟ ବ୍ୟବସାୟିକ ପ୍ରତିନିଧିଦଳ ଭାରତ ଗସ୍ତରେ ଦ୍ୱିପାକ୍ଷିକ ବାଣିଜ୍ୟ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି, ଠିକ୍ ସେହି ସମୟରେ ଟ୍ରମ୍ପ ଭାରତ ଉପରେ ଟିକସ ଲଗାଇଛନ୍ତି । ଗତ ମାର୍ଚ୍ଚ ମାସରୁ ଦୁଇ ଦେଶ ପାରସ୍ପରିକ ବ୍ୟବସାୟିକ ସହଯୋଗ ସଂକ୍ରାନ୍ତରେ ଆଲୋଚନା କରି ଆସିଛନ୍ତି । ଦୁଇ ଦେଶ ମଧ୍ୟରେ ସମ୍ପ୍ରତି ୧୯୧ ଆରବ ଡଲାର ▶ପୃଷ୍ଠା-୭

### ପ୍ରଭାବିତ ହେବ ଓଡ଼ିଶା

ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ଯୋଗୁଁ ଦେଶର ଅର୍ଥନୀତି ସହ ଓଡ଼ିଶାର ଅର୍ଥନୀତି ମଧ୍ୟ ଗଭୀର ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଓଡ଼ିଶାରୁ ବିପୁଳ ପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକାକୁ ରପ୍ତାନୀ ହୋଇଥାଏ । ଏକ ଆକଳନ ଯୋଗୁଁ ସାରା ଦେଶରୁ ଗତ ଆର୍ଥିକ ବର୍ଷରେ ୪.୮୮ ବିଲିଅନ ଡ଼ଲାରର ସାମୁଦ୍ରିକ ଖାଦ୍ୟ ବିଦେଶକୁ ରପ୍ତାନୀ ହୋଇଛି ଏବଂ ଏହାର ସିଂହଭାଗ ଆମେରିକା ଓ ଚୀନକୁ ପଠାଯାଇଛି । ମୋଟ ସାମୁଦ୍ରିକ ଖାଦ୍ୟର ୬୬% ଚିଙ୍ଗୁଡ଼ି ଭାରତରୁ ରପ୍ତାନୀ କରାଯାଇଛି । ସାରା ଦେଶରୁ ଆମେରିକାକୁ ରପ୍ତାନୀ ହୋଇଥିବା ଚିଙ୍ଗୁଡ଼ିର ପ୍ରାୟ ୩୦% ଓଡ଼ିଶାରୁ ପଠାଯାଇଛି । ତେଣୁ ଆମେରିକାର ଶୁଳ୍କ ଯୋଗୁଁ ଓଡ଼ିଶାରୁ ଚିଙ୍ଗୁଡ଼ି ରପ୍ତାନୀ ବାଧାପ୍ରାପ୍ତ ହୋଇପାରେ ବୋଲି କୁହାଯାଉଛି ।

### କ୍ଷତି ସହିବେ ରପ୍ତାନୀକାରୀ

ଟ୍ରମ୍ପଙ୍କ ଶୁଳ୍କ ଛାଟ ଯାଗୁଁ ଭାରତରୁ ରପ୍ତାନୀ ହେଉଥିବା ଇସ୍ପାତ, ଅଟୋ ଯନ୍ତ୍ରାଂଶ, ଇଲେକଟ୍ରୋନିକ୍ସ ସାମଗ୍ରୀ, ଔଷଧ ଏବଂ ବୟନ ଶିଳ୍ପ ଭଳି କ୍ଷେତ୍ର ପ୍ରଭାବିତ ହେବେ । ବଜାର ବିଶେଷଜ୍ଞ ଅଜୟ ବାଗା କହିଛନ୍ତି, ଟ୍ରମ୍ପ ଶୁଳ୍କ ଭାରତୀୟ ବଜାରରେ ଅସ୍ଥିରତା ବୃଦ୍ଧି କରିବ ଓ ନିବେଶକଙ୍କ ବିଶ୍ୱାସକୁ ଦୁର୍ବଳ କରିପାରେ । ଆମେରିକୀୟ ବଜାର ଉପରେ ନିର୍ଭରଶୀଳ ଭାରତୀୟ ଅଟୋ, ବୟନ, ଫାର୍ମା ଏବଂ ଇସ୍ପାତ କ୍ଷେତ୍ରର କମ୍ପାନୀ କ୍ଷତିଗ୍ରସ୍ତ ହେବେ ।

### ୬ ଭାରତୀୟ କମ୍ପାନୀ ଉପରେ କଟକଣା

■ **ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଇରାନ ସହ ପେଟ୍ରୋକେମିକାଲ୍ ଉତ୍ପାଦ ବ୍ୟବସାୟରେ ଜଡ଼ିତ ୬ ଭାରତୀୟ କମ୍ପାନୀ ଆଲକେମିକାଲ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲୋବାଲ୍ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିମିଟେଡ, ଜୁପିଟର୍ ଡାଏ କେମ ପ୍ରାଇଭେଟ୍ ଲିମିଟେଡ୍, ରମଣୀକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କୋ, ପର୍ସିଷ୍ଟେଣ୍ଟ ପେଟ୍ରୋକେମ ପ୍ରାଇଭେଟ୍ ଲିମିଟେଡ୍ ଏବଂ କାଞ୍ଚନ ପଲିମର୍ସ । ଉପରେ କଟକଣା ଲଗାଇଛି ଆମେରିକା । ଭାରତୀୟ କମ୍ପାନୀଗୁଡ଼ିକ ଇରାନ ପେଟ୍ରୋଲିୟମ୍ ଉତ୍ପାଦ କ୍ରୟ ଏବଂ ବିପଣନ ପାଇଁ ଜାଣିଶୁଣି କାରବାର ବୃଦ୍ଧି କରିଥିବା ଅଭିଯୋଗରେ ଏହି କଟକଣା ଜାରି କରାଯାଇଛି ।

### ଦିନକ ପରେ ଟ୍ରିବ୍ୟୁନାଲରେ ମହାନଦୀ ଶୁଣାଣି

# ସରକାରଙ୍କ ଆଭିମୁଖ୍ୟକୁ ନେଇ ସଂଶୟ

■ **ଭୁବନେଶ୍ୱର, ୩୧।୭ (ସମିସ):** ଆସନ୍ତା ଶନିବାର ହେବ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ୪୪ତମ ଶୁଣାଣି । ଏହି ଶୁଣାଣି ସମୟରେ ଓଡ଼ିଶାର ଆଭିମୁଖ୍ୟ କଣ ରହିବ, ତାହା ଜାଣିବା ପାଇଁ ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ ଉଦ୍‌ବିଗ୍ନ । ଗତ ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବିବାଦର ସମାଧାନ ପାଇଁ ଦୁଇରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ଜାରି ରହିଥିବା ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଜଣାଇଥିଲେ । ଏଥିପାଇଁ ଶ୍ରୀ ଆଚାର୍ଯ୍ୟ ଅଧିକ ସମୟ ମାଗିଥିଲେ ଓ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ତାରିଖ ଅଗଷ୍ଟ ୨ ତାରିଖକୁ ଧାର୍ଯ୍ୟ କରିଥିଲେ । ଶୁଣାଣି ପାଇଁ ରାଜ୍ୟ ସରକାରଙ୍କ ହାତରେ ଦିନଟିଏ ଥିବାବେଳେ ଉଭୟ

▶▶ **ଆଇନଗତ ଲଢ଼େଇ ସମ୍ପର୍କରେ ନିରବ**

▶▶ **ବୁଝାମଣା ସ୍ୱରୂପ ସ୍ପଷ୍ଟ କରିବାକୁ ଦାବି**

ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ କେଉଁ ପ୍ରକାର ଆଲୋଚନା ହୋଇଛି, ସେ ସମ୍ପର୍କରେ ସରକାର ନିରବ । କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ କ୍ଷୋଭ ପ୍ରକାଶ କରିବା ସହ ଦୁଇ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା କଣ ହୋଇଛି ଏବଂ ଓଡ଼ିଶା ଆଇନଗତ ଲଢ଼େଇରୁ ଓହରି ଯିବ ନା ଜାରି ରଖିବ ସେନେଇ ସ୍ପଷ୍ଟୀକରଣ ଲୋଡ଼ିଥିଲେ ହେଁ ସରକାର ଏ ସମ୍ପର୍କରେ ତୁଣ୍ଡ ଖୋଲି ନାହାନ୍ତି । ଏହି ସମୟରେ ଦିନକ ପରେ ▶ପୃଷ୍ଠା-୭

# 'ଉତ୍କଳ'କୁ ସଂକଟ ସଂଗତୀକରଣ

## କମିବ ୧୭ ପ୍ରାଧ୍ୟାପକ ଓ ୨୪ ସହଯୋଗୀ ପ୍ରାଧ୍ୟାପକ ପଦ

■ **ଭୁବନେଶ୍ୱର, ୩୧।୭ (ସମିସ):** ଶ୍ରୀ ହରାଇବ ରାଜ୍ୟର ପ୍ରଥମ ତଥା ସର୍ବପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ' । ଶୈକ୍ଷିକ ପ୍ରକ୍ରିୟା ଗୁରୁତର ପ୍ରଭାବିତ ହେବ । ଏପରିକି, ଗବେଷଣା ମଧ୍ୟ ବାଟବଣା ହେବାର ଆଶଙ୍କା ପାଇଛି । କାରଣ ଅଧାରୁ ଅଧିକ ଅଧ୍ୟାପକ ପଦ ଖାଲି ପଡ଼ିଥିବା ବେଳେ ସଂଗତୀକରଣ (ରେସନାଲାଇଜେସନ୍) ନାମରେ ଆହୁରି ପ୍ରାଧ୍ୟାପକ ଓ ସହଯୋଗୀ ପ୍ରାଧ୍ୟାପକ ପଦ ହରାଇବାକୁ ଯାଉଛି ଏହି ଐତିହ୍ୟସଂପନ୍ନ



**ଖାଲିପଡ଼ିଛି ଅର୍ଦ୍ଧାଧିକ ଅଧ୍ୟାପକ ପଦ**

**ବାଧାପ୍ରାପ୍ତ ହେବ ଗୁଣାତ୍ମକ ଶିକ୍ଷା**

ବିଶ୍ୱବିଦ୍ୟାଳୟ । ୧୭ଟି ପ୍ରାଧ୍ୟାପକ ସମେତ ୨୪ଟି ସହଯୋଗୀ ପ୍ରାଧ୍ୟାପକ ପଦ କାଟିବାକୁ ଷଡ୍‌ଯନ୍ତ୍ର ହେଉଥିବା ଅଭିଯୋଗ ହୋଇଛି ।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍କୁଲ ବ୍ୟବସ୍ଥା ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାଦ୍ୱାରା ସବୁ ବିଶ୍ୱବିଦ୍ୟାଳୟରୁ କିଛି ପଦ ଉଚ୍ଛେଦ କରି ଅନ୍ୟ ବିଶ୍ୱବିଦ୍ୟାଳୟରେ ପୂରଣ କରାଯିବ । ଏଥିପାଇଁ ଉଚ୍ଚଶିକ୍ଷା ପରିଷଦ ୪ଜଣ କୁଳପତିଙ୍କୁ ନେଇ ଏକ କମିଟି ▶ପୃଷ୍ଠା-୭

**ସୁନ୍ଦରଗଡ଼ରେ ଲଜ୍ଜା!**

# ଚଉଦ ଦିନ ଧରି ନାବାଳିକାକୁ ଦୁଷ୍କର୍ମ

■ **ରାଉରକେଲା, ୩୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ଅଧୀନ ତଳସରା ଥାନା ଅଞ୍ଚଳରେ ଜଣେ ୧୭ବର୍ଷୀୟା ନାବାଳିକାକୁ ତାର ପୁରୁଷ ବନ୍ଧୁ ଏକ ବନ୍ଦ କୋଠରୀରେ ଦୀର୍ଘ ୧୪ ଦିନ ଧରି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପୁଲିସ୍ ପୀଡ଼ିତାକୁ ଉଦ୍ଧାର କରିବା ସହ ତାର ପୁରୁଷ ବନ୍ଧୁକୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି ।



ସୂଚନା ମୁତାବକ, ଗତ ୧୬ ତାରିଖରେ ସମ୍ପୃକ୍ତ ନାବାଳିକାକୁ ତାର ପୁରୁଷବନ୍ଧୁ ବୁଲିବାକୁ କହି ଡାକି ନେଇଥିଲା । ତଳସରା ସୀମାନ୍ତବର୍ତ୍ତୀ ଏକ ଭଡ଼ା ଘରେ ସେ ନାବାଳିକାକୁ ରଖି ଦୁଷ୍କର୍ମ କରିଥିଲା । ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ୧୪ ଦିନ ରଖି ଦୁଷ୍କର୍ମ କରିଚାଲିଥିଲା । ସେପଟେ ନାବାଳିକା ଘରକୁ ନଫେରିବାରୁ ପରିବାରଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ । ନାବାଳିକାର ମୋବାଇଲ ଫୋନ ବନ୍ଦ ଥିବାରୁ ପରିବାର ଲୋକ ତା' ବିଷୟରେ କିଛି ଜାଣିପାରି ନଥିଲେ । ପରେ ୨୦ ତାରିଖରେ ପରିବାର ପକ୍ଷରୁ ତଳସରା ଥାନାରେ ଝିଅ ନିଖୋ ଜ ହୋଇଥିବା ନେଇ ରିପୋର୍ଟ ଦିଆଯିବା ପରେ ପୁଲିସ ତନାଘନା ଆରମ୍ଭ କରିଥିଲା ।

ବୁଧବାର ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତଳସରା ଥାନା ପୁଲିସ ଖବର ପାଇ ବନ୍ଦ ଘରୁ ନାବାଳିରାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁକୁ ଗିରଫ କରିଥିଲା । ଗୁରୁବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିବା ବେଳେ ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି । ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# ଟ୍ୱିନ୍ ସିଟିରୁ କୋଟିଏ ଟଙ୍କାର କଫ୍ ସିରପ୍ ଜବତ

■ **ଭୁବନେଶ୍ୱର/କଟକ, ୩୧।୭ (ସମିସ):** ଟ୍ୱିନ୍ ସିଟିରେ ବେଆଇନ୍ ଭାବେ ବିକ୍ରି କରାଯାଉଥିବା ବିପୁଳ ପରିମାଣର କଫ୍ ସିରପ୍‌କୁ ଜବତ କରିଛି ଏସ୍‌ଟିଏଫ ଏବଂ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ । କଟକ ବାଦାମବାଡ଼ି ନିୟୁ ଏଲ୍‌ଆଇସି କଲୋନୀରୁ ଟ୍ରାକନ୍ କୋରିୟର ସଂସ୍ଥାରେ ଚାଲିଥିଲା ଏହି କାରବାର । ଖବର ପାଇ ଏସ୍‌ଟିଏଫ ଏବଂ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଚଢ଼ଉ କରି ପ୍ରାୟ କୋଟିଏ ଟଙ୍କା ମୂଲ୍ୟର ୫୬ ପେଟିରୁ ଅଧିକ କଫ୍ ସିରପ୍ ଜବତ କରିଛି । ଏହି ବେଆଇନ୍ କାରବାର କରୁଥିବା ସଂସ୍ଥାର ୪ଜଣ କର୍ମଚାରୀ ଏବଂ ମାଲିକଙ୍କୁ ଏସ୍‌ଟିଏଫ ପଚରାଉଚରା କରୁଛି ।

ସୂଚନା ଅନୁସାରେ, ଏହି ଟ୍ରାକନ କୋରିୟର ସଂସ୍ଥା ବେଆଇନ୍ ଭାବେ କଫ୍ ସିରପ୍ ଆଣି ବିଭିନ୍ନ ଜିଲ୍ଲାକୁ କୋରିୟର ମାଧ୍ୟମରେ



**ଏକାଧିକ ସ୍ଥାନରେ ଚଢ଼ଉ କରିଥିଲା ଏସ୍‌ଟିଏଫ, ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ**

**କୋରିୟର ସଂସ୍ଥାର ୪ଜଣ କର୍ମଚାରୀ ଅଟକ, ଚାଲିଛି ପଚରାଉଚରା**


ପଠାଉଥିଲା । ବିଶେଷକରି ପଶ୍ଚିମ ଓଡ଼ିଶାକୁ କୋରିୟର ମାଧ୍ୟମରେ ଏହି କଫ୍‌ସିରପ୍ ଚାଲାଣ କରାଯାଉଥିବା ଏସ୍‌ଟିଏଫ୍‌କୁ ସୂଚନା ମିଳିଥିଲା । ଖବର ପାଇବା ପରେ ଆଜି ଅପରାହ୍ନରେ ଏସ୍‌ଟିଏଫ ଏବଂ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଅଧିକାରୀ ମିଳିତ ଭାବେ ଚଢ଼ଉ କରିଥିଲେ । ଏହି ଲିଙ୍କ୍‌ରେ ମଧ୍ୟ ଭୁବନେଶ୍ୱରର ଏକାଧିକ ସ୍ଥାନରେ ଚଢ଼ଉ କରାଯାଇଥିଲା । ରାଜଧାନୀର ବରମୁଣ୍ଡା ଏବଂ ଅନ୍ୟ ୨ଟି ସ୍ଥାନରେ ଚଢ଼ଉ କରାଯାଇଥିବାର ସୂଚନା ମିଳିଛି ।

ଏସ୍‌ଟିଏଫ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଟ୍ୱିନ୍ ସିଟିରୁ ଟ୍ରେନ୍ ଏବଂ କୋରିୟର ମାଧ୍ୟମରେ କଫ୍ ସିରପ୍ ଚାଲାଣ କରାଯାଉଛି । ଏବେ ସେଠାରୁ ଟ୍ୱିନ୍ ସିଟିକୁ ଗଞ୍ଜେଇ ଚାଲାଣ କରାଯାଉଛି । ତେଣୁ ଏହା ଉପରେ ରୋକ ଲଗାଇବା ପାଇଁ ଅଭିଯାନ ଆରମ୍ଭ କରାଯାଉଛି । ଶସ୍ତାରେ କଫ୍ ସିରପ୍ ମିଳୁଥିବାରୁ ଏହାକୁ ଏକାଧିକ ବ୍ୟକ୍ତି କିଣି ନେଇ ▶ପୃଷ୍ଠା-୭

**ପୁରୀ ରଥଯାତ୍ରା ଦଳାଚକଟା ଘଟଣା**

# ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ କମିସନର

■ **ଭୁବନେଶ୍ୱର, ୩୧।୭ (ସମିସ):** ରଥଯାତ୍ରା ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି ଉନ୍ନୟନ କମିସନର ଅନୁ ଗର୍ଗ । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ଏହି ରିପୋର୍ଟ ଦାଖଲ କରିଛନ୍ତି । ତଦନ୍ତ ରିପୋର୍ଟ ମିଳିଥିବା ବେଳେ ଏହା ଉପରେ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ନେବେ ସେନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ ଗତ



ଜୁନ ୨୯ ତାରିଖ ଭୋର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଦଳାଚକଟା ହୋଇଥିଲା । ଏହି ଅପ୍ରୀତିକର ଘଟଣାରେ ମୋଟ ୩ ଜଣ ଶ୍ରଦ୍ଧାଳୁଙ୍କର ▶ପୃଷ୍ଠା-୭

**ସରକାର ଉଦାସୀନ; ଚାଷୀ ହନ୍ତସନ୍ତ**

# ଆଖୁ ଚାଷର ଆଖି ବନ୍ଦ

■ **ଭୁବନେଶ୍ୱର, ୩୧।୭ (ସମିସ):** ରାଜ୍ୟରେ ଚିନି, ଗୁଡ଼ ଓ ଆଖୁ ଉତ୍ପାଦର ଆବଶ୍ୟକତା ପ୍ରତିବର୍ଷ ବଢ଼ୁଛି; ମାତ୍ର ଆଖୁ ଚାଷ ପ୍ରତିବର୍ଷ କମି କମି ଚାଲିଛି । ଗୋଟିଏପଟେ ଚିନିର ଆବଶ୍ୟକତା ବୃଦ୍ଧି ପାଉଥିବାବେଳେ ଆଖୁ ଚାଷ କମିବା ଯୋଗୁଁ ଅନ୍ୟ ରାଜ୍ୟ ଉପରେ ଓଡ଼ିଶା ଅଧିକ ନିର୍ଭରଶୀଳ ହେଉଛି । ରାଜ୍ୟରେ ଆଖୁ ଚାଷ ହ୍ରାସ ହେବା ସହ ଚିନି କଳ ବନ୍ଦ ହେବାରେ ଲାଗିଛି ଓ ଆଖୁ ଚାଷୀଙ୍କ ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି । ଏ ସମ୍ପର୍କରେ ରାଜ୍ୟସ୍ତରୀୟ କମିଟି, ବିଧାନସଭାରେ କୃଷି ବିଭାଗ ଷ୍ଟାଣ୍ଡିଂ କମିଟି ବିଭିନ୍ନ ସମୟରେ ଦେଇଥିବା ରିପୋର୍ଟକୁ କାର୍ଯ୍ୟକାରୀ କରାଯାଉ ନାହିଁ କିମ୍ବା ଆଖୁ ଚାଷକୁ ପ୍ରୋତ୍ସାହିତ କରିବା ପରି କାର୍ଯ୍ୟକ୍ରମ ହାତକୁ ନିଆଯାଉ



**କ୍ରମାଗତ ଭାବେ କମୁଛି ଉତ୍ପାଦନ**

**ବନ୍ଦ ହେବାରେ ଲାଗିଛି ଚିନି କଳ**

ନାହିଁ । ମାତ୍ର ସରକାର ଆଖୁ ଚାଷ ପ୍ରତି ଆଖି ବୁଜି ଦେଇଛନ୍ତି । ବିଜେପି ସରକାର କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେଉଥିବା ଡିଣ୍ଡିମ ପିଟୁଥିଲେ ବି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କୌଣସି ଚାଷରେ ସଂସ୍କାର ଆସିପାରୁନାହିଁ ।

ପରିସଂଖ୍ୟାନ ଅନୁସାରେ ଓଡ଼ିଶାରେ ଚିନିର ଆବଶ୍ୟକତା ବାର୍ଷିକ ପ୍ରାୟ ୪ଲକ୍ଷ ଟନ୍ । ମାତ୍ର ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିନିକଳ ବନ୍ଦ ହେବାରେ ଲାଗିଛି । ଏହାଦ୍ୱାରା ଆମକୁ ବାହାର ରାଜ୍ୟରେ ଉତ୍ପାଦିତ ଚିନି ଉପରେ ନିର୍ଭରଶୀଳ ହେବାକୁ ପଡୁଛି । ବର୍ତ୍ତମାନ ସମୟରେ ଆସିକା ଚିନି କଳ ଦୟନୀୟ ସ୍ଥିତିରେ ଚାଲୁଥିବା ବେଳେ ନୟାଗଡ, ବଡମ୍ବା, ବରଗଡ, ବଲାଙ୍ଗିରର ତୋରା ଆଦି ଚିନି କାରଖାନା ▶ପୃଷ୍ଠା-୭

# ହାତୀ ଆକ୍ରମଣରେ ୩ ମୃତ

■ **ଢେଙ୍କାନାଳ, ୩୧।୭ (ସମିସ):** ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ୍ ଅନ୍ତର୍ଗତ ବାଘଧରିଆ ଗ୍ରାମରେ ଆଜି ଏକ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ, ଗ୍ରାମର ଶଶି ସାହୁ (୬୪), କରୁଣାକର ଦେହୁରୀ (୬୬) ଓ ଝୁଲଣ ଦେହୁରୀ (୫୪) । ଆଜି ସକାଳେ ଶଶି ଗାଁ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ୩ ଟିକିଆ ହାତୀପଲ ମଧ୍ୟରୁ ଗୋଟିଏ ଦନ୍ତାହାତୀ ଆସି ତାଙ୍କୁ ଆକ୍ରମଣ କରିଥିଲା । ଏଥିରେ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି, କରୁଣାକର ଦେହୁରୀ ହାତୀପଲକୁ ଦେଖି ଗାଁ ଆଡ଼କୁ ଦୌଡ଼ି ପଳାଉଥିବା ▶ପୃଷ୍ଠା-୭

**ଶବ ରଖି ପୁରୁଣା କଟକ-ସମ୍ବଲପୁର ରାସ୍ତା ଅବରୋଧ**

**କାର୍ଯ୍ୟରେ ଅବହେଳା ପାଇଁ ୩ ନିଲମ୍ବିତ**



## ରୁଷ୍‌ରେ କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ଭୂକମ୍ପନ

ଭ୍ଲାଡିଭୋଷ୍ଟିକ୍, ୩୧।୭(ଏଜେନ୍ସି): ରୁଷିଆରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ମଧ୍ୟ ଭୂକମ୍ପ ଆସିଛି। ରୁଷିଆର ପୂର୍ବାଞ୍ଚଳରେ ଥିବା କୁରିଲ ଦୀପରେ ଗୁରବାର ସକାଳେ ଆସିଥିବା ଭୂକମ୍ପର ତୀବ୍ରତା ୬.୫ ଥିଲା। ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନ୍‌ସିଏସ୍) ମୁତାବକ ଏହି ଭୂକମ୍ପ ଭାରତୀୟ ସମୟ ଅନୁସାରେ ସକାଳ ୧୦.୫୭ରେ ଆସିଥିଲା ଓ ଏହାର ଗଭୀରତା ୧୦ କିମି ଥିଲା। ପୂର୍ବରୁ ବୁଧବାର କୁରିଲ ଦୀପ ନିକଟସ୍ଥ ସମୁଦ୍ରରେ ୮.୮ ତୀବ୍ରତାର ଭୂକମ୍ପ ଆସିଥିଲା। ଏହାକୁ ବିଶ୍ୱର ଷଷ୍ଠ ସର୍ବବୃହତ ଭୂକମ୍ପ ଥିଲା। କିନ୍ତୁ ଏଥରେ ଏପର୍ଯ୍ୟନ୍ତ ମୃତାହତର କୌଣସି ଖବର ଆସିନାହିଁ। ଏହି ଭୂକମ୍ପ ପରେ ରୁଷ, ଜାପାନ, ଚୀନ୍ ସମେତ ଏପରି ଆମେରିକା ପର୍ଯ୍ୟନ୍ତ ସୁନାମୀର ଲହଡି ପହଞ୍ଚିଥିଲା। ରୁଷରେ ଏହି ସୁନାମୀର ଉଚ୍ଚତା ୪ ମି ଥିବା ବେଳେ ଆମେରିକାରେ ଏହା ୧ ମି ଉଚ୍ଚତା ବିଶିଷ୍ଟ ଥିଲା। କୁରିଲରେ ଗତକାଲି ମଧ୍ୟ ୬.୩ ତୀବ୍ରତା ବିଶିଷ୍ଟ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଏହାକୁ ବାଦ୍ ଦେଲେ କାମଚଟକାରେ ମଧ୍ୟ ଭୂକମ୍ପ ପରେ ଆଗ୍ନେୟଗିରିରେ ବିସ୍ଫୋରଣ ହୋଇଥିଲା। ୮.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ଆସିବା ପରେ ଗତ ୧୬ ଘଣ୍ଟା ମଧ୍ୟରେ ରୁଷ ଓ ତା'ର ଆଖପାଖ ଅଞ୍ଚଳରେ ୧୨୫ଟି ଭୂକମ୍ପ ପରବର୍ତ୍ତୀ ଝଟ୍‌କା (ଆଫ୍ଟରସକ) ଅନୁଭୂତ ହୋଇଥିଲା ବୋଲି ଆମେରିକାର ଜିଓଲୋଜିକାଲ ସର୍ଭେ ତରଫରୁ ସୂଚନା ଦିଆଯାଇଛି। ଏହି ଆଫ୍ଟରସକ୍‌ର ତୀବ୍ରତା ୪.୪ କିମ୍ବା ତା'ଠାରୁ ଅଧିକ ଥିଲା। ଏଗୁଡିକ ମଧ୍ୟରେ ୩ଟି ଝଟ୍‌କା ୬.୦ରୁ ଅଧିକ ଥିଲା ଓ ସବୁଠାରୁ ବଡ଼ ଝଟକାର ତୀବ୍ରତା ୬.୯ ଥିଲା। ପୁଣି ବୁଧବାର ମୁଖ୍ୟ ଭୂକମ୍ପ କେନ୍ଦ୍ରର ଦକ୍ଷିଣ- ପଶ୍ଚିମ ଦିଗରେ ୨୦୦ ମାଇଲ ଦୂରରେ ୬.୪ ତୀବ୍ରତା ବିଶିଷ୍ଟ ଆଉଏକ ଝଟକା ଅନୁଭୂତ ହୋଇଥିଲା।

## ମୁମ୍ବାଇ ବିମାନ ବନ୍ଦରରେ ୮ କୋଟିର ଡ୍ରଗ୍ସ ଜବତ

ମୁମ୍ବାଇ, ୩୧।୭(ଏଜେନ୍ସି): ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୮ କୋଟି ଟଙ୍କା ଡ୍ରଗ୍ସ ଜବତ ହୋଇଛି। ବ୍ୟାଙ୍କକରୁ ଆସିଥିବା ଦୁଇଟି ବିମାନରୁ ଗଞ୍ଜେଇ ଜବତ କରାଯାଇଛି। ମୁମ୍ବାଇ କଷ୍ଟମ ଡିପାର୍ଟମେଣ୍ଟର ଆଭିଏସନ ଅଧିକାରୀମାନେ ଜୁଲାଇ ୨୯ ଓ ୩୦ ତାରିଖରେ ଏହି ଡ୍ରଗ୍ସ ଜବତ କରିଛନ୍ତି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ବ୍ୟାଙ୍କକ୍‌ରୁ ଅବତରଣ କରିଥିବା ବିଜି ୬୬୦ ବିମାନରୁ ୩ ଜର ସଂଦିଗ୍ଧଙ୍କୁ ଅଟକ ରଖାଯାଇଥିଲା। ଏମାନଙ୍କଠାରୁ ଯାଞ୍ଚ୍ କରାଯିବା ପରେ ୧.୯୯୦ କେଜି ଗଞ୍ଜେଇ ମିଳିଥିଲା। ବଜାରେ ଏହାର ମୂଲ୍ୟ ପାଖାପାଖି ୨ କୋଟି ଟଙ୍କା ବୋଲି କୁହାଯାଇଛି। ସେହିପରି ବ୍ୟାଙ୍କକରୁ ଆସିଥିବା ୬ଇ ୧୦୬୦ ବିମାନରେ ଜଣେ ଯାତ୍ରୀଙ୍କ ପାଖରୁ ୬.୨୨ କେଜି ଗଞ୍ଜେଇ ଜବତ କରାଯାଥିଲା ଓ ଏହାର ମୂଲ୍ୟ ୬ କୋଟି ଟଙ୍କା ବୋଲି କୁହାଯାଇଛି। ଏହି ଦୁଇଟି ମାମଲାରେ ଆଭିଏସନ ଅଧିକାରୀମାନେ ମୋଟ ଉପରେ ୮ କେଜି ଟଙ୍କାର ଡ୍ରଗ୍ସ ଜବତ କରିଛନ୍ତି। ଏହି ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୂର୍ବରୁ ପାଖାପାଖି ୪ ମାସ ତଳେ ଗୁଜରାଟ୍‌ରେ ଇଣ୍ଡିଆନ କୋଷ୍ଟ ଗାର୍ଡ (ଆଇସିଜି) ୩୦୦ କେଜି ଡ୍ରଗ୍ସ ଜବତ କରିଥିଲା ଓ ଏହାର ମୂଲ୍ୟ ପାଖାପାଖି ୧, ୮୦୦ କୋଟି ଟଙ୍କା ବୋଲି କୁହାଯାଇଥିଲା।

## ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବ କାନାଡ଼ା

ଓଟାୱା, ୩୧।୭(ଏଜେନ୍ସି): ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବା ପାଇଁ ପାଶ୍ଚାତ୍ୟ ଦେଶଗୁଡିକରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ଫ୍ରାନ୍ସ ଓ ବ୍ରିଟେନ ପରେ କାନାଡା ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ମାନ୍ୟତା ଦେବାକୁ ଅଣ୍ଟା ଭିଡିଛି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଏ ନେଇ ଘୋଷଣା କରିଛନ୍ତି। ଆଗାମୀ ସେପ୍ଟେମ୍ବରରେ ଜାତିସଂଘରେ ଆୟୋଜନ ହେବାକୁ ଥିବା ସାଧାରଣ ସଭାରେ ପାଲେଷ୍ଟାଇନ୍‌କୁ ଔପଚାରିକ ଭାବେ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଜି-୭ର ତୃତୀୟ ରାଷ୍ଟ୍ର ଭାବେ କାନାଡା ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଘୋଷଣା କରିଛି। ଗାଜା ପଟିରେ ଗତ ଦୁଇ ବର୍ଷ ହେବ ଇସ୍ରାଏଲ ଓ ହମାଦ ମଧ୍ୟରେ ଯୁଦ୍ଧ ଚାଲିଛି। ଏଠାରେ ଖାଦ୍ୟ ଓ ଜଳ ସଂକଟ ଦେଖାଦେଇଛି। ଏଥିପାଇଁ ବିଶ୍ୱରେ ଇସ୍ରାଏଲ ଉପରେ ଚାପ ବୃଦ୍ଧି ପାଇବାରେ ଲାଗିଛି। ଅବଶ୍ୟ ପାଲେଷ୍ଟାଇନକୁ ମାନ୍ୟତା ଦେବାରେ ଇସ୍ରାଏଲ କୋଡୋଟି ସର୍ତ୍ତ ରଖିଛି। ଏଥିସହ କାର୍ଣ୍ଣି ପାଲେଷ୍ଟାଇନ୍‌କୁ ୬୩ କୋଟି ଟଙ୍କାର ଆର୍ଥିକ ସାହାଯ୍ୟ ଦେବାକୁ ମଧ୍ୟ ଘୋଷଣା କରିଛି।

## ହରିଦ୍ୱାରରେ ୪୮ କ୍ରସର ୟୁନିଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ

ନୈନିତାଲ, ୩୧।୭(ଏଜେନ୍ସି): ହରିଦ୍ୱାର ଅଞ୍ଚଳରେ ଚାଲୁଥିବା ୪୮ଟି ଷ୍ଟୋନ କ୍ରସରକୁ ବନ୍ଦ କରିବାକୁ ଉତ୍ତରାଖଣ୍ଡ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରସରଗୁଡିକଠାରୁ ବିଦ୍ୟୁତ ସଂଯୋଗ କାଟିବା ସହ ଜଳ ଯୋଗାଣକୁ ତୁରନ୍ତ ବନ୍ଦ କରବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ଗୋଟିଏ ସପ୍ତାହ ମଧ୍ୟରେ ଏ ନେଇ କି ପଦକ୍ଷେପ ନିଆଯାଇଛି ସେ ସେ ନେଇ ରିପୋର୍ଟ ଦେବାକୁ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବରରେ ୧୨ରେ ହେବ। ହରିଦ୍ୱାର ମାତୃ ସଦନ ଏହି ମାମଲାରେ ପିଆଇଏଲ୍ ଦାଏର କରିଥିଲା। ହରିଦ୍ୱାର ନିକଟରେ ଗଙ୍ଗନଦୀ କୂଳରେ ଅବୈଧ ଖନନ୍ ନେଇ ଓ ଗଙ୍ଗାନଦୀ ଅସ୍ତିତ୍ୱ ନେଇ ଚିନ୍ତା ଜାହିର କରାଯାଇଥିଲା। ପୁଣି ଗଙ୍ଗା ନଦୀରେ ଚାଲିଥିବା ଅବୈଧ ଖନନକୁ ରୋକିବା ପାଇଁ ଆବେଦନରେ ଉଲ୍ଲେଖ କରାଯାଇଥିଲା। ଏବେ କୁମ୍ଭ କ୍ଷେତ୍ରରେ ଖନନ କରାଯାଉଥିବାରୁ ଗଙ୍ଗା ନଦୀର ଅସ୍ତିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କୁହାଯାଇଛି।

## ଚୀନ୍‌ରେ ବନ୍ୟା ଓ ଭୂସ୍ଖଳନ; ୩୪ ମୃତ

ବେଜିଂ, ୩୧।୭(ଏଜେନ୍ସି): ଚୀନ୍‌ରେ ବନ୍ୟା କାରଣରୁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଓ ଭୁସ୍ଖଳନ ଯୋଗୁଁ ୩୪ ଲୋକ ମୃତ୍ୟୁବରଣ କରିଛନ୍ତି। ବେଜିଂ ଓ ତା'ର ଆଖପାଖ ଅଞ୍ଚଳରେ ୮୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି। ବେଜିଂରେ ଏ ନେଇ ହାଇ ଆଲର୍ଟ ଜାରି କରାଯାଇଛି ଓ ସବୁ ପ୍ରକାର ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଛି। ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରାଷ୍ଟ୍ରପତି ସି ଜିନପିଙ୍ଗ୍ ନିର୍ଦ୍ଦେଶ ଦେଇଛନ୍ତି।

## ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ୍ ପିଲା ୟୁଟ୍ୟୁବରେ ଆକାଉଣ୍ଟ ଖୋଲିପାରିବେନି

କାନବେରା, ୩୧।୭(ଏଜେନ୍ସି): ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ୍ ବୟସ୍କ ପିଲା ସୋସିଆଲ ମିଡିଆ ୟୁଟ୍ୟୁବରେ ଆକାଉଣ୍ଟ ଖୋଲିପାରିବେ ନାହିଁ। ଅଗାମୀ ଡିସେମ୍ବର ୧୦ରୁ ଏହି ନୂଆ ନିୟମ ଲାଗୁ ହେବ ବୋଲି ଅଷ୍ଟ୍ରେଲିଆ ଟେଲିକମ୍ୟୁନିକେସନ ମନ୍ତ୍ରୀ ଅନିକା ବେଲ୍ସ କହିଛନ୍ତି। ତେବେ ପିଲାମାନେ ୟୁଟ୍ୟୁବ ବ୍ୟବହାର କରି ଭିଡିଓ ଦେଖିପାରିବେ ବୋଲି କୁହାଯାଇଛି। ଗତବର୍ଷ ନଭେମ୍ବରରେ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ୍ ବୟସ୍କ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ କରିବାକୁ ସଂସଦରେ ବିଲ ପାସ୍ ହୋଇଥିଲା। ଏଥିରେ ଫେସବୁକ୍, ଇନଷ୍ଟାଗ୍ରାମ, ସ୍ନାପ୍ ଚାଟ, ଟିକଟକ ଓ ଏକ୍ସ ଭଳି ପ୍ଲାଟଫର୍ମ ସାମିଲ ରହିଥିଲା। ସେତେବେଳେ ଏଥିରେ ୟୁଟ୍ୟୁବ୍‌କୁ ସାମିଲ କରାଯାଇ ନଥିଲା। ଏଥିସହ ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ସୋସିଆଲ ମିଡିଆକୁ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ବ୍ୟାନ କରି ଏକ ଦୃଷ୍ଟାନ୍ତମୂଳକ ପ୍ରଦକ୍ଷେପ ନେଇଛି। ଏହି ଆଇନ୍ ଅନୁସାରେ ପିତାମାତାଙ୍କ ସହମତି କିମ୍ବା ପୂର୍ବରୁ ଖୋଲାଯାଇଥିବା ଆକାଉଣ୍ଟକୁ ଅନୁମତି ଦିଆଯାଇନାହିଁ। ଅଗାମୀ ଗୋଟିଏ ବର୍ଷ ମଧ୍ୟରେ ଏହି ଆଇନ କାର୍ଯ୍ୟକାରୀ ହେବ। ତେବେ ଗେମିଂ ଓ ମେସେଜିଂ ଆପ୍ ଉପରେ କୌଣସି ନିଷେଧାଦେଶ ଜାରି କରାଯାଇନାହିଁ।




## କାର୍ ସହ ଜିଅନ୍ତା ଜଳିଗଲେ ଯୁବକଯୁବତୀ

ଅମୃତସର, ୩୧।୭(ଏଜେନ୍ସି): ପଞ୍ଜାବର ଅମୃତସରରେ ଗୁରୁବାର ଅପରାହ୍ଣରେ ଏକ କାର୍ ସହ ଯୁବକ ଓ ଯୁବତୀ ଜିଅନ୍ତା ଜଳିଯାଇଛନ୍ତି। ପେଟ୍ରୋଲ ନେଇ ଏକ ଟ୍ୟାଙ୍କର ଯାଉଥିବା ବେଳେ ଟାୟାର ଫାଟି ଯାଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ଟ୍ୟାଙ୍କର ଏକ କାର୍‌କୁ ଧକ୍କା ଦେଇଥିଲା। ଟ୍ୟାଙ୍କର ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର୍‌ରେ ନିଆଁ ଲାଗି ଯାଇଥିଲା। ଫଳରେ କାରରେ ବସିଥିବା ଯୁବକ ଓ ଯୁବତୀ ଜିଅନ୍ତା ଜଳି ଯାଇଥିଲେ ଓ ଘଟଣାସ୍ଥଳରେ ହିଁ ଦୁହେଁ ମୃତ୍ୟୁବରଣ କରିଥିଲେ। ଧକ୍କା ଖାଇବା ପରେ କାର ରେଲିଂରେ ବାଡେଇ ହେବା ପରେ ନିଆଁ ଲାଗିଯାଇଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଘଟଣା ପରେ ଟ୍ୟାଙ୍କର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଧଘଣ୍ଟା ପରେ ଦମକଳ ଆସିଥିଲା। ଏହାପରେ ସେନାର ଟିମ ଆସି କାରକୁ କାଟି ମୃତଦେହ ବାହର କରିଥିଲା। ମୃତଦେହକୁ ଚିହ୍ନଟ କରାଯାଇନାହିଁ। କିନ୍ତୁ କାରରେ ଦିଲ୍ଲୀର ନମ୍ବର ପ୍ଲେଟ ରହିଛି। ଟ୍ୟାଙ୍କର ଜଳନ୍ଧରରୁ ପେଟ୍ରୋଲ ନେଇ ଆସୁଥିଲା।



### ମାଲେଗାଁଓ ବିସ୍ଫୋରଣ

## ପ୍ରଜ୍ଞା, ପୁରୋହିତ ଦୋଷମୁକ୍ତ

ମୁମ୍ବଇ, ୩୧।୭(ଏଜେନ୍ସି): ମହାରାଷ୍ଟ୍ରର ମଲେଗାଁଓ ବିସ୍ଫୋରଣରେ ସାଧ୍ୱୀ ପ୍ରଜ୍ଞା ଓ କର୍ଣ୍ଣଲ ପୁରୋହିତଙ୍କ ସମେତ ୭ ଜଣ ଅଭିଯୁକ୍ତ ଖଲାସ ହୋଇଛନ୍ତି। ଏନ୍‌ଆଇଏର ସ୍ୱତନ୍ତ୍ର କୋର୍ଟ ୭ ଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ବିଜେପିର ପୂର୍ବତନ ସାଂସଦ ସାଧ୍ୱୀ ପ୍ରଜ୍ଞ ଠାକୁର, କର୍ଣ୍ଣଲ ପ୍ରସାଦ ପୁରୋହିତ, ରମେଶ ଉପାଧ୍ୟାୟ, ଅଜୟ ରହିରକର, ସୁଧାକର ଜତୁର୍ବେଦୀ, ସମୀର କୁଲକର୍ଣ୍ଣୀ ଓ ସୁଧାକର ଧର ଦ୍ୱିବେଦୀ ଏହି ବିସ୍ଫୋଣରେ ମୁଖ୍ୟ ଅଭିଯୁକ୍ତ ଥିଲେ। ପୀଡିତଙ୍କ ଓକିଲ ସହୀଦ ନବୀନ ଅନସାରୀ ଏନ୍‌ଆଇଏ କୋର୍ଟର ଏହି ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ଏହି ମାମଲାରେ ଯାଞ୍ଚ୍ ଏଜନ୍ସି ଓ ସରକାର ବିଫଳ ହୋଇଛନ୍ତି।

ମାଲେଗାଁଓରେ ୨୦୦୮ରେ ସେପ୍ଟେମ୍ବର ୨୯ରେ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୬ଜଣ ଲୋକ ପ୍ରାଣ ହରାଇଥିଲେ ଓ ପାଖାପାଖି ୧୦୦ ଲୋକ ଆହତ ହୋଇଥିଲେ। ପାଖାପାଖି ୧୭ ବର୍ଷ ପରେ ଆସିଥିବା ଏହି ରାୟ ନେଇ ବିଚାରପତି ଏକେ ଲାହୋଟି କହିଛନ୍ତି ଯେ, ଯାଞ୍ଚ୍ ଏଜେନ୍ସି ଏହି ବହୁ ଚର୍ଚ୍ଚିତ ମାମଲାରେ ଅଭିଯୋଗ ପ୍ରମାଣ କରିବାରେ ବିଫଳ ହୋଇଛନ୍ତି। ଏପରି ସ୍ଥଳେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ବିସ୍ଫୋରଣ ହୋଇଥିଲା। କିନ୍ତୁ ବମ୍ ମଟରସାଇକଲରେ ରଖାଯାଇଥିଲା ବୋଲି କୌଣସି ପ୍ରମାଣ ମିଳିନାହିଁ ବୋଲି ଜଜ୍ ଲାହୋଟି କହିଛନ୍ତି। ପୁଣି ଏହି ମୋଟରସାଇକଲ ସାଧ୍ୱୀ ପ୍ରଜ୍ଞାଙ୍କ ନାମରେ ରହିଛ ବୋଲି ତାହା ମଧ୍ୟ ପ୍ରମାଣିତ ହୋଇନାହିଁ। ସେହିପରି କର୍ଣ୍ଣଲ ପୁରୋହିତ ବମ୍ ବନାଇଥିଲେ ବୋଲି ତାହା ମଧ୍ୟ ପ୍ରମାଣିତ ହୋଇନାହିଁ। ଏହ ମାମଲାର ରାୟ ୨୦୨୫ ମେ ୮ରେ ଆସିବାରଥିଲା। କିନ୍ତୁ କୋର୍ଟ ପୁଣି ରାୟକୁ ଜୁଲାଇ ୩୧ ପର୍ଯ୍ୟନ୍ତ ସୁରକ୍ଷିତ ରଖିଥିଲେ। ମାଲେଗାଁଓ ବିସ୍ଫୋରଣ ମାମଲା ନେଇ ମହାରାଷ୍ଟ୍ର ଏଟିଏସ୍ ପ୍ରାରମ୍ଭ ଯାଞ୍ଚ୍ କରିଥିଲା। ୨୦୧୧ରେ ଏହି ମାମଲାକୁ ଏନ୍‌ଆଇଏକୁ ଯାଞ୍ଚ୍ ପାଇଁ ସମର୍ପିତ କରାଯାଇଥିଲା। ୨୦୧୬ରେ ଏନ୍‌ଆଇଏ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ୩ ଯାଞ୍ଚ୍ ଏଜେନ୍ସି ଓ ୪ଜଣ ବିଚାରପତି ବଦଳି ହୋଇଛନ୍ତି। ଏହି ବିସ୍ଫୋରଣରେ ପ୍ରଥମେ ହିନ୍ଦୁ ସଂଗଠନକୁ ଦାୟୀ କରାଯାଇଥିଲା। ୨୦୧୭ରେ ଏହି ମାମଲାରେ ପ୍ରଜ୍ଞା ଠାକୁରଙ୍କୁ ଜାମିନ ମିଳିଥିଲା। ୨୦୧୯ରେ ପ୍ରଜ୍ଞା ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି। ବିଭିନ୍ନ ରାଜନୈତିକ ଦଳ ଓ ନେତାମାନେ କୋର୍ଟଙ୍କର ଏହି ରାୟ ନେଇ ମତ ଦେଇଛନ୍ତି।



## ଏନ୍‌ଡିଏରୁ ଅଲଗାହେଲେ ପନିର୍‌ସେଲଭମ୍



ଚେନ୍ନଇ, ୩୧।୭(ଏଜେନ୍ସି): ତାମିଲନାଡୁରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନିର୍‌ସେଲଭମ୍ ସମସ୍ତଙ୍କୁ ଚକିତ କରି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏଠାରୁ ଅଲଗା ହୋଇଛନ୍ତି। ଫଳରେ ତାମିଲନାଡୁ ରାଜନୈତିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନ ହେବ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ତାଙ୍କୁ ଏଆଇଏଡିଏମ୍‌କେ ପାର୍ଟିରୁ ମଧ୍ୟ ବହିଷ୍କାର କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କୁ ପ୍ରାତଃ ଭ୍ରମଣ ଅବସରରେ ଭେଟିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ଓପିଏସ୍ ନାମରେ ପରିଚିତ ପନିର୍‌ସେଲଭମ୍ ଡିଏମ୍‌କେରେ ମିଶିବେ ବୋଲି ଆଶା କରାଯାଉଛି। କିନ୍ତୁ ସେ ତାମିଲ ଅଭିନେତା ବିଜୟଙ୍କ ପାର୍ଟି 'ତାମିଲାଗା ଭେଟ୍ରି କାଜଘମ୍' ପାର୍ଟିରେ ଯୋଗ ଦେବେ ବୋଲି ସେ ସୂଚନା ଦେଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିଠି ଲେଖି ଭେଟିବାକୁ ଇଚ୍ଛା ଜାହିର କରିଥିଲେ। କିନ୍ତୁ ତାଙ୍କୁ ଅନୁମତି ଦିଆଯାଇ ନଥିଲା ଓ ଏଥିରେ ନୈରାଶ୍ୟ ଜାହିର କରିଥିଲେ। ପୁଣି ସର୍ବ ଶିକ୍ଷା ଅଭିଯାନ (ଏସ୍‌ଏସ୍‌ଏ)ରେ ପାଣ୍ଠି ବିତରଣରେ ବିଳମ୍ବ ହେବାରୁ ସାମାଜିକ ଗଣମାଧ୍ୟମରେ ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ସିଧାସଳଖ ସମାଲୋଚନା କରିଥିଲେ। ଖାସ୍ ଏହି କାରଣରୁ ଏନ୍‌ଡିଏ ସହ ତାଙ୍କର ସମ୍ପର୍କ ଖରାପ ହୋଇଥିଲା ଓ ଏବେ ସେ ଏନ୍‌ଡିଏଠାରୁ ନିଜକୁ ଅଲଗା କରିଛନ୍ତି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଏଆଏଡିଏମ୍‌କେଠାରୁ ଅଲଗା ହେବା ପରେ ସେ ନିଜର ସଂଗଠନ ଗଠନ କରିଥିଲେ। ୨୦୨୬ରେ ତାମିଲନାଡୁ ବିଧାନସଭା ନିର୍ବାଚନ ଆୟୋଜନ ହେବ।



## ଜର୍ମାନୀ ଟିକ୍‌ଟକର୍ ବେଙ୍ଗାଲୁରୁରେ ଅଟକ

ବେଙ୍ଗାଲୁରୁ, ୩୧।୭(ଏଜେନ୍ସି): ଜର୍ମାନୀ ଟିକ୍‌ଟକର ନୋଏଲ ରବିନସନଙ୍କୁ ବେଙ୍ଗାଲୁରୁ ପୁଲିସ ଅଟକ ରଖିଛି। ଷ୍ଟ୍ରିଟ୍ ଡ୍ୟାନ୍ସ ଭିଡିଓ ବନାଇ ପ୍ରସିଦ୍ଧି ଲାଭ କରିଥିବା ନୋଏଲ୍ ରାସ୍ତା ଉପରେ ପାରମ୍ପରିକ ଭାରତୀୟ ପୋଷାକ ପରିଧାନ କରି ଏକ ଭିଡିଓ ବନାଉଥିଲେ। ଏହାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ଫଳରେ ସାର୍ବଜନୀନ ସୁରକ୍ଷା ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ନୋଏଲ୍‌ଙ୍କୁ ପୁଲିସ ଥାନକୁ ନେଇ ୧୫ ମିନିଟ ଅଟକ ରଖିଥିଲା। ବିନା ଅନୁମତିରେ ରାସ୍ତା ଉପରେ ଭିଡିଓ ବନାଉଥିବାରୁ ତାଙ୍କ ଉପରେ ଜରିମାନ ଧାର୍ଯ୍ୟ କରାଯାଇଥିଲା। ସମ୍ପୂର୍ଣ୍ଣ ଭାବେ ଠିକ ଅଛି ବୋଲି ନୋଏଲ ଇନଷ୍ଟାଗ୍ରାମରେ ପୋଷ୍ଟ କରି ଅବଗତ କରାଇଛନ୍ତି। ପ୍ରଥମଥର ପାଇଁ ମୋତେ ଥାନାକୁ ନିଆଯାଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ମୋତେ ଜେଲକୁ ପଠାଇ ଦିଆଯିବ ବୋଲି ଆଶଙ୍କା କରୁଥିଲି। କିନ୍ତୁ ସୌଭାଗ୍ୟବଶତଃ ଏପରି ହୋଇ ନଥିଲା। ମୁଁ ଠିକ୍ ଅଛି ଓ ଭାରତକୁ ବହୁତ ଭଲ ପାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ୟୁନେସ ଜାରୋଉ ନାମକ ଆଉ ଜଣେ ଜର୍ମାନୀ ଟିକଟକରଙ୍କୁ ମଧ୍ୟ ବେଙ୍ଗାଲୁରୁ ପୁଲିସ ଚର୍ଚ୍ଚ ଷ୍ଟ୍ରିଟ୍ ଏରିଆରେ ଅଟକ ରଖିଥିଲା। ନୋଏଲ ରବିନସନ ଜଣେ କନଟେଣ୍ଟ କ୍ରିଏଟର ଓ ଡ୍ୟାନ୍ସର ଭାବେ ସୋସିଆଲ ମିଡିଆରେ ବେଶ ସକ୍ରିୟ ଅଛନ୍ତି। ଜାଙ୍କର ଜବରଦସ୍ତ ସଂଖ୍ୟରେ ଫଲୋଅର୍ସ ରହିଛନ୍ତି।

### ୧୦ ବିଆରଏସ୍ ବିଧାୟକଙ୍କ ଦଳବଦଳ ମାମଲା

## ତେଲଙ୍ଗାନା ବାଚସ୍ପତିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ତେଲଙ୍ଗାନାରେ ବିଆର୍‌ଏସ୍‌ର ୧୦ ଜଣ ବିଧାୟକ ଶାସକ କଂଗ୍ରେସରେ ଯୋଗଦେବା ପରେ ସେମାନଙ୍କ ବିରୋଧରେ ଆଗତ ପିଟିସନ ଉପରେ ବାଚସ୍ପତି ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମ କୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ହୋଇଥିବା ପିଟିସନ ଉପରେ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାଲାଗି ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଏହି ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ 'ଅସ୍ତ୍ରୋପଚାର ସଫଳ, ରୋଗୀ ମୃତ' ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଦିଆଯାଇବ ନାହିଁ। ବାଚସ୍ପତି ତାଙ୍କର ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ଦଳବଦଳ କରିଥିବା ବିଧାୟକମାନେ ଫାଇଦା ଉଠାଉଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ଏବଂ ଜଷ୍ଟିସ ମନିଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ ଉପରୋକ୍ତ ୧୦ ଜଣ ବିଧାୟକଙ୍କ ବିରୋଧରେ ମାର୍ଚ୍ଚ ୨୦୨୪ରେ ପିଟିସନ ଆଗତ ହୋଇଥିବା ବେଳେ ଏହାଉପରେ ନୋଟିସ ଜାରି କରିବା ଲାଗି ବାଚସ୍ପତିଙ୍କୁ ୭ ମାସ ଲାଗିଗଲା। ତାହାମଧ୍ୟ ଏହି ଅଦାଲତରେ ମାମଲାର ଶୁଣାଣି ହେବାର ଗୋଟିଏ ଦିନ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ନୋଟିସ ଜାରି କରିବାକୁ ବାଚସ୍ପତିଙ୍କୁ ଏତେମାସ କାହିଁକି ଲାଗିଲା ବୋଲି ପ୍ରଶ୍ନ ଉଠାଇ କୋର୍ଟ କହିଲେ ଯେ ସାଂସଦ/ବିଧାୟକମାନଙ୍କ ଦଳବଦଳ ଏକ ଚିନ୍ତାଜନକ ବିଷୟ। ଏହାକୁ ରୋକାନଗଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ବାଚସ୍ପତିଙ୍କୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାଲାଗି କୁହାଯାଉଛି। ଜଣେ ଅଭିଯୁକ୍ତ ବିଧାୟକ ଲୋକସଭା ନିର୍ବାଚନରେ କଂଗ୍ରେସ ଟିକଟରେ ଲଢ଼ିଥିଲେ। ହାରିଯିବା ପରେ ସେ ବିଧାୟକ ପଦରେ ରହିଲେ। ବାଚସ୍ପତିଙ୍କ ଏଭଳି ଆଭିମୁଖ୍ୟ ବିରୋଧରେ ବିଆରଏସ୍ ପକ୍ଷରୁ ଆଗତ ପିଟିସନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନି।।ର୍ଦ୍ଦେଶ ଦେଇଛନ୍ତି। ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ବାଚସ୍ପତିଙ୍କ ପଦକ୍ଷେପ ଉପରେ କୋର୍ଟ ହସ୍ତକ୍ଷେପ କରିପାରିବେ।

**ତିନି ମାସ ମଧ୍ୟରେ ନିଷ୍ପତ୍ତି ପାଇଁ ନିର୍ଦ୍ଦେଶ**



## କର୍ଣ୍ଣାଟକରେ ନୂଆ ବ୍ଲଡ୍ ଗ୍ରୁପ୍ 'ସିଆରଆଇବି'




ବେଙ୍ଗାଲୁରୁ, ୩୧।୭(ଏଜେନ୍ସି): କର୍ଣ୍ଣାଟକର କୋଲାର ଜିଲ୍ଲାରେ ଜଣେ ୩୮ ବର୍ଷୀୟା ମହିଳାଙ୍କଠାରେ ଡାକ୍ତରମାନେ ଏକ ନୂଆ ବ୍ଲଡ୍ ଗ୍ରୁପ୍ ପାଇଛନ୍ତି। ଏଭଳି ବ୍ଲଡ ଗ୍ରୁପ୍ ବିଶ୍ୱରେ କେଉଁଠାରେ ଦେଖିବାକୁ ମିଳିନାହିଁ। ଏହି ବ୍ଲଡ ଗ୍ରୁପ୍‌କୁ 'ସିଆରଆଇବି'ର ନାମ ଦିଆଯାଇଛି। ଏପର୍ଯ୍ୟନ୍ତ ବିଶ୍ୱରେ ଏହି ବ୍ଲଡ୍ ଗ୍ରୁପ୍ କେବଳ ୧୦ ଜଣ ଲୋକଙ୍କର ରହିଛି। ମହିଳାଙ୍କର ହାର୍ଟ ସର୍ଜରୀ କରିବାକୁ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଏହା ଜଣା ପଡ଼ିଥିଲା। ମହିଳାଙ୍କ ବ୍ଲଡ୍ ଗ୍ରୁପ୍ ଓଆରଏଚ୍+ ଥିଲା ଓ ଏକ ସାଧାରଣ ବ୍ଲଡ୍ ଗ୍ରୁପ୍ ବୋଲି ଧରାଯାଇଥାଏ। କିନ୍ତୁ ଯେତେବେଳେ ଅସ୍ତ୍ରୋପଚାର ପାଇଁ ରକ୍ତ ଯୋଗାଡ କରାଗଲା, ସେତେବେଳେ କୌଣସି ଓ+ ୟୁନିଟ୍ ତାଙ୍କ ସହ ମେଳ ଖାଇ ନଥିଲା। ମାମଲା ଗମ୍ଭୀର ବୋଲି ଡାକ୍ତରମାନେ ହୃଦୟଙ୍ଗମ କରିବା ପରେ ତାଙ୍କ ରକ୍ତ ନମୁନାକୁ ରୋଟାରୀ ବେଙ୍ଗାଲୁରୁ ଟିଟିକ ବ୍ଲଡ୍ ସେଣ୍ଟରର ଆଡଭାନ୍ସ ଲାବ୍‌କୁ ପଠାଯାଇଥିଲା। ମହିଳାଙ୍କ ୨୦ ଜଣ ସମ୍ପର୍କୀୟଙ୍କ ରକ୍ତ ନମୁନାକୁ ଯାଞ୍ଚ୍ କରାଯାଇଥିଲା। କିନ୍ତୁ କାହା ସହ ତାଙ୍କର ମେଳ ଖାଇ ନଥିଲା। ଫଳ ରକ୍ତ ନ ନେଇ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଓ ଏହା ସଫଳ ହୋଇଥିଲା। କିନ୍ତୁ ତାଙ୍କ ରକ୍ତ ନମୁନାକୁ ବ୍ରିଟେନର ବ୍ରିଷ୍ଟଲ ସ୍ଥିତ ଇଣ୍ଟରନ୍ୟାସନାଲ ବ୍ଲଡ୍ ଗ୍ରୁପ୍ ରେଫରେନ୍ସ ଲାବ (ଆଇବିଜିଆରଏଲ୍)କୁ ପଠାଯାଇଥିଲା। ବହୁ ରିସର୍ଚ୍ଚ ଓ ପରୀକ୍ଷା ପରେ ମହିଳାଙ୍କର ଏକ ନୂଆ ବ୍ଲଡ ଗ୍ରୁପ୍ ଆଣ୍ଟିଜେନ ଖୋଜି ପାଇଥିଲେ।

## ପାକିସ୍ତାନକୁ ଝଟ୍‌କା; କଶ୍ମୀରରେ ହେବ ଦେଶର ସର୍ବବୃହତ୍ ହାଇଡ୍ରୋ ପ୍ରକଳ୍ପ

ଶ୍ରୀନଗର, ୩୧।୭(ଏଜେନ୍ସି): ଜମ୍ମୁ-କଶ୍ମୀରର ଚେନାବ ନଦୀ ଉପରେ ସର୍ବବୃହତ ହାଇଡ୍ରୋ ପ୍ରୋଜେକ୍ସ ନିର୍ମାଣ କରିବାକୁ ଭାରତ ଯୋଜାନ କରୁଛି। ପାକିସ୍ତାନର ସହ ସିନ୍ଧୁ ନଦୀ ଚୁକ୍ତିରୁ ଓହରିଯିବା ପରେ ଭାରତ ଏହି ଯୋଜନା ଉପରେ କାର୍ଯ୍ୟ କରିବା ଆରମ୍ଭ କରିଛି। ଏହା ୧୮୫୬- ମେଗାୱାଟ କ୍ଷମତା ବିଶିଷ୍ଟ ଏହି ହାଇଡ୍ରୋ ପ୍ରୋଜେକ୍ଟ ପାକିସ୍ତାନର ଆପତ୍ତି ସତ୍ତ୍ୱେ ନିର୍ମାଣ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବୁଧବାର ଅପରେସନ ସିନ୍ଦୂର ନେଇ ଚର୍ଚ୍ଚା ଅବସରରେ ଏକ ପ୍ରଶ୍ନର ଉତ୍ତର ଦେଇ ଏହି ବିଷୟରେ ସୂଚନା ଦେଇଛନ୍ତି। ଏ ନେଇ ନ୍ୟାସନାଲ ହାଇଡ୍ରୋଇଲେକଟ୍ରିକ୍ ପାୱାର କର୍ପୋରେସନ (ଏନ୍‌ଏଚ୍‌ପିସି) ଏହି ସାୱାଲକୋଟ ହାଇଡ୍ରୋ ପ୍ରୋଜକ୍ଟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛି। ଏନ୍‌ଏଚ୍‌ପିସି ଔପଚାରିକ ଭାବେ ଏକ ଅନ୍ତର୍ଜାତୀୟ କମ୍ପିଟେଟିଭ ବିଡିଂ (ଆଇସିବି) ସ୍ତରରେ ବିଡ୍ ଆହ୍ୱାନ କରିଛି। ସେପ୍ଟେମ୍ବର ୧୦କୁ ବିଡ୍ ଦାଖଲ କରିବାର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହି ମହତ୍ତ୍ୱାକାଂକ୍ଷୀ ପ୍ରୋଜେକ୍ସ ଏନ୍‌ଟିପିସି ଓ ଜମ୍ମୁ-କାଶ୍ମୀର ପାୱାର ଡେଭଲପମେଣ୍ଟ କର୍ପୋରେସନ ମିଳିତ ଉଦ୍ୟମରେ ନିର୍ମାଣ ହେବ। ୧୯୮୦ରେ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା। କିନ୍ତୁ କେତୋଟି ଅନ୍ୟ ପ୍ରୋଜେକ୍ଟ ସହ ଏହାକୁ କାର୍ଯ୍ୟକାରୀ କରାଯାଇ ନଥିଲା। ୨୨, ୭୦୪ କୋଟି ଟଙ୍କା ବିନିମୟରେ ଏହି ମେଗା ପ୍ରୋଜେକ୍ଟ ଦୁଇଟି ପର୍ଯ୍ୟାୟରେ ନିର୍ମାଣ ହେବ। ସିନ୍ଧୁ ଚୁକ୍ତିରୁ ଓହରିବା ପରେ ସରକାର ଏହି ପରକଳ୍ପନା ସହ ଅନ୍ୟ ୬ଟି ପ୍ରୋଜେକ୍ସର ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ଯୋଜନା ଆରମ୍ଭ କରିଛି। ଉଲ୍ଲେଖଥାଉ କି, ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ଜଳ ବଣ୍ଟନ ଚୁକ୍ତିରୁ ଭାରତ ଓହରିଯିବାକୁ ଘୋଷଣା କରିଥିଲା। ଆତଙ୍କବାଦୀମାନେ ଧର୍ମ ପଚାରି ୨୬ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ।



# ରାଜ୍ୟସଭାରେ ଉଠିଲା ଓଡ଼ିଶାରେ ମହିଳା ଓ ଶିଶୁ ନିର୍ଯାତନା

## ବିଜେଡି ସାଂସଦଙ୍କ ହଟ୍ଟଗୋଳ, ଗୃହ ମୁଲତବୀ

**ଭୁବନେଶ୍ୱର,୩୧।୭ (ସମିସ):** ଓଡ଼ିଶାରେ ବଢୁଥିବା ମହିଳା ଓ ଶିଶୁ କନ୍ୟାଙ୍କ ବଢୁଥିବା ଜଘନ୍ୟ ଅପରାଧକୁ ନେଇ ଗୁରୁବାର ରାଜ୍ୟସଭାରେ ଆଲୋଚନା ପାଇଁ ନୋଟିସ ଦେଇଥିଲା ବିଜେଡି। ଏପରି ସ୍ପର୍ଶକାତର ପ୍ରସଙ୍ଗରେ ସଂସଦର ଉଚ୍ଚ ସଦନରେ ଆଲୋଚନା ହୋଇଥିଲେ କେନ୍ଦ୍ର ସରକାର ଓଡ଼ିଶାରେ ଘଟିଥିବା ସ୍ପର୍ଶକାତର ଓ ଉଦବେଗଜନକ ଘଟଣାବଳୀ ସମ୍ପର୍କରେ ଅବଗତ ହୋଇ ପାରିଥାନ୍ତେ। ରାଜ୍ୟରେ ମହିଳା ସୁରକ୍ଷା ନେଇ କୌଣସି ନିର୍ଯାସ ବାହାରି ପାରିଥାନ୍ତା। ମାତ୍ର ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ବିଜେଡିର ଏହି ନୋଟିସକୁ ଖାରଜ କରି ଦେଇଥିଲେ। ଯାହାକୁ ନେଇ ଗୃହରେ ପ୍ରବଳ ପ୍ରତିବାଦ କରିଛି ବିଜେଡି। ଦଳର ସମସ୍ତ ୭ ଜଣ ସାଂସଦ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରବଳ ନାରାବାଜି କରିବା ସହ ଆଲୋଚନା ପାଇଁ ଦାବି କରିଥିଲେ। ଫଳରେ ଗୃହ କାର୍ଯ୍ୟ ସମ୍ଭବ ହୋଇ ନ ଥିଲା ଓ ରାଜ୍ୟସଭା ଉପାଧ୍ୟକ୍ଷ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଆଜି ବିଜେଡି ପକ୍ଷରୁ ଗୃହରେ ରାଜ୍ୟସଭାର ପ୍ରକ୍ରିୟା ଏବଂ କାର୍ଯ୍ୟ ସଞ୍ଚାଳନ ନିୟମ ଅନ୍ତର୍ଗତ ରୁଲ ୨୬୭ ଅଧିନରେ ଏହି ନୋଟିସ ଅଣାଯାଇଥିଲା। ଏହି ନୋଟିସ ଅନୁଯାୟୀ ଓଡ଼ିଶାରେ ମହିଳା ଓ ଶିଶୁ ବିରୋଧୀ ଜଘନ୍ୟ ଅପରାଧ ଉପରମୁହାଁ ହୋଇଥିବା ବେଳେ ଏହା ରାଜ୍ୟବାସୀଙ୍କ ମନରେ ଭୟ, କ୍ରୋଧ ଏବଂ ବ୍ୟାପକ ମାତ୍ରାରେ ଅଶାନ୍ତି ସୃଷ୍ଟି କରିଛି। ବିଗତ କିଛି ମାସ ଗୁଡ଼ିକ ମଧ୍ୟରେ ଓଡ଼ିଶାରେ ମହିଳା ଏବଂ ନାବାଳିକାଙ୍କ ବିରୋଧରେ ବହୁ ନୃଶଂଶ ଓ ଜଘନ୍ୟ ଅପରାଧ ଦେଖାଦେଇଛି। ଯାହା ରାଜ୍ୟର ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରତିଫଳିତ କରୁଛି। ବହୁ ମାମଲାରେ, ପୀଡ଼ିତା ଏବଂ ସେମାନଙ୍କ ପରିବାର ସଦସ୍ୟ ନ୍ୟାୟ ପାଇଁ ସଂଗ୍ରାମ କରୁଥିବା ବେଳେ ଅପରାଧୀ ଖୋଲାଖୋଲି ବାହାରେ ବୁଲୁଛନ୍ତି। ଏପିରିକି ଏପରି ଘଟଣାରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପାଇଁ ପାଇଁ ବାରମ୍ବାର ଅନୁରୋଧ କରାଯାଇଥିଲେ ହେଁ, କେନ୍ଦ୍ର ସରକାର ଏନେଇ ହସ୍ତକ୍ଷେପ ନକରିବା ସଂକଟକୁ ବୃଦ୍ଧି କରିଛି। ସମ୍ବିଧାନର ଅନୁଚ୍ଛେଦ ୧୪, ୧୫, ୨୧, ପକ୍ସୋ ଆଇନ ଏବଂ ଅପରାଧିକ ଆଇନରେ ମହିଳା ଓ ଶିଶୁଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ବ୍ୟାପକ ବ୍ୟବସ୍ଥା ଥିଲେ ହେଁ, ତାହା ବର୍ତ୍ତମାନ ବିପଦରେ ବୋଲି ନୋଟିସରେ ଉଲ୍ଲେଖ କରାଯାଇଥିଲା। ଏହା କେବଳ ଓଡ଼ିଶାର ମହିଳାଙ୍କ ସୁରକ୍ଷା ଓ ନ୍ୟାୟର ପ୍ରସଙ୍ଗ ନୁହେଁ, ବରଂ ଦେଶବ୍ୟାପୀ ମହିଳା ଓ ଶିଶୁଙ୍କ ସୁରକ୍ଷା ନେଇ ସାମ୍ବିଧାନିକ ଗ୍ୟାରେଣ୍ଟି ବଜାୟ ରଖିବା ପାଇଁ ଗୃହ ଏହା ଉପରେ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ ବୋଲି ବିଜେଡି ପକ୍ଷରୁ ଅପିଲ କରାଯାଇଥିଲା। ଏପରି ଜଘନ୍ୟ ଅପରାଧର ନିରାକରଣ ପାଇଁ ସଂସଦରେ ପ୍ରତିଷେଧକ ରଣନୀତି, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଏବଂ ନ୍ୟାୟିକ ପ୍ରତିକ୍ରିୟା ତନ୍ତ୍ର ଏବଂ ପୀଡ଼ିତାଙ୍କୁ କିପରି ସହଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇପାରିବ, ସେନେଇ ଆଲୋଚନା ଜରୁରୀ ବୋଲି ନୋଟିସରେ ବିଜେଡିର ସମସ୍ତ ସାଂସଦ ଦାବି କରିଥିଲେ।

ମାତ୍ର ରାଜ୍ୟସଭା ଉପାଧ୍ୟକ୍ଷ ଏହି ନୋଟିସକୁ ଗ୍ରହଣ ନ କରି ଖାରଜ କରି ଦେଇଥିଲେ। ଦେଶର ଏକ ବଡ଼ ସମ୍ବେଦନଶୀଳ ପ୍ରସଙ୍ଗକୁ ଏପରି ସିଧାସଳଖ ଖାରଜ କରି ଦିଆଯିବାକୁ ବିଜେଡି ସାଂସଦମାନେ ନିଜ ଆସନରେ ଠିଆ ହୋଇ ତୀବ୍ର ପ୍ରତିବାଦ କରିଥିଲେ।

# ଯୁବକଙ୍କୁ ପିଟିପିଟି ହତ୍ୟା



**ତୁରୁମୁଙ୍ଗା, ୩୧।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଙ୍କୁରା ଗ୍ରାମରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ, ଅଙ୍କୁରା ନାଏକସାହିର ଭକ୍ତବନ୍ଧୁ ନାଏକଙ୍କ ପୁଅ ଗଙ୍ଗାଧର (୨୮)। ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ଗାଁ ନିକଟ ଝପାସାହିକୁ ଯାଇଥିବା ବେଳେ ସେଠାରେ କିଛି ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

**ଦମ୍ପତି ଅଟକ**

ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କ ହସ୍ତାନ୍ତର କରିବା ସହ ମୃତକଙ୍କ ମା' ପାଳଙ୍ଗ ନାଏକଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଏହି ଘଟଣାରେ ପୁଲିସ ଝପାସାହିର ଦୀନବନ୍ଧୁ ପାତ୍ର ଏବଂ ତା' ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅପରପକ୍ଷେ, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ଥାନାଧିକାରୀ ମାନସ ମହାକୁଡ଼, ଏସ୍‌ଆଇ ଲକ୍ଷ୍ମଣ ମାଝୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

■ ଖରିଫ ଚାଷୀଙ୍କୁ ଧାନ ବିକ୍ରି ଚିନ୍ତା

# ଜଟିଳ ପ୍ରକ୍ରିୟା ଯୋଗୁଁ କମୁଛି ପଞ୍ଜୀକରଣ

**ଭୁବନେଶ୍ୱର, ୩୧।୭ (ସମିସ):** ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଖରିଫ୍ ଚାଷ ପାଇଁ ୩ ଲକ୍ଷ ୩୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଏହି ସମୟ ମଧ୍ୟରେ ଅଧିକ ୧୦ ହଜାର ଚାଷୀ ପଞ୍ଜିକୃତ ହୋଇଥିଲେ। ଏଥର ସରକାରଙ୍କ ଜଟିଳ ପ୍ରକ୍ରିୟା ଯୋଗୁଁ ପଞ୍ଜୀକରଣରେ ଶିଥିଳତା ଦେଖାଦେଇଥିବା ଅଭିଯୋଗ ହେଉଛି। ବିଶେଷକରି ପଞ୍ଜୀକରଣ ସମୟରେ ଇ-କେୱାଇସି କରିବା, ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଙ୍କଠାରୁ ଜିମାନାମା (ଅଣ୍ଡର୍‌ଟେକିଂ) ଆଣିବା ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥିସହ ଉପାନ୍ତ ଅଞ୍ଚଳ ପାକ୍ସଗୁଡ଼ିକରେ ଇଣ୍ଟରନେଟ୍ ସମସ୍ୟା ଯୋଗୁଁ ମଧ୍ୟ ପଞ୍ଜୀକରଣ ଧୀମା ହେଉଥିବା ଜଣାପଡ଼ିଛି। ସରକାର ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବାରମ୍ବାର ଚାଷୀମାନେ ଦାବି କରୁଥିଲେ ହେଁ ସରକାର କର୍ଣ୍ଣପାତ କରୁନାହାନ୍ତି। ଅନ୍ୟପକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସଫେଇ ଦେଇ କହିଛନ୍ତି, ପଞ୍ଜୀକରଣ ୪ ଦିନ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଚାଷୀଙ୍କ ସଂଖ୍ୟା କମିଛି। ପଞ୍ଜୀକରଣରେ ମାତ୍ର ୧୦ ହଜାର ବ୍ୟବଧାନ ରହିଛି। ଚାଷୀ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେସନ୍ ଫର୍ମରେ ଦସ୍ତଖତ କରିବେ। ବାପା କିମ୍ବା ଭାଇଙ୍କ ନାମରେ ରେକର୍ଡ ଥିଲେ କେବଳ ଲିଖିତ ଆକାରେ ଦେବେ। ସେଥିପାଇଁ ଫର୍ମ ଇସ୍ୟୁ ହୋଇଯାଇଛି। ଅସୁବିଧା ଥିଲେ ଦିଆଯାଇଥିବା ଫୋନ୍ ନମ୍ବରରେ ଫୋନ୍ କରିବାକୁ ସେ କହିଛନ୍ତି।

■ ଗୁଣିଗାରେଡି ସନ୍ଦେହରେ ହତ୍ୟା ମାମଲା

# ୫ ହତ୍ୟାକାରୀଙ୍କୁ ଆଜୀବନ

**ମାଲକାନଗିରି, ୩୧।୭ (ସମିସ):** ୨୦୨୦ ମସିହାରେ ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅଞ୍ଚଳରେ ସଂଘଟିତ ଏକ ହତ୍ୟା ମାମଲାର ଶୁଣାଣି କରି ଜିଲ୍ଲା ଦୌରାଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡା ଆଜି ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ଲବକୁଶ କନ୍ତେରି, ସୋମନାଥ ଜାଲା, ସୁକୁ ଜାଲା, ଶଙ୍କର ମାଝୀ ଓ ମଙ୍ଗୁ ମାଝି। ୧୦ଜଣ ସାକ୍ଷ୍ୟ ପ୍ରମାଣ ଓ ପୁଲିସ୍ ତଦନ୍ତକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନାନୁଯାୟୀ, ୨୦୨୦ ଫେବ୍ରୁଆରି ମାସରେ ମୋଟୁ ଥାନା ଅନ୍ତର୍ଗତ ଗୁଣ୍ଡାବେଡ଼ା ଗ୍ରାମର ମୁକୁନ୍ଦ କନ୍ତେରିଙ୍କୁ ତାଙ୍କ ପତ୍ନୀ ମଙ୍ଗୁଳିଙ୍କ ସମ୍ମୁଖରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମୁକୁନ୍ଦ ଗୁଣିଗାରେଡ଼ି କୁରଥିବା ସନ୍ଦେହରେ ଗ୍ରାମର ୫ଜଣ ତାଙ୍କୁ ହତ୍ୟା କରିବା ପରେ ଶବକୁ ପୋଡ଼ି ଦେଇଥିଲେ। ଏନେଇ ମୋଟୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପିପି ଯୋଗେନ୍ଦ୍ର ରାଇକା ଏହି ମାମଲା ପରିଚାଳନା କରୁଥିଲେ।

# ଜେଲରୁ ବାହାରିଲେ ଧୀମାନ ଚକ୍‌ମା

**ଭବାନୀପାଟଣା,୩୧।୭ (ସମିସ):** ଲାଞ୍ଚ ନେଇ ଜେଲ୍ ଯାଇଥିବା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା (ଆଇଏଏସ) ଶେଷରେ ମୁକୁଳିଛନ୍ତି। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ସେ ଜେଲରୁ ବାହାରିଛନ୍ତି। ଗତ ୨୪ ତାରିଖରେ ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ତାଙ୍କ ଜାମିନ ମଞ୍ଜୁର କରିଥିଲେ। ତେବେ ଚକମାଙ୍କ ପାସପୋର୍ଟ କଟକ ଭିଜିଲାନ୍ସ ଜବତ କରି ନେଇଯାଇଥିଲା। ପାସପୋର୍ଟ ଭବାନୀପାଟଣାରେ ପହଞ୍ଚିବା ପରେ ଚକମା ଜେଲରୁ ମୁକୁଳିଛନ୍ତି। ଜଣେ ବ୍ୟବସାୟୀଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ସେ ଗତମାସ ୮ତାରିଖରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୯ ତାରିଖରେ ଜେଲ ଯାଇଥିଲେ। ପ୍ରଥମେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଗତମାସ ୧୭ ତାରିଖରେ ଜାମିନ ଲାଗି ଆବେଦନ କରାଯାଇଥିଲା। ବିଚାରପତି କିନ୍ତୁ ନାମଞ୍ଜୁର କରିଦେଇଥିଲେ। ପରେ ତାଙ୍କ ଓକିଲ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୫ ଲକ୍ଷ ଟଙ୍କା ଓ ଜଣେ ଜାମିନଦାରଙ୍କ ବଦଳରେ ଏବେ ସେ ଜାମିନ ପାଇଛନ୍ତି। ତେବେ ଚକମା ଜେଲରୁ ବାହାରିବା ସମୟରେ ଜେଲ୍ ସମ୍ମୁଖରେ ପ୍ରବଳ ଭିଡ ଜମି ରହିଥିଲା। ତେବେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଆବଶ୍ୟକସ୍ଥଳେ ସେ ଉପସ୍ଥିତ ରହିବେ। କୋର୍ଟ କାର୍ଯ୍ୟ ଚାଲିଥିବା ବେଳେ ଉପସ୍ଥିତ ରହିବା ଜରୁରୀ। କୋର୍ଟର ବିନା ଅନୁମତିରେ ଦେଶ ବାହାରକୁ ଯାଇପାରିବେ ନାହିଁ। ତଦନ୍ତକାରୀ ଅଧିକାରୀ ଏବଂ ଅଦାଲତର ଅଜାଣତରେ ଚକମା ନିଜ ମୋବାଇଲ ନମ୍ବର ଓ ଠିକଣା ପରିବର୍ତ୍ତନ କରିପାରିବେ ନାହିଁ। ଶେଷରେ ପାସପୋର୍ଟ ଭିଜିଲାନ୍ସ କୋର୍ଟରେ ଦାଖଲ କରିବାକୁ ଜାମିନ ବେଳେ ସର୍ତ୍ତ ରହିଥିବା ଚକମାଙ୍କ ଓକିଲ ଦିଲ୍ଲୀପ ସା ପ୍ରକାଶ କରିଛନ୍ତି।

# ୧୫ ଦିନ ବିରତି ନେବ ମୌସୁମୀ

**ଭୁବନେଶ୍ୱର, ୩୧।୭ (ସମିସ):** ପଛକୁ ପଛ ଲଘୁଚାପ ଯୋଗୁଁ ସକ୍ରିୟ ରହିଥିବା ମୌସୁମୀ କିଛି ସମୟ ପାଇଁ ବିରତି ନେବ। ଏହି ବିରତି ଅଗଷ୍ଟ ଦ୍ୱିତୀୟ ସପ୍ତାହ ଅର୍ଥାତ୍ ପ୍ରାୟ ୧୨ ତାରିଖ ଯାଏଁ ଜାରି ରହିବ। ଏହି ସମୟରେ ମୌସୁମୀ ବାୟୁ ନିଷ୍କ୍ରିୟ ହେବା ଫଳରେ ରାଜ୍ୟରେ ବର୍ଷା କମିବ ଓ ପାଗ ଶୁଖିଲା ରହିବ। ଗଲା କିଛି ବର୍ଷ ହେବ ମୌସୁମୀ ଓଡ଼ିଶା ଛୁଇଁବାର ମାସେରୁ ଦେଢ଼ ମାସ ପରେ ଏହି ସ୍ଥିତି ଅର୍ଥାତ୍ 'ମୌସୁମୀ ବ୍ରେକ୍' ହେଉଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଦେଢ଼ ସପ୍ତାହ ମୌସୁମୀ ବ୍ରେକ୍ ଲାଗିଥିଲା। ପୁଣି ଏହି ସ୍ଥିତି ସହ ଚଳିତ ବର୍ଷ ଦ୍ୱିତୀୟ ବିରତି ଆରମ୍ଭ ହେବାକୁ ଯାଉଛି। ସାଧାରଣତଃ ମୌସୁମୀ ବିରତି ସମୟରେ ଆକାଶ ନିର୍ମଳ ରହିଥାଏ ଓ ସୂର୍ଯ୍ୟକିରଣ ସିଧା ପୃଥିବୀ ଉପରେ ପଡ଼ିଥାଏ। ଏଥିପାଇଁ ତାପମାତ୍ରା ବଢ଼ିବା ସହ ମୌସୁମୀ ସମୟରେ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବାରୁ ଏହା ବିଜୁଳି ଘଡ଼ିଘଡ଼ି ପାଇଁ ମଧ୍ୟ ସ୍ଥିତି ଅନୁକୂଳ କରିଥାଏ। ଯେହେତୁ ରାଜ୍ୟରେ ଗଲା କିଛି ଦିନ ମଧ୍ୟରେ ଭଲ ବର୍ଷା ହୋଇଛି, ତେଣୁ ଚାଷ କାମ ପାଇଁ ଚାଷୀମାନେ କ୍ଷେତରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଚୀଷୀଙ୍କ ପାଇଁ ବଜ୍ରପାତର ଅଧିକ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଥାଉ କି ମୌସୁମୀ ସହ ଜଡ଼ିତ ନିମ୍ନଚାପରେଖା ଉତ୍ତରମୁହାଁ ହେଲେ ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ବର୍ଷା କମିଥାଏ। ନିମ୍ନଚାପ ରେଖା ଏହି ସମୟରେ ଉତ୍ତର ମୁହାଁ ହୋଇ ହିମାଳୟ ପାଦଦେଶରେ ସକ୍ରିୟ ରହିବା ସହ ସେଠାରେ ବର୍ଷା କରାଏ। ସେହିପରି ମୌସୁମୀ ବିରତି ସମୟରେ ପଶ୍ଚିମାଝଡ଼ର ପ୍ରଭାବ ରହିଲେ ଏହି ବିରତି ଅବଧି ବୃଦ୍ଧି ହେବାକୁ ସହାୟକ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜୁଲାଇ ୩୦ ତାରିଖ ସୁଦ୍ଧା ରାଜ୍ୟରେ ୬୧୩.୯ ମିମି ବର୍ଷା ହୋଇ ସାରିଛି। ଯାହାକି ସାରା ରାଜ୍ୟରେ ସ୍ୱାଭାବିକ ବର୍ଷା ୫୫୦.୭ ମିମି ତୁଳନାରେ ୧୧ ପ୍ରତିଶତ ଅଧିକ ରହିଛି।

ଅନ୍ୟପଟେ ମୌସୁମୀ ବିରତି ଯୋଗୁଁ ଦୁଇ ସପ୍ତାହ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ସାରା ରାଜ୍ୟରେ ଅଗଷ୍ଟରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ଅଗଷ୍ଟ ମାସ ପାଇଁ ମୌସୁମୀ ବର୍ଷାଜନିତ ଆକଳନ କରି ଆଇଏମ୍‌ଡି କହିଛି, ରାଜ୍ୟର କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅବଶିଷ୍ଟ ସଅଞ୍ଚଳରେ ଅଗଷ୍ଟ ମାସରେ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ କମ୍ ରହିବ। ଦୁଇ ତଳେ ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକାରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିଲା। ଏହା ପ୍ରଭାବରେ ଗୁରୁବାର ରାଜ୍ୟର କିଛି ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ଶୁକ୍ରବାର ମଧ୍ୟ କେବଳ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ମାତ୍ର ଶନିବାରଠାରୁ ବର୍ଷାର ପରିମାଣ ମାତ୍ରାଧିକ ହ୍ରାସ ପାଇବା ସହ ସାରା ଓଡ଼ିଶାରେ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି।

# ୧୨ ଘଣ୍ଟାରେ ହୀରାକୁଦର ୮ ଗେଟ୍ ବନ୍ଦ

**ସମ୍ବଲପୁର,୩୧।୭ (ସମିସ):** ଉପରମୁଣ୍ଡରେ ବର୍ଷା କମିବା ଯୋଗୁଁ ହୀରାକୁଦ ଜଳଭଣ୍ଡାର ଗତ ୧୨ ଘଣ୍ଟା ମଧ୍ୟରେ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରିଛି। ଆଜି ସକାଳ ୬ଟା ବେଳେ ୧୨ଟି ଗେଟ୍ ଖୋଲା ଥିବା ବେଳେ ସନ୍ଧ୍ୟା ୬ଟା ବେଳକୁ ମାତ୍ର ୪ ଗେଟ୍ ଖୋଲା ରହିଛି। ସଂଧ୍ୟା ୬ଟା ବେଳକୁ ହୀରାକୁଦର ଜଳସ୍ତର ୬୧୦.୧୦ ଫୁଟ୍‌ରେ ରହିଥିବା ସୂଚନା ମିଳିଛି। ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ସ୍ଲୁଇସ ଗେଟ୍ ଖୋଲା ରହିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୧୧.୬୦ ଫୁଟ୍ ରହିଥିଲା।

# ଝାଡ଼ାବାନ୍ତିରେ ୪ ମୃତ

## ଗାଁରେ ପହଞ୍ଚିଲେ ଡାକ୍ତରୀ ଟିମ୍

**କୋରାପୁଟ, ୩୧।୭ (ସମିସ):** ଗତ କିଛି ଦିନ ମଧ୍ୟରେ ବୋରିଗୁମ୍ମା ବ୍ଲକ୍ ମାଲଦା ଗ୍ରାମରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ବୋରିଗୁମ୍ମା ବ୍ଲକ ମାଲଦା ଗ୍ରାମରେ ଏବେ ଝାଡ଼ାବାନ୍ତି ବ୍ୟାପିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଝାଡ଼ାବାନ୍ତି ସୂଚନା ପାଇବା ପରେ ମେଡ଼ିକାଲ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

ଗୁରୁବାର ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ବୋରିଗୁମ୍ମା ବ୍ଲକ କର୍ମଚାରୀ ,ଏଏନଏମ ଏବଂ ଅନ୍ୟ କର୍ମଚାରୀ ଗାଁରେ ପହଞ୍ଚି ଘରକୁ ଘର ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରୀ ଦଳ ଗ୍ରାମବାସୀ ବ୍ୟବହାର କରୁଥିବା ନଳକୂପ, ଗଭୀର କୂପ ଏବଂ ପାଇପ୍ ଲାଇନ୍ ପାଣି ସାମ୍ପୁଲ ପରୀକ୍ଷା କରିଥିଲେ। ଲୋକଙ୍କୁ ସଚେତନ କରି ଖାଇବା ପୂର୍ବରୁ ହାତ ସଫା କରିବା, ବାସି ଖାଦ୍ୟ ନ ଖାଇବା, ପାଣିକୁ ଫୁଟାଇ ସେଥିରେ ହାଲୋଜେନ ଟାବଲେଟ୍ ପକାଇ ପିଇବା ପାଇଁ ପରାମର୍ଶ ଦେଇଥିଲେ। ଗାଁରେ ନାଳନର୍ଦ୍ଦମା ସଫା ସୁତୁରା ରଖିବା ପାଇଁ ମଧ୍ୟ କହିଛନ୍ତି। ଗାଁରେ ମେଡ଼ିକାଲ କ୍ୟାମ୍ପ୍ କରି ସପ୍ତାହେ ଯାଏ ୨୪ ଘଣ୍ଟା ସେବା ଯୋଗାଇ ଦେବାକୁ ମେଡ଼ିକାଲ ଅଫିସର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋଟପାଡ଼ ବିଧାୟକ ରୁପୁ ଭତ୍ରା ସ୍ଥିତି ଅନୁଧ୍ୟାନ କରିବା ପାଇଁ ମାଲଦା ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିବା ସହ ମେଡ଼ିକାଲ ଟିମ ସହ ଆଲୋଚନା କରିଥିଲେ। ଲୋକେ ଦୂଷିତ ପାଣି ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ କିଛି ଦିନ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣି ଯୋଗାଇ ଦେବେ ବୋଲି କହିଛନ୍ତି। ବୋରିଗୁମ୍ମା ବିଡ଼ିଓ ମଧ୍ୟ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ୪ଜଣଙ୍କ ମୃତ୍ୟୁ ଝାଡ଼ାବାନ୍ତି ନା ଅନ୍ୟ କାରଣରୁ ହୋଇଛି ତାହା ସ୍ପଷ୍ଟ ହୋଇପାରିନାହିଁ।

# ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ ସାନି ବିଜ୍ଞପ୍ତି

**ଭୁବନେଶ୍ୱର, ୩୧।୭ (ସମିସ):** ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପାଇଁ ବୟସ ସୀମା ୩ବର୍ଷ ବଢ଼ିବା ପରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନ ପାଇଁ ସର୍ବନିମ୍ନ ବୟସ ୨୧ ବର୍ଷ ଧାର୍ଯ୍ୟ କରାଯାଇଛି। ସାଧାରଣ ବର୍ଗଙ୍କ ପାଇଁ ସର୍ବୋଚ୍ଚ ବୟସସୀମା ୨୦୨୪ ଜାନୁଆରୀ ପହିଲା ସୁଦ୍ଧା ୨୮ ବର୍ଷ ଧାର୍ଯ୍ୟ ହୋଇଥିବାବେଳେ ଏସ୍‌ଇବିସି, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସମସ୍ତ ବର୍ଗର ମହିଳା ପ୍ରାର୍ଥୀଙ୍କ ପାଇଁ ୩୩ ବର୍ଷ ରଖାଯାଇଛି। ଆସନ୍ତା ୬ ତାରିଖରୁ ଆବେଦନ ଆରମ୍ଭ ହେବ। ୧୦ଦିନ ପର୍ଯ୍ୟନ୍ତ ଅର୍ଥାତ୍ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ।

**ଦଣ୍ଡାସାହିରେ ବ୍ୟାପୁଛି ଜଣ୍ଡିସ୍**

# ୭ ଆକ୍ରାନ୍ତ ଚିହ୍ନଟ

**ଜଗତସିଂହପୁର,୩୧।୭ (ସମିସ):** ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ୍ ଅନ୍ତର୍ଗତ ପୂରଣ ପଞ୍ଚାୟତ ଦଣ୍ଡାସାହି ଗ୍ରାମରେ ଜଣ୍ଡିସ୍ ବ୍ୟାପୁଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଜଣ୍ଡିସ ଲକ୍ଷଣ ଜାଣିବା ପରେ ସ୍ଥାନୀୟ ଜନପ୍ରତିନିଧି ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇଥିଲେ। ଖବର ପାଇ ଜଣ୍ଡିସ୍ ଲକ୍ଷଣ ଥିବା ଲୋକଙ୍କଠାରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ଗତକାଲି ୧୨ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିଲା। ଏଥିରୁ ୭ଜଣଙ୍କ ଜଣ୍ଡିସ ଥିବା ରିପୋର୍ଟ ଆସିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ଶତ୍ରୁଘ୍ନ ଦାସ ସୂଚନା ଦେଇଛନ୍ତି। ଦୂଷିତ ପାଣି ଯୋଗୁଁ ଏହି ରୋଗ ବ୍ୟାପିଥିବା ପ୍ରାଥମିକ ଆକଳନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଟିମ୍ ଉପସ୍ଥିତ ରହି ଆବଶ୍ୟକ ଚିକିତ୍ସା କରୁଥିବା ଡା. ଦାସ ସୂଚନା ଦେଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ସହ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯାଇଛି। ଲୋକଙ୍କ ଘରେ ଥିବା କୂଅ ଓ ନଳକୂଅକୁ ବିଶୋଧନ କରାଯାଇଛି। କୌଣସି ପରିସ୍ଥିତିରେ ଭୟଭୀତ ନ ହେବାକୁ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦାସ ପରାମର୍ଶ ଦେଇଛନ୍ତି। ସେହିପରି ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ ଓ ସ୍ଥାନୀୟ ଲୋକ ପ୍ରତିନିଧି ଦଣ୍ଡାଶାହିରେ ପହଞ୍ଚି ରୋଗୀଙ୍କୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି।



**ଟିକସ ବାକି ରଖି ଗଡୁଥିଲା ବସ୍**

# ୧୦ ଲକ୍ଷ ଜରିମାନା ଗଣିଲେ ମାଲିକ

**କଟକ, ୩୧।୭ (ସମିସ):** ଏକ ଯାତ୍ରୀବାହୀ ଘରୋଇ ବସକୁ ୧୦ଲକ୍ଷ ଟଙ୍କାର ଜରିମାନା କରାଯାଇଥିବା ବେଳେ ଜରିମାନା ପଇଠ ପରେ ଜବତ ହୋଇଥିବା ବସକୁ ଗାଡି ମାଲିକଙ୍କୁ ହସ୍ତାନ୍ତର କରିଛି କଟକ ଆଞ୍ଚଳିକ ପରିବହନ ବିଭାଗ। ବେଆଇନ ଭାବେ ଟିକସ ଫାଙ୍କି ଚାଲୁଥିବା ଉକ୍ତ ବସ (ଓଡି୦୫ ଏଭି ୫୪୬୫)କୁ କଟକ ଆରଟିଓ ପକ୍ଷରୁ ଜବତ କରାଯାଇ ୧୦ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ପରମିଟ୍, ବୀମା ଏବଂ ଅନ୍ୟାନ୍ୟ ନିୟମ ପାଳନ ନ କରିବା ପାଇଁ ଏହି ଜରିମାନା ଲାଗୁ କରାଯାଇଥିଲା। ଯାହା ମୋଟ ୧୦ ଲକ୍ଷ ୧୯ ହଜାର ୭୫୬ ଟଙ୍କା ହୋଇଥିଲା। ଫିଟନେସ୍ ଅଭାବ ପାଇଁ ୫ହଜାର ଟଙ୍କା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବାରୁ ୧୦ହଜାର ଟଙ୍କା, ପରମିଟ୍ ୧୦ ହଜାର ବୀମା ପାଇଁ ୨ହଜାର ଓ ଟିକସ ବାବଦରେ ୩ ଲକ୍ଷ ୭ ହଜାର ୬୬୪ ଟଙ୍କା ସହ ଜରିମାନା ୬ଲକ୍ଷ ୮୫ହଜାର ୯୨ଟଙ୍କା ଏହିପରି ମୋଟ ଜରିମାନା ୧୦ଲକ୍ଷ ୧୯ହଜାର ୭୫୬ଟଙ୍କା ଆଦାୟ କରାଯାଇଥିଲା।

**୨୦୦ଗାଡି ମାଲିକଙ୍କୁ ପଠାଗଲା ନୋଟିସ**

ସେହିଭଳି ରାଜ୍ୟରେ ୨୯ଲକ୍ଷ ଇ-ଚାଲାଣ ପଡ଼ିରହିଥିବା ବେଳେ ଏହି ବାବଦ ଅର୍ଥ ଆଦାୟ କରାଯାଇପାରିନାହିଁ। ତେବେ ବଡ଼ ଗାଡ଼ିଗୁଡ଼ିକ କ୍ଷେତ୍ରରେ ମଧ୍ୟ ଅଧିକ ଚାଲାଣ ରହିଥିବା ଜଣାପଡ଼ିଛି। ଏଣୁ ପରିବହନ ବିଭାଗ ପକ୍ଷରୁ ଏହି ଗାଡି ଗୁଡିକର ମାଲିକ ମାନଙ୍କୁ ନୋଟିସ ପଠାଯାଇଛି। ବିଶେଷକରି ୫ରୁ ଅଧିକ ଚାଲାଣ ଥିବା ବଡ ଗାଡିକୁ ଜରିମାନା ପଇଠ ପାଇଁ ନୋଟିସ ପ୍ରଥମ ପର୍ଯ୍ୟାୟରେ ୨୦୦ଗାଡି ମାଲିକଙ୍କୁ ନୋଟିସ ହୋଇଛି। ଆସନ୍ତା ୧୫ଦିନ ମଧ୍ୟରେ ଚାଲାଣ ବାବଦ ଜରିମାନା ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ବିଭାଗ। ଏଥିସହ ଫିଟନେସ ଓ ଅନ୍ୟ କାଗଜପତ୍ରକୁ ଠିକ କରିବାକୁ ପଡ଼ିବ। ଏହା ନକଲେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ପରିବହନ ବିଭାଗ ଅଧିକାରୀଙ୍କ କହିବାନୁସାରେ ଏଭଳି ୧୦ ହଜାର ଗାଡ଼ି ଚିହ୍ନଟ ହୋଇଛି। ପର୍ଯ୍ୟାୟକ୍ରମେ ସମସ୍ତ ଗାଡ଼ି ମାଲିକଙ୍କୁ ନୋଟିସ ହେବ। ଟୋଲ ଗେଟରେ ଗଡି ଗୁଡିକ ଅତିକ୍ରମ କଲା ବେଳେ ଖିଲାପି ଗାଡ଼ିଗୁଡ଼ିକୁ ସ୍ୱୟଂକ୍ରିୟ ଚାଲାଣ କଟାଯାଉଛି।

**ଚିନ୍ତାରେ ଚାଷୀ**

# ଗଜା ହେଉନି ସରକାରୀ ବିହନ

■ ଇ-କେୱାସି ଗୋଲକଧନ୍ଦା ବଢ଼ାଇଛି ସମସ୍ୟା

■ ଗ୍ୟାରେଣ୍ଟିଯୁକ୍ତ ଭଲ ଫସଲ ଅମଳ ସୁନିଶ୍ଚିତ ଦାବି

**ଭୁବନେଶ୍ୱର,୩୧।୭ (ସମିସ):** ଚଳିତ ବର୍ଷ ଅନୁକୂଳ ମୌସୁମୀ ଯୋଗୁଁ ରାଜ୍ୟର ଅନେକ ଜିଲ୍ଲାରେ ଚାଷକାମ ଆରମ୍ଭ ହୋଇସାରିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୬.୭୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇ ସାରିଥିବା ବେଳେ ଅନେକ ଜିଲ୍ଲାରେ ସରକାରୀ ବିହନ ଶତକଡ଼ା ଅଧାରୁ ଅଧିକ ପ୍ରତିଶତ ଗଜା ହେଉ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ଚାଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଓ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି। ଏବେ ଯାହାବି ଧାନ ତଳି ରହିଛି, ସେଥିପାଇଁ ଆବଶ୍ୟକ ସାର ମଧ୍ୟ ମିଳିବା ସମ୍ଭବ ହେଉନାହିଁ। ରାଜ୍ୟର କୃଷିବହୁଳ ଜିଲ୍ଲାଗୁଡ଼ିକୁ ଗସ୍ତ କରି କୃଷିକ୍ଷେତ୍ର ଓ କୃଷକମାନଙ୍କର ଏହି ବାସ୍ତବ ସ୍ଥିତି ଦେଖିବା ପରେ ରାଜ୍ୟ କିଷାନ କଂଗ୍ରେସ ଗଭୀର ଉଦ୍‌ବେଗ ପ୍ରକାଶ କରିଛି।

ଯାହାର ଆଶୁ ପ୍ରତିକାର ଦାବି କରିବା ସହ ବେଳହୁଁ ସାବଧାନ ନ ହେଲେ ରାଜ୍ୟରେ କୃଷି ବ୍ୟବସ୍ଥା, କୃଷି ଅର୍ଥନୀତି ତଥା ଚାଷୀ ଓ ଚାଷର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିବାର ସମ୍ଭାବନା ରହିଛି ବୋଲି ରାଜ୍ୟ କିଷାନ କଂଗ୍ରେସ କହିଛି।

ଗୁରୁବାର ରାଜ୍ୟ କିଷାନ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଏକ ପ୍ରତିନିଧି ଦଳ ପଶ୍ଚିମ ଓଡ଼ିଶା ଏବଂ ରାଜ୍ୟର କୃଷିବହୁଳ ଅନ୍ୟ କିଛି ଜିଲ୍ଲାକୁ ଗସ୍ତକରି ଚାଷୀ, ଚାଷ ଓ ଚାଷୀ ପରିବାରର ଅବସ୍ଥା ଦେଖିଛନ୍ତି। ଏହି ସମୟରେ ସେମାନେ ଚାଷୀଙ୍କଠାରୁ ବିହନ ଗଜା ନ ହେବାଠାରୁ ଆରମ୍ଭ କରି ଅନେକ ସମସ୍ୟା ବିଷୟରେ ଅବଗତ ହୋଇଛନ୍ତି। ବିଶେଷକରି ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା ଓ ସୋନପୁର ଜିଲ୍ଲାର ଚାଷୀମାନେ ଏବେ ଆତଙ୍କରେ ସମୟ ବିତାଉଛନ୍ତି। ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ଆଦି ନଦୀରେ ଲଗାତର ବନ୍ୟା ଆସିବା ଫଳରେ ଧାନତଳି ପଚିଯାଇଛି। ତଳି ଅଭାବ ଯୋଗୁଁ ରୁଆ ବେଉଷଣ କାର୍ଯ୍ୟ ଆଗେଇ ପାରୁ ନ ଥିବା ବେଳେ ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାର କିଛି ଅଂଶରେ ଅନାବୃଷ୍ଟି କାରଣରୁ ଚାଷକାର୍ଯ୍ୟ ପଛାଇ ଯାଇଛି। ଅବଶିଷ୍ଟ ଜିଲ୍ଲାମାନଙ୍କରେ ଚାଷକାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସରକାରୀ ବିହନ ଅଧାରୁ ଅଧିକ ପ୍ରତିଶତ ଗଜା ନ ହେବା କାରଣରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚାଷ ଆରମ୍ଭ ସମୟରେ ଏକ ଗ୍ୟାରେଣ୍ଟିଯୁକ୍ତ ଭଲ ଫସଲ ଅମଳକୁ ଦୃଷ୍ଟିରେ ରଖି ସରକାର ଏବେଠୁ ଚାଷୀ ଓ ଚାଷକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ ସହିତ ସବୁ ପ୍ରକାର ସହାୟତା ଦେବା ପାଇଁ କିଷାନ କଂଗ୍ରେସ ଦାବି କରିଛି। ଆବଶ୍ୟକ ପଡ଼ିଲେ ବିନା ସୁଧ ଓ ସର୍ତ୍ତରେ ଋଣ ଯୋଗାଇଦେବା ସହିତ କୀଟନାଶକ, ସାର ଓ ବିହନ ଆଦି ରିହାତି ଦରରେ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବାକୁ କିଷାନ କଂଗ୍ରେସ ଦାବି କରିଛି।

ସେହିପରି ଟୋକନପ୍ରାପ୍ତି ଓ ପଞ୍ଜୀକରଣ ପାଇଁ ସମ୍ପ୍ରତି ଇ-କେୱାଇସି ଓ ବଂଶାବଳୀ ନିରୂପଣ ବ୍ୟବସ୍ଥା କରାଯାଇଛି। ଇ-କେୱାଇସି ନ ହେଲେ ଚାଷୀ ସରକାରୀ ଖାତାରେ ଚାଷୀ ଭାବେ ଗଣାହୋଇ ପାରିବ ନାହିଁ ଏବଂ ତା'ର ଧାନକୁ ଧାନମଣ୍ଡିରେ ଗ୍ରହଣ କରାଯିବ ନାହିଁ। ମାତ୍ର ଏହି ପ୍ରକ୍ରିୟା ବହୁ ଜଟିଳ କରାଯାଇଥିବାରୁ ଚାଷୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କର୍ପୋରେଟ ସଂସ୍ଥା ଓ ମିଲ୍ ମାଲିକମାନଙ୍କ ଚକ୍ରାନ୍ତରେ ନ ପଡ଼ି ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ସତର୍କ ନ ହେଲେ, ଚାଷୀକୁଳ ରାଜରାସ୍ତାକୁ ବାହାରି ସରକାରୀକଳ ଅଚଳ କରିଦେବେ ବୋଲି କିଷାନ କଂଗ୍ରେସ ଚେତାବନୀ ଦେଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଅଭୟ ସାହୁ, ଦଳର ମୁଖପାତ୍ର ପ୍ରାକ୍ତନ ବିଧାୟକ ଦେବାଶିଷ ନାୟକ, କିଷାନ କଂଗ୍ରେସ ରାଜ୍ୟ ସଂଯୋଜକ ଅରୁଣ ଜେନା, ମୁଖପାତ୍ର ହିମାଂଶୁ ଲେଙ୍କା, ଚାଷୀ ନେତା ଶିତିକଣ୍ଠ ମହାନ୍ତି ଓ ରତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଖୋଲିବ ଭିତରକନିକା

**ରାଜନଗର,୩୧।୭ (ସମିସ):** ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧, ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଥାଏ। ଆଜି ଏହି ଅବଧି ସରିଯାଉଥିବାରୁ ଆସନ୍ତାକାଲିଠାରୁ ଏହି ଜାତୀୟ ଉଦ୍ୟାନକୁ ଖୋଲାଯିବ। ଏଥିପାଇଁ ବନବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ପର୍ଯ୍ୟଟକଙ୍କ ପାଇଁ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକାକୁ ପ୍ରବେଶ କରିପାରିବେ। ପର୍ଯ୍ୟଟକମାନେ ଜଳପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାର୍‌ହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୁଭ ମେଟା ନର୍ସରୀ, ବୋଟ ଲାଇବ୍ରେରୀ, ସହିଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ୍ ସହ ବନବିଭାଗ ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ଥିବା ଫାଇବର୍ ବୋଟ୍‌ରେ ମଧ୍ୟ ପର୍ଯ୍ୟଟକ ବୁଲି ଭିତରକନିକାର ନୈସର୍ଗିକ ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନ୍‌ମୁକ୍ତ କରାଯାଇଛି। ପର୍ଯ୍ୟଟକ ପଲିଥିନ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବା ପାଇଁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।



## ଏବେବି ବିପଦ ସଂକେତ ଉପରେ ବ୍ରାହ୍ମଣୀ

# କମୁଛି ବନ୍ୟା, ବଢୁଛି ଦୁର୍ଦ୍ଦଶା





**ପଟ୍ଟାମୁଣ୍ଡାଇ,୩୧।୭ (ସମିସ):**

ବ୍ରାହ୍ମଣୀ ନଦୀରେ ଦେଖାଦେଇଥିବା ଦ୍ୱିତୀୟ ବନ୍ୟାର ୩/୪ ଦିନ ପରେ ମଧ ବନ୍ୟାଜଳ ବିପଦ ସଂକେତ ଉପରେ ରହିଛି। ଗତକାଲି ଅଳଭାଠାରେ ୧୮. ୨୫ ଫୁଟ ଥିବାବେଳେ ଆଜି ସନ୍ଧ୍ୟା ସୁଦ୍ଧା ୧୭.୧୦ ରହିଛି। ଏଠାରେ ବିପଦସଂକେତ ୧୬ ଫୁଟ ରହିଛି। ବନ୍ୟା କମିଥିଲେ ମଧ ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ବିପନ୍ନ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି। ରାସ୍ତା ବୁଡ଼ିଯାଇଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ମୂଲିଆ ଶ୍ରେଣୀର ଲୋକେ କାମକୁ ଯାଇ ନ ପାରି ଭୋକ ଉପାସରେ କାଳାତିପାତ କରୁଛନ୍ତି। ବିଦ୍ୟୁତ୍ ଓ ଟେଲି ସେବା ପ୍ରଭାବିତ ହୋଇଛି। ଚାଷଜମି ବୁଡ଼ିଯାଇଥିବାରୁ ଗାଈଗୋରୁ, ଛେଳିମେଣ୍ଢା ଚରିବାକୁ ଯାଇ ନ ପାରି ଡହଳବିକଳ ହେଉଛନ୍ତି। ଆଜି ନୀଳକଣ୍ଠପୁର, ଦୋଷମାଳି ଓ ଡାମରପୁର ଜେନାପାଟଣାରେ କୁମ୍ଭୀର ଦେଖି ଲୋକେ ଭୟଭୀତ ହୋଇଥିବାବେଳେ ସମଗ୍ର ବନ୍ୟାଞ୍ଚଳରେ କୁମ୍ଭୀର ଭୟ ଲାଗି ରହିଛି। ଗତକାଲି ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ବିଡିଓ ଅଶୋକ ମହାନ୍ତି ପ୍ରଶାସନିକ ଅଧିକାରୀଙ୍କ ସହ ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପୌରାଞ୍ଚଳର ବନ୍ୟା ସ୍ଥିତି ଦେଖିବା ସହିତ ଆବଶ୍ୟକ ବୋଟ୍ ଓ ଗୋଖାଦ୍ୟ ବଣ୍ଟନ ସମେତ ସମସ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ପରେ ପ୍ରଶାସନ ତତ୍ପର ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପୌରାଞ୍ଚଳର ବନ୍ୟା ବିପନ୍ନ ଲୋକେ ବ୍ରାହ୍ମଣୀ ନଦୀରେ ବାରମ୍ବାର ବନ୍ୟା ଯୋଗୁଁ ଦୁର୍ଦ୍ଦଶା ମଧ୍ୟରେ ରହିଥିବା ଅନୁଭବ କରି ବିପନ୍ନ ଲୋକଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟରେ ଦାବି କରିଛନ୍ତି।

- ସହାୟତା ପାଇଁ ଗଣେଶ୍ୱର ଓ ଧ୍ରୁବଙ୍କ ଦାବି
- ନୀଳକଣ୍ଠପୁର, ଜେନାପାଟଣା ଅଞ୍ଚଳରେ କୁମ୍ଭୀର ଭୟ
- ବାହ୍ୟ ଜଗତରୁ ବିଚ୍ଛିନ୍ନ ସିଂହଗାଁରେ ଡାକ୍ତରୀ ଟିମ୍

ବ୍ରାହ୍ମଣୀ ନଦୀରେ ଦେଖାଦେଇଥିବା ଦ୍ୱିତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ଓ ବାଛରା ପଞ୍ଚାୟତର ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପୌରାଞ୍ଚଳରେ ଥିବା ଚାଷଜମି ୧୫/୨୦ ଧରି ବୁଡି ରହିଥିବାରୁ ଧାନ, ପନିପରିବା ଫସଲ ପଚି ନଷ୍ଟ ହେବା ସହିତ ପୁତି ଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟାଞ୍ଚଳରେ ପରିବେଶ ଦୂଷିତ ଯୋଗୁଁ ବିଭିନ୍ନ ସଂକ୍ରାମକ ରୋଗ ଦେଖାଦେଇଛି। ବିଶୁଦ୍ଧ ପିଇବା ପାଣି ସଂକଟ ଦେଖାଦେଇଛି। ନୀଳକଣ୍ଠପୁର ପଞ୍ଚାୟତର ଡଗରାପାଳଠାରେ ଗତକାଲି ବନ୍ୟା ସ୍ରୋତରେ ଘଳିଆ ସୃଷ୍ଟି ହୋଇଥିଲା। ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ ବିଭାଗୀୟ କର୍ମଚାରୀଙ୍କ ସହିତ ପହଞ୍ଚି ବାଲି ବସ୍ତା ଦ୍ୱାରା ଗଳିଆ ବନ୍ଦ କରିବା ପରେ ଘାଇ ସୃଷ୍ଟି ଆଶଙ୍କା ଦୂର ହୋଇଛି। ସିଂହଗାଁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିବାବେଳେ ମାଳିପୁର ରାସ୍ତାରେ ବନ୍ୟା ସ୍ରୋତ ଯୋଗୁଁ ଶ୍ରୀରାମପୁର ଡାମରପୁର ଓ ବଳଭଦ୍ରପୁର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସେହିପରି ବାଛରା-ମଣ୍ଡପଡା ରାସ୍ତାରେ ବନ୍ୟାର ପ୍ରଖର ସ୍ରୋତ ପ୍ରବାହିତ ହେଉଥିବାରୁ ବାଛରା, ମଣ୍ଡପଡା ଲୋକଙ୍କ ଗଗନାଗମନରେ ବାଧା ଉପୁଜିଛି। ସିଂହଗାଁ ପଞ୍ଚାୟତ ଲୋକମାନେ ସ୍ୱାସ୍ଥ୍ୟସେବା ପାଇଁ ଡହଳବିକଳ ହେଉଥିବାବେଳେ ପଟ୍ଟାମୁଣ୍ଡାଇ ସମିତି ସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ସବଡିଭିଜନ ମେଡିକାଲ ଅଫିସର ଡା ନିରାକାର ପରିଡ଼ାଙ୍କ ନିର୍ଦ୍ଦେଶରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଟିମ ସିଂହଗାଁରେ ପହଞ୍ଚି ଚିକିତ୍ସା ସେବା ଯୋଗାଇବା ସହିତ ଔଷଧ ପତ୍ର ବଣ୍ଟନ କରିଥିଲେ।

ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ସାଙ୍ଗକୁ ଫସଲ ହାନୀ ଘଟି ଗରିବ ଖଟିଖିଆ ଓ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ବନ୍ୟା ଯୋଗୁଁ ଜଳମଗ୍ନ ହୋଇଥିବା ଅଞ୍ଚଳରୁ ବନ୍ୟା ପାଣି ଛାଡିଯାଇଥିଲେ ମଧ ଚାଷଜମି ବୁଡି ରହିଥିଲା। ଚାଷଜମିରୁ ବନ୍ୟା ପାଣି ଶୁଖି ନ ଥିବାବେଳେ ବ୍ରାହ୍ମଣୀ ନଦୀରେ ପୁଣି ଦ୍ୱିତୀୟ ବନ୍ୟା ଆସିଛି। ବାରମ୍ବାର ବନ୍ୟା ଆସିବା ଫଳରେ କ୍ଷୟକ୍ଷତି ଓ ଫସଲହାନୀ ଘଟିଛି। ବନ୍ୟାଞ୍ଚଳରେ କୁମ୍ଭୀର ଭୟ ଲାଗି ରହିଛି। ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ହଜାର ହଜାର ଏକର ଜମି ଜଳମଗ୍ନ ହୋଇରହିଛି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତିସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ, ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଟରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇରହିଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇରହିଛି। ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ପୁନଃରାୟ ଦେଖାଦେଇଥିବା ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ କରାଯାଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତି ପରିସ୍ଥିତିରେ ସତର୍କ ଦୃଷ୍ଟି ରଖିଛନ୍ତି।

## ୨୦ ଦିନ ବନ୍ୟା ପରେ ବି ବିପନ୍ନଙ୍କ ପାଖେ ପହଞ୍ଚିଲାନି ପ୍ରଶାସନ

**ରାଜକନିକା,୩୧।୭ (ସମିସ):** ଲଗାତର ବନ୍ୟାରେ ରାଜକନିକା ବ୍ଲକ୍‌ର ୬ଟି ପଞ୍ଚାୟତ ୨୦ ଦିନ ଧରି ବନ୍ୟା ଘେରରେ ରହିଥିଲେ ହେଁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଗତଙ୍କୁ ବ୍ୟଥିତ କରିଛି। ନାଁ ଅଛି ଡ଼ଙ୍ଗା ବ୍ୟବସ୍ଥା, ନାଁ ଶୁଖିଲା ଖାଦ୍ୟ କିମ୍ବା ରନ୍ଧା ଖାଦ୍ୟ, ନାଁ ପିଇବାପାଣି ନାଁ ଗୋଖାଦ୍ୟ ଏମିତି ଖାଲି ଜିଲ୍ଲାକୁ ରିପୋର୍ଟ ଦେଇ ବ୍ଲକ ପ୍ରଶାସନ ନିଘୋଡ଼ ନିଦରେ ଶୋଇଛି। ପ୍ରଧାନପଡ଼ା, ପଣସଗଣ୍ଡ, ପାରିନୂଆପଡ଼ା, ବରୁଣାଡିହା, ବାରହା ଦୋମଣ୍ଡା ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ ହୋଇଥିବାବେଳେ ଲଗାତର ୨୦ ଦିନର ବନ୍ୟା ଏହି ଅଞ୍ଚଳର ଜନଜୀବନକୁ ଘାଇଲା କରିଦେଇଛି। ଲୋକେ ଘରୁ ବାହାରି ପାରୁ ନ ଥିବାବେଳେ ଗୋରୁଗାଈଙ୍କୁ ଖାଦ୍ୟ ଦେବା ମୁସ୍କିଲ ହୋଇଛି। ପିଲାଙ୍କ ପାଠପଢା ବନ୍ଦ ଥିବାବେଳେ ମେଡିକାଲ ସମସ୍ୟା ଉତ୍କଟ ହୋଇଛି। ବନ୍ୟାରେ ପୀଡ଼ିତ ଜନଜୀବନକୁ ସାନ୍ତ୍ୱନା ଦେବାକୁ ମଧ ଉଚିତ ମଣି ନ ଥିବା ପ୍ରଶାସନ କେବଳ ଖବର ପ୍ରକାଶ ପରେ ନିଜକୁ ଦୋଷମୁକ୍ତ କରିବାକୁ ସେସବୁ ଅଞ୍ଚଳ ଓ ଗାଁକୁ ଯାଇ ରିଲିଫ ବା ସାହାଯ୍ୟ ମିଳିବ ବୋଲି ଫମ୍ପା ପ୍ରତିଶ୍ରୁତି ଦେଇଆସୁଛି। ଏମିତି କେବଳ ଭେଳିକିରେ ଚାଲିଆସୁଥିବା ବନ୍ୟା ମୁକାବିଲାର ଗୋଲାପୀ ଚିତ୍ର ବ୍ଲକ ମୁଖ୍ୟାଳୟରେ କାଗଜକଲମରେ ଚାଲି ଥିବାବେଳେ ଅସଲ ପୀଡିତ ପ୍ରଶାସନ ଉପରେ ଭରସା ତୁଟାଇ ଦେଇଛନ୍ତି। ବନ୍ୟା ମୁକାବିଲା କରିବାରେ ଅସଫଳ ଉଦ୍ୟମକୁ ବ୍ଲକ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇ ଆସନ୍ତା ଶନିବାର ଦିନ ପ୍ରଶାସନ ବିରୁଦ୍ଧରେ ଦାବିପତ୍ର ଦେବାକୁ ପ୍ରସ୍ତୁତି ଚଳାଇଛି।

- ରାଜନଗରରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ

## ଦୁର୍ଦ୍ଦଶାରେ ୪ ପଞ୍ଚାୟତର ଲୋକ

**ରାଜନଗର,୩୧।୭ (ସମିସ):** ରାଜନଗର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ ରହିଛି। ବ୍ଲକ୍‌ର ୪ଟି ପଞ୍ଚାୟତର ୨୦ରୁ ଅଧିକ ଗାଁର ହଜାର ହଜାର ଲୋକ ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା ଆସିବା ଯୋଗୁଁ ୪ ଦିନ ଧରି ବନ୍ୟା ଘେରରେ ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ମାଳ ମାଳ ବଉଳା କୁମ୍ଭୀରଙ୍କ ଆତଙ୍କ ପାଣି ଘେରରେ ଥିବା ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ତୁହାକୁ ତୁହା ବର୍ଷା ସେମାନଙ୍କ ଜୀବନଜୀବିକାକୁ ଅଧିକ ଦୁର୍ବିସହ କରିଦେଇଛି। ରିଲିଫ ମିଳିବା ସାତସପନ ହୋଇଛି। ଯାହାକୁ ନେଇ ବନ୍ୟା ପ୍ରଭାବିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଆଜି ରାଜନଗର ବିଡିଓ ଅନିରୁଦ୍ଧ ବେହେରା ବିପନ୍ନଙ୍କ ନିକଟରେ ପହଞ୍ଚି ପଚାରି ବୁଝିବା ସହିତ ଡଙ୍ଗା ଯୋଗାଇ ଦେଇଛନ୍ତି। ବନ୍ୟାରେ ସନ୍ତପଡ଼ା ଗ୍ରାମର ବିଶ୍ୱାଳ ସାହିର ୧୦ ପରିବାର ଓ ବାରିକ ସାହିର ୪ ପରିବାର ୧୫ ଦିନ ଧରି ପାଣି ଘେରରେ ଅଛନ୍ତି । ଅପରପକ୍ଷେ ବନ୍ୟା ବିପନ୍ନ ଲୋକେ ବର୍ଷକର ଧାନ ଫସଲ ପାଇଁ ପକାଇଥିବା ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯେଉଁ ପନିପରିବା ଚାଷ କରିଥିଲେ ତାହା ପାଣିରେ ପଚି ନଷ୍ଟ ହୋଇଯାଇଛି। ତୁରନ୍ତ ବିପନ୍ନ ଲୋକଙ୍କ ପାଖରେ ଶିଶୁ ଖାଦ୍ୟ ସହିତ ପର୍ଯ୍ୟାପ୍ତ ପରିମାଣରେ ଗୋଖାଦ୍ୟ, ବିଶୁଦ୍ଧ ପାନୀୟଜଳ, ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ବିଧାୟକ ଧ୍ରୁବ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।



## ନେତାଜୀ ଯୁବ ପରିଷଦର ନୂତନ କର୍ମକର୍ତ୍ତା ଚୟନ



**କେନ୍ଦ୍ରାପଡ଼ା,୩୧।୭ (ସମିସ):** କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତସ୍ଥ ନେତାଜୀ ଯୁବ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଯୁବ ପରିଷଦର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତି ଓ ସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପରିଷଦର ନୂତନ ସଭାପତି ଭାବେ ମୃତ୍ୟୁଞ୍ଜୟ ମହାନ୍ତି, ସମ୍ପାଦକ ଭାବେ ସରୋଜକାନ୍ତ ସାହୁ, କୋଷାଧକ୍ଷ ଭାବେ ବିଶ୍ୱକାନ୍ତ ବିଶ୍ୱାଳ, ଉପସଭାପତି ଭାବେ ଦେବାଶିଷ ସ୍ୱାଇଁ ଓ ସହସମ୍ପାଦକ ଭାବେ ଦେବାଶିଷ ମହାପାତ୍ର ପ୍ରମୁଖଙ୍କୁ ଚୟନ କରାଯାଇ କ୍ଲବ୍‌ର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଥିଲା। ଏଥିସହିତ ଆଗାମୀ ଗଜଲକ୍ଷ୍ମୀ ପୂଜାକୁ ସରସ ସୁନ୍ଦର ଭାବେ ସମ୍ପାଦିତ କରାଯିବା ସହ ମା'ଙ୍କ ଚାନ୍ଦୀ ମେଢ଼ ଆହୁରି ଅଧିକ ସୁନ୍ଦର ଭାବେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କ୍ଲବ୍‌ର ପୂର୍ବତନ ସଭାପତି ହରିନାରାୟଣ ମଲ୍ଲିକ, ପୂର୍ବତନ ସମ୍ପାଦକ ଧନଞ୍ଜୟ ମହାନ୍ତି ଓ ବରିଷ୍ଠ କର୍ମକର୍ତ୍ତା ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଅଙ୍ଗଦାନ ପାଇଁ ସଂକଳ୍ପ ପତ୍ରରେ ସ୍ୱାକ୍ଷରକଲେ ପ୍ରଦୀପ



**ପଟ୍ଟାମୁଣ୍ଡାଇ,୩୧।୭ (ସମିସ):** ସାମ୍ପ୍ରତିକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଅଚଳ ହେବା ଯୋଗୁଁ ରୋଗୀ ନିଶ୍ଚିତ ମୃତ୍ୟୁକୁ ଆବୋରି ନେଉଛି। ତେବେ ଚିକିତ୍ସା ବିଜ୍ଞାନର ଅଗ୍ରଗତି ଯୋଗୁଁ ଅଚଳ ଅଙ୍ଗପ୍ରତ୍ୟଙ୍ଗକୁ ଅସ୍ତ୍ରୋପଚାର ମାଧ୍ୟମରେ କାଢି ନିଆଯାଇ ନୂତନ ଅଙ୍ଗପ୍ରତ୍ୟଙ୍ଗ ରୋପଣ ଫଳରେ ରୋଗୀ ପୁନର୍ଜୀବନ ପାଉଛି। ଏ ପରିପ୍ରେକ୍ଷୀରେ ବହୁ ଅମୂଲ୍ୟ ଜୀବନ ରକ୍ଷା ପାଇଁ ଅଙ୍ଗଦାନ ମହତ ଦାନ କାର୍ଯ୍ୟକ୍ରମ ପ୍ରତି ସମର୍ଥନ ମିଳିଛି। ଏହି ମହତ୍ କାର୍ଯ୍ୟ ପ୍ରତି ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୋତ୍ସାହନ ମିଳୁଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ମୂଳବସନ୍ତ ପଞ୍ଚାୟତ ସାନମୂଳବସନ୍ତ ଗ୍ରାମର ସମାଜସେବୀ ପ୍ରଦୀପ ସ୍ୱାଇଁ ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ଅଙ୍ଗଦାନ ପାଇଁ ସଂକଳ୍ପ ପତ୍ରରେ ସ୍ୱାକ୍ଷର କରିଛନ୍ତି। ତାଙ୍କର ଏହି ମହତ୍ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ପଟ୍ଟାମୁଣ୍ଡାଇ କଲେଜ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ପଟ୍ଟାମୁଣ୍ଡାଇ,୩୧।୭ (ସମିସ):** ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ ଭାବେ ବରିଷ୍ଠ ପ୍ରାଧ୍ୟାପକ କ୍ୟାପଟେନ ମନୋଜ ପରିଡା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀ ପରିଡ଼ା ବିଦାୟୀ ଅଧ୍ୟକ୍ଷ ପ୍ରଫେସର ଡଃ ଦୁଃଶାସନ ପରିଡାଙ୍କଠାରୁ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ନୂତନ ଅଧ୍ୟକ୍ଷ କ୍ୟାପଟେନ ପରିଡା କଲେଜରେ ପ୍ରଶାସନିକ ଦୃଢ଼ତା, ଶୃଙ୍ଖଳା ଓ ଶୈକ୍ଷିକ ପରିବେଶ ସୃଷ୍ଟି ଦିଗରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ ଭାବେ କ୍ୟାପଟେନ ପରିଡାଙ୍କ ଯୋଗଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା,୩୧।୭ (ସମିସ):** କେନ୍ଦ୍ରାପରା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ରଘୁନାଥ ଆର ଆୟାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ସମ୍ପାଦକ ଶିକ୍ଷାବିତ୍ ନରୋତ୍ତମ ଜେନା, ଉପସଭାପତି ସୟଦ ଅକମଲ ଅଲ୍ଲୀ, ଅର୍ଥ ସମ୍ପାଦକ ରବୀନ୍ଦ୍ର ନାଥ ବାରିକ, ବରିଷ୍ଠ ଉପଦେଷ୍ଟା ପରମାନନ୍ଦ ସେଠୀ ପ୍ରମୁଖ ଜିଲ୍ଲାପାଳ ଶ୍ରୀ ଆୟାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚର କର୍ମକର୍ତ୍ତା ସଂଗଠନର ବିଭିନ୍ନ ବୈଠକ ଓ କାର୍ଯ୍ୟକ୍ରମ ପାଇଁ ଏକ ସରକାରୀ ଗୃହ ଯୋଗାଇ ଦେବାକୁ ଅନୁରୋଧ କରିବା ସହିତ ଜିଲ୍ଲାର ବିଭିନ୍ନ ସାମୂହିକ ବିକାଶ କ୍ଷେତ୍ରରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ସହୃଦୟତାର ସହ ସମସ୍ତ କଥାକୁ ଗ୍ରହଣ କରି ଉଚିତ୍ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**କେନ୍ଦ୍ରାପଡ଼ା,୩୧।୭ (ସମିସ):** ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ୍ ଆର୍ ଆୟର୍ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ୍ କମିଟି ସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିଲେ। ଅବସର ଗ୍ରହଣ କରିଥିବା ବରିଷ୍ଠ ଡ୍ରାଇଭରା ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅମାୟିକ ବ୍ୟକ୍ତିତ୍ୱ, ସରକାରୀ କାର୍ଯ୍ୟ ସମ୍ପାଦନର ପ୍ରତିବଦ୍ଧତା ସମସ୍ତ କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଷ୍ଟାଫ୍ କମିଟି ସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳଙ୍କ ଡ୍ରାଇଭର ଭାବେ ସେ ନିଷ୍ଠାର ସହ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଜିଲ୍ଲାପାଳ ପ୍ରଶଂସା କରିବା ସହ ସମସ୍ତ ଷ୍ଟାଫ୍‌ଙ୍କୁ ନିଷ୍ଠାପର ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉପରିସ୍ଥ ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ତାଙ୍କ ଉପରେ ନ୍ୟସ୍ତ ସରକାରୀ କାର୍ଯ୍ୟକୁ ନିଷ୍ଠା ଓ ନମ୍ରତାର ସହିତ ସମ୍ପାଦନ କରିଥିଲେ ବୋଲି ସୁକାନ୍ତ କୁମାର ଜେନା ମତବ୍ୟକ୍ତ କରିଥିଲେ। ସରକାରୀ ସେବାକୁ ଅଗ୍ରାଧିକାର ଭିତ୍ତିରେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଆଇନ ଅନୁଯାୟୀ କାର୍ଯ୍ୟ କରିବା ସହ ସମସ୍ତଙ୍କୁ ଉତ୍ତମ ବ୍ୟବହାର ସହିତ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ଶ୍ରୀ ସାହୁ ସମସ୍ତ କର୍ମଚାରୀଙ୍କୁ ଉପଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଶ୍ରୀ ସାହୁଙ୍କ କାର୍ଯ୍ୟକୁ ପ୍ରଶଂଶା କରିବା ସହ ତାଙ୍କ ଅବସର ପରବର୍ତ୍ତୀ ଜୀବନ ସୁସ୍ଥ ଓ ନିରାମୟ କାମନା କରିଥିଲେ। ଏ ଅବସରରେ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ଭାଗବତ ଗୀତା ପୁସ୍ତକ ସହ ବିଭିନ୍ନ ଉପହାର ଦେଇ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଷ୍ଟାଫ୍ କମିଟିର ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ଷ୍ଟାଫ୍ କମିଟି ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।



## ୩ ଜୁଆଡ଼ି ଗିରଫ

**ରାଜନଗର,୩୧।୭ (ସମିସ):** ରାଜନଗର ଥାନା ମହୁଲିଆ ପଞ୍ଚାୟତର ରାଜଗଡ଼ ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର ପାଖରେ ଦିନ ୧୨ଟା ସମୟରେ ଜୁଆ ଖେଳ ଚାଲୁଥିବା ବିଶେଷ ସୂତ୍ରରୁ ଖବର ପାଇ ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ପହଞ୍ଚି ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ରାଜନଗର ଗ୍ରାମର ମିଞ୍ଜା ସେଠୀ, ସତ୍ୟରଂଜନ ସେଠୀ, ପ୍ରଦୀପ ସେଠୀଙ୍କୁ ଧରି ଥାନାକୁ ଆଣିଥିଲେ। ଏ ନେଇ ରାଜନଗର ଥାନାରେ ୨୫୮/୨୦୨୫ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଡେରାବିଶ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା ସଭା




**ଡେରାବିଶ,୩୧।୭ (ସମିସ):** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ସଭାଗୃହରେ ଶକ୍ତିଶ୍ରୀ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ମହାବିଦ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ପାଇଁ ଅନୁଷ୍ଠିତ ଏହି ସଚେତନତା ସଭାରେ ଶକ୍ତିଶ୍ରୀ ସଂଯୋଜିକା ସୁଶ୍ରୀ ପ୍ରିୟଦର୍ଶନୀ ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇ ନାରୀମାନଙ୍କ ଅଦମ୍ୟ ଶକ୍ତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇସିସି କୋର୍ଡିନେଟର ପ୍ରଜ୍ଞା ପଟ୍ଟନାୟକ, ଆଇସିସିର ସଦସ୍ୟ ଡଃ ରୁଦ୍ରାଙ୍ଗି ପଟ୍ଟନାୟକ, ଡଃ କିଶୋର ଚନ୍ଦ୍ର ମଲିକ, ଆକାଂକ୍ଷା ଦାସ, ରଘୁନାଥ ସାହୁ, ଅଧ୍ୟାପକ ନଗେନ୍ଦ୍ରନାଥ ପାଣୀ, ଗୁରୁଚରଣ ସେଠୀ, ବିଶ୍ୱଜିତ ସାହୁ ଓ ଶକ୍ତିଶ୍ରୀ ସାଥୀ କାଜଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ଖୋଲାଯାଇଥିଲା। ଅଧ୍ୟାପିକା ସୁଭାସିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଡେରାବିଶ କଲେଜ ଅର୍ଥନୀତି ବିଭାଗରେ ସ୍ୱାଗତ ଉତ୍ସବ

**ଡେରାବିଶ,୩୧।୭ (ସମିସ):** ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ଅର୍ଥନୀତି ସମ୍ମାନ ଶ୍ରେଣୀର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧ୍ୟାପକ ସଞ୍ଜୟ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅଧକ୍ଷ ଚନ୍ଦ୍ରଶେଖର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। ସେମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୋଷଣ କରି ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଓ ଅନବରତ ଉଦ୍ୟମ ଜାରି ରଖିଲେ ଭବିଷ୍ୟତରେ ନିଶ୍ଚିତ ସଫଳତା ପାଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନଗେନ୍ଦ୍ର ପାଣି, ଗୁରୁଚରଣ ସେଠୀ, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ବନିତା ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।



## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଙ୍ଘ ବୈଠକ



**କେନ୍ଦ୍ରାପଡ଼ା,୩୧।୭ (ସମିସ):**

କେନ୍ଦ୍ରାପଡ଼ା ଜିଲ୍ଲା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଙ୍ଘର ସାଧାରଣ ପରିଷଦ ବୈଠକ ଗୁରୁବାର ପୂର୍ବାହ୍ନରେ ଇଛାପୁରସ୍ଥ ଯାତ୍ରୀ ନିବାସରେ ଉପସଭାପତି ଦୁର୍ଯ୍ୟୋଧନ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଷ୍ଟେଟବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଭରତ ଗୋଛାୟତ ଓ ଷ୍ଟେଟ୍ ବ୍ୟାଙ୍କରେ ବର୍ତ୍ତମାନ କାର୍ଯ୍ୟରତ ଥିବା ଅସ୍ଥାୟୀ କର୍ମଚାରୀ ହିମାଂଶୁ ଶେଖର ଦାଶଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରାଯାଇ ସେମାନଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଗଣେଶ୍ୱର ମେକାପ ବ୍ୟାଙ୍କ ପେନସନର୍ସଙ୍କ ଦୀର୍ଘ ବର୍ଷର ଦାବି ପେନସନ ଅପଡେଟେସନ, ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟବୀମା ରାଶି ପ୍ରଦାନ ଓ ଅନ୍ୟାନ୍ୟ ଦାବି ଭୁବନେଶ୍ୱରରେ ସମସ୍ତ ବ୍ୟାଙ୍କ ପେନସନର୍ସ ସଙ୍ଘ ପକ୍ଷରୁ ହେଉଥିବା ଆଜିର ଅନଶନ ଓ ଧାରଣାକୁ ପୂର୍ଣ୍ଣ ସମର୍ଥନ ଜଣାଇ କେନ୍ଦ୍ର ସରକାର ଓ ବ୍ୟାଙ୍କ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାକୁ ପରିତ୍ୟାଗ କରି ଦାବି ତୁରନ୍ତ ପୁରଣ କରିବା ନିମନ୍ତେ ଦାବି କରାଯାଇଥିଲା। ସାଧାରଣ ସମ୍ପାଦକ ଶ୍ରୀ ମେକାପ ପେନସନର୍ସମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ପରିଣତ ବୟସରେ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ନିବେଦନ କରିଥିଲେ।

ଏହି ଅବସରରେ ଆଗାମୀ ତିନିବର୍ଷ ନିମନ୍ତେ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ମାଧବାନନ୍ଦ ମହାପାତ୍ର, ଉପସଭାପତି ଭାବେ ଦୁର୍ଯ୍ୟୋଧନ ସେଠୀ ଓ ସୌରପ୍ରସାଦ ତ୍ରିପାଠୀ, ସାଧାରଣ ସମ୍ପାଦକ ଭାବେ ଗଣେଶ୍ୱର ମେକାପ, ସହକାରୀ ସମ୍ପାଦକ ଭାବେ ନିତ୍ୟାନନ୍ଦ ସେଠୀ, କୋଷାଧକ୍ଷ ଭାବେ ଗୌରାଙ୍ଗ ଚରଣ ସାହୁ, ଆବାହକ ଭାବେ ପରମାନନ୍ଦ ସେଠୀ ଓ କ୍ଷୀରୋଦ ବେହେରା, ଉପଦେଷ୍ଟା ଭାବେ ବିଜୟ ବରାଳ ଓ ହରିପଦ ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଗୋଲକ ବିହାରୀ ବେହେରା, ଉଦୟନାଥ ସାହୁ, ନବକିଶୋର ପଣ୍ଡା ଓ ପ୍ରସନ୍ନ ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ବୈଠକରେ ଶରତ ମୁଦୁଲି, ରାମଚନ୍ଦ୍ର ସେଠୀ, ଅଜୟ ନାୟକ, ପ୍ରଭାକର ନାୟକ, ସୁବାସ ବରାଳ, ଭୀମସେନ ଦାସ, ଅତୁଲ ଗିରି, ବିଜୟ ନାୟକ, ପ୍ରହଲ୍ଲାଦ ମହାରଣା, ରବିନ ଗୋଛାୟତ, ମହେନ୍ଦ୍ର ମିଶ୍ର ଓ ସୁନାକର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଷାଧକ୍ଷ ଗୌରାଙ୍ଗ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱାଦଶ କର୍ମ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାଙ୍ଗନା ପତି
ଗ୍ରାମ- ସୋଧ, ଦୋବଲ, ଧାମନଗର
ଆବିର୍ଭାବ-୧୭/୮/୧୯୫୩
ତିରୋଧାନ-୨୧/୭/୨୦୨୫

ତୁମ ଅବର୍ତ୍ତମାନରେ ଚାହୁଁ ଚାହୁଁ ଆଜିକୁ ବାର ଦିନ ହୋଇଗଲା। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲ ପାଇବା ସବୁ ସମୟରେ ମନେପଡୁଛି। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।

ଶୋକସନ୍ତପ୍ତ: ରମାକାନ୍ତ ପତି
ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଓ
ପତି ପରିବାର ବର୍ଗ

## କାଜୁ ବଗିଚାରୁ ବାବାଜୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଛେଣ୍ଡିପଦା,୩୧।୭(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବାଲିନାଳି ଗ୍ରାମର ଏକ କାଜୁ ବଗିଚାରୁ ଜଣେ ବାବାଜୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା ମହାବୀରରୋଡ୍ ଥାନା ଝିଲ୍ଲି ଗାଁର ମହର୍ଗା ନାଏକ। ଗୁରୁବାର ମଧ୍ୟାହ୍ନରେ କିଛି ଗାଇ ଚାରାଳି ବାଲିନାଳି ଗାଁ ମୁଣ୍ଡରେ ଥିବା କାଜୁ ବଗିଚାରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପାରିପାଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ସ୍ଥାନୀୟ ଲୋକଙ୍କୁ ପଚରା ଉଚରା କରି ତଦନ୍ତ ଚଳାଇଛି। ବାବାଜୀ ଜଣକ ଭଗଲାକଟାଠାରେ ଏକ ମଠରେ ରହୁଥିବା ବେଳେ ଦେହରେ ଯନ୍ତ୍ରଣା ଯୋଗୁଁ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଛେଣ୍ଡିପଦା ଶବଗୃହରେ ଶବ ରଖାଯାଇଛି। ଶୁକ୍ରବାର ସକାଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ସାପ କାମୁଡ଼ାରେ ମହିଳା ମୃତ

**ଛେଣ୍ଡିପଦା,୩୧।୭(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଖମାର ମାହାର ସାହିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ସେହି ଗ୍ରାମର ଜନ୍ମ ମହାରଙ୍କ ପତ୍ନୀ କେତକୀ ମାହାର। ଗୁରୁବାର ମଧ୍ୟାହ୍ନରେ କେତକୀ ଖାଇ ସାରିବା ପରେ ଘରେ ଶୋଇଥିଲେ। ଏହି ସମୟରେ ତାଙ୍କ ବାମ ହାତକୁ ଏକ ସାପ କାମୁଡ଼ି ଦେଇଥିଲା। କେତକୀ ଚିତ୍କାର କରିବାରୁ ପରିବାର ଲୋକେ ଆସି ସାପକୁ ଖୋଜାଖୋଜି କରିଥିଲେ। ପ୍ରାୟ ୧ଘଣ୍ଟା ପରେ କେତକୀଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

## ୫.୮୪୦ ଗ୍ରାମ ବ୍ରାଉନସୁଗର ଜବତ; ଦମ୍ପତି ଗିରଫ



**ନାଲକୋ ନଗର,୩୧।୭(ସମିସ):** ବ୍ରାଉନସୁଗର କାରବାର ଅଭିଯୋଗରେ ନାଲକୋ ଥାନା ଥାନା ପୁଲିସ ବଳରାମପ୍ରାସାଦ ଗ୍ରାମର ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରଦ୍ୟୁମ୍ନ ସାହୁ (୩୦) ଓ ତାଙ୍କ ସ୍ତ୍ରୀ ଝିଲି ସାହୁ (୨୬)। ପ୍ରଦ୍ୟୁମ୍ନ ପୂର୍ବରୁ ବ୍ରାଉନସୁଗର କାରବାର ଅଭିଯୋଗରେ ପୁଲିସ ହାତରେ ଧରାପଡ଼ି ଜେଲ ଯାଇଥିଲେ। ଝିଲି ଫେରାର ଥିଲେ। ପ୍ରଦ୍ୟୁମ୍ନ ଜମିନିରେ ଆସି ପୁଣି ବେପାର କରୁଥିଲେ। ବୁଧବାର ସନ୍ଧ୍ୟାରେ ବିଶେଷ ସୂତ୍ରରୁ ଖବର ପାଇ ସ୍ପେଶାଲ ସ୍କ୍ୱାଡ୍ ଓ ନାଲକୋ ଥାନା ପୁଲିସ ଅଚାନକ ପ୍ରଦ୍ୟୁମ୍ନଙ୍କ ଘରେ ଚଢ଼ଉ ଯାଞ୍ଚ କରିବା ବେଳେ ସେମାନଙ୍କ ପାଖରୁ ୫.୮୪୦ ଗ୍ରାମ ବ୍ରାଉନସୁଗର ମିଳିଥିଲା। ପୁଲିସ ସେମାନଙ୍କଠାରୁ ବ୍ରାଉନସୁଗର ସହ କାରବାରରେ ବ୍ୟବହୃତ ତିନିଟି ମୋବାଇଲ ଫୋନ, ଗୋଟିଏ କାର, ଜାଭା ବାଇକ, ସ୍କୁଟି ଓ ୨୬୧୦ ଟଙ୍କା ଜବତ କରିଛି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି।

## ୪ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ନାଲକୋ ନଗର,୩୧।୭(ସମିସ):** ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିର ଅଧକ୍ଷଙ୍କ ସମେତ ୪ ଶିକ୍ଷକ ଗୁରୁବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉପାଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସମ୍ପାଦକ ଡ. ସୁଧାକର ପାଳ ମୁଖ୍ୟଅତିଥି, ସ୍କୁଲର ପୂର୍ବତନ ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ଓ ଶିକ୍ଷୟିତ୍ରୀ ସରସୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା, ଶିକ୍ଷକ ଶ୍ରୀବତ୍ସ କୁମାର ଖୁଣ୍ଟିଆ, ପ୍ରତିମାରାଣୀ ସନ୍ଧିବିଗ୍ରହ, ଗିରିଧାରୀ ପୃଷ୍ଟି, ଉମେଶ ଚନ୍ଦ୍ର ମହାପାତ୍ରଙ୍କୁ ମାନପତ୍ର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅନିଲ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷକ ସୁରେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଲକୋ କ୍ଷତିଗ୍ରସ୍ତ ୩୯ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ

ନାଲକୋ ନଗର,୩୧।୭(ସମିସ)



ରାଷ୍ଟ୍ରାୟତ୍ତ ଆଲୁମିନିୟମ ଉଦ୍ୟୋଗ ନାଲକୋ ଲାଭ ପ୍ରଦାନକାରୀ ସଂସ୍ଥା ଯାହାକି ନବରତ୍ନ ମାନ୍ୟତା ପାଇଛି। ତେବେ ନାଲକୋ ପ୍ରକଳ୍ପର ପାରିପାର୍ଶ୍ୱିକ ତଥା କ୍ଷତିଗ୍ରସ୍ତ ୩୯ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଉକ୍ତ ଗ୍ରାମ ସମୂହ ପକ୍ଷରୁ ୧୦ ଦଫା ସମ୍ବଳିତ ଦାବିପତ୍ର ନାଲକୋ ଜିଜିଏମ (ଏଚ ଆଣ୍ଡ ଏ)ଙ୍କୁ ପ୍ରଦାନ କରାଯିବା ସହ ନାଲକୋ ସିଏମଡି, ସ୍ଥାନୀୟ ବିଧାୟକ, ସାଂସଦ, ଏବଂ ଜିଲ୍ଲାପାଳଙ୍କୁ ଏହାର ନକଲ ପ୍ରଦାନ କରାଯାଇଛି।

କ୍ଷତିଗ୍ରସ୍ତ ଗ୍ରାମର ପ୍ରଜାଙ୍କ ଦାବିଗୁଡ଼ିକ ମଧ୍ୟରେ ନାଲକୋରେ କର୍ମଚାରୀ ଅବସର ନେଉଥିବାରୁ ଦିନକୁ ଦିନ କର୍ମଚାରୀ ସଂଖ୍ୟା ହ୍ରାସ ପାଉଥିଲେ ବି ୨୦୦୭ରୁ ଆଜିପର୍ଯ୍ୟନ୍ତ ନୂତନ ନିଯୁକ୍ତି ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ନାଲକୋ ଦ୍ୱାରା ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଛି। ଜମି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ସିଧାସଳଖ ନାଲକୋରେ ନିଯୁକ୍ତି ପ୍ରଦାନ, ନାଲକୋର ବିଭିନ୍ନ ଉତ୍ପାଦକୁ ସ୍ଥାନୀୟ ଟ୍ରକ ଦ୍ୱାରା ପରିବହନ କରି ଅଞ୍ଚଳବାସୀଙ୍କୁ ରୋଜଗାର ଯୋଗାଇଦେବା, ଲାଭାଂଶର ୨ ପ୍ରତିଶତ ଅଞ୍ଚଳର ବିକାଶରେ ଉପଯୋଗ କରିବା, ନାଲକୋ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାରେ ଗ୍ରାମବାସୀଙ୍କୁ ଉନ୍ନତ ସେବା ପ୍ରଦାନ, ନାଲକୋ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଞ୍ଚଳବାସୀଙ୍କୁ ସୁଯୋଗ ଦେବା ସହ ଛୋଟ ପିଲାଙ୍କୁ ବସ ସହାୟତା ପ୍ରଦାନ, ନାଲକୋ ଚତୁର୍ପାଶ୍ୱର୍ ରାସ୍ତା ସମ୍ପ୍ରସାରଣ, କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକରେ ବିଭିନ୍ନ ଗ୍ରାମ ପୀଠପୂଜାର ପରମ୍ପରାରେ ସହଯୋଗ, ପାରିପାଶ୍ୱର୍ିକ ଗ୍ରାମଗୁଡ଼ିକରେ ଆଲୋକୀକରଣ କରିବା, କାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସରେ ପ୍ରକୃତି ଓ ଲୋକେ ପ୍ରଭାବିତ ହେଉଥିବାରୁ ଅଞ୍ଚଳରେ ବ୍ୟାପକ ଚାରାରୋପଣ କରାଯିବା ଆଦି ପ୍ରମୁଖ। ଦାବିପତ୍ର ପ୍ରଦାନ ବେଳେ ୩୯ଟି ଗ୍ରାମର ବହୁ ଲୋକଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ବଳରାମପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ, କୁଲାଡ଼ ସରପଞ୍ଚ ଉଷରାଣୀ ସାହୁ, ଭୋଗବେରଣୀ ସରପଞ୍ଚ ଚାପଲିନ ସାହୁ, କୁରୁଡୋଲ ସରପଞ୍ଚ ଦିବାକର ମହାଲିକ, ବିଜେପି ନେତା ଅନୀଲ କୁମାର ବେହେରା, ଅମିୟ ତ୍ରିପାଠୀ, ପ୍ରତ୍ୟୁଷ ପଣ୍ଡା, ସୁଶୀଲ ବିଶୋଇ, ମୁକେଶ ଜେନା, ତପନ ସାମନ୍ତ ସିଂ, ବାବୁଲି ସ୍ୱାଇଁ, ବିକାଶ କୁମାର ସାହୁ, ବିକାଶ ସାମଲ, ସୁବ୍ରତ ସାହୁ, ଦୟାନିଧି ସାମଲ, ବାପି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଉଡଲ ଓ ନାକଚି ଫାର୍ମ ପରିଦର୍ଶନ



**କିଶୋରନଗର,୩୧।୭(ସମିସ):** କିଶୋରନଗର ବ୍ଲକ ନାକଚି ଉଦ୍ୟାନ କୃଷି ଫାର୍ମ ଓ ଦୁର୍ଗମ ଉଡଲ ଗ୍ରାମକୁ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍ ଅଖତାର ଗୁରୁବାର ପରିଦର୍ଶନ କରିଛନ୍ତି। ହିତାଧିକାରୀମାନେ କିଭଳି ସରକାରଙ୍କ ଯୋଜନାରୁ ଲାଭ ପାଇବେ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଡିଏଫଓ ସନ୍ତୋଷ କୁମାର କପୁଲା, ବିଡିଓ ସୁବ୍ରତ କୁମାର ବେହେରା, ହଣ୍ଡପା ରେଞ୍ଜର ନରେନ୍ଦ୍ର ଗମାଙ୍ଗ ଓ ଉଦ୍ୟାନ କୃଷି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ପେନସନ ପ୍ରଦାନ



**ବାଲେଶ୍ୱର, ୩୧।୭(ସମିସ):** ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଚଳିତ ଜୁଲାଇ ମାସରେ ସରକାରୀ ଚାକିରିରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ହାସିନା ବିବିଙ୍କୁ ଫାଇନାଲ ପେନସନ ଓ ଗ୍ରାଚ୍ୟୁଇଟି ସଂକ୍ରାନ୍ତ କାଗଜପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେକସନ୍ ଅଫିସର ସୁଜିତ କୁମାର ମଲ୍ଲିକ, ଅଫିସ ସହାୟକ ସମର ନାୟକ, ପ୍ରଦୀପ ମିଶ୍ର, ଶିକ୍ଷକ ସଂଘ ସମ୍ପାଦକ ଅରୁଣ କୁମାର ପାତ୍ର, ଶିକ୍ଷକ ନେତା ନିରଞ୍ଜନ ଗିରି, ରିତେଶ ରାୟ, ଦୀପକ କୁମାର ମହାନ୍ତି, ଏବିଇଓ ରେଣୁବାଳା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାଧୀନତାର ୮ ଦଶନ୍ଧି ପରେ ବି ଗାଁକୁ ନାହିଁ ରାସ୍ତା



- ବର୍ଷାଦିନେ ଅବସ୍ଥା ବେହାଲ
- ରାସ୍ତା ନିର୍ମାଣ ପାଇଁ ଦାବି

**ପାଲଲହଡ଼ା,୩୧।୭(ସମିସ):** ସ୍ୱାଧୀନତାର ୮ ଦଶନ୍ଧି ପରେ ବି ଗାଁକୁ ନାହିଁ ପକ୍କା ରାସ୍ତା। ବର୍ଷାଦିନେ ମାଟି ରାସ୍ତାରେ ଗାଡ଼ି ଚାଲିବା ତ ଦୂର କଥା ଚାଲିଚାଲି ଯିବା ମଧ୍ୟ କାଠିକର ପାଠ ହେଉଛି। କୌଣସି ଉପାନ୍ତ ଅଞ୍ଚଳ ଗାଁ ନୁହଁ; ଏହା ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ମୁଖ୍ୟାଳୟଠାରୁ ମାତ୍ର ୩ କିମି ଦୂରରେ ଅବସ୍ଥିତ ବଡ଼ଝାର ଓ ନିକଟସ୍ଥ ଇଲିସୁଆଁ ଗାଁର କଥା। ଉଭୟ ଗାଁ ଈଶ୍ୱରନଗର ପଞ୍ଚାୟତ ଅଧୀନରେ ଥିବାବେଳେ ୫୦୦ରୁ ଅଧିକ ଆଦିବାସୀ ପରିବାର ଏଠାରେ ବାସ କରନ୍ତି। ଦୈନନ୍ଦିନ କାର୍ଯ୍ୟ ପାଇଁ ପାଲଲହଡ଼ା ଉପଖଣ୍ଡ ସଦରମହକୁମା ହିଁ ଭରସା। ହେଲେ ଏହି ଗାଁକୁ ଆଜିଯାଏଁ ପକ୍କା ସଡ଼କ ନାହିଁ। ସଦରମହକୁମା ନିଜିଗଡ଼ ପଞ୍ଚାୟତ ଉଦୟପୁରଠାରୁ ହେଉ କିମ୍ବା ଈଶ୍ୱରନଗର ପଞ୍ଚାୟତ ଟମ୍ପର ଗାଁଠାରୁ ମାଟିମୋରମ ରାସ୍ତା ହିଁ ସେମାନଙ୍କ ଜୀବନରେଖା। ଗମନାଗମନ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ମାତ୍ର ଏହି ଗାଁଗୁଡ଼ିକରେ ପକ୍କା ସଡ଼କ ହେଇପାରୁ ନ ଥିବା ଅଭିଯୋଗ ହେଉଛି। ବର୍ଷାଦିନେ କାଦୁଅ ପଚପଚ ରାସ୍ତା ହିଁ ସେମାନଙ୍କ ସାହାଭରସା ପାଲଟିଛି। ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାକୁ ହେଉ କିମ୍ବା ମୂଲମଜୁରି ପାଇଁ ଲୋକେ ବାହାର ଗାଁକୁ ଯିବାକୁ ହେଉ କିମ୍ବା ଦୈନନ୍ଦିନ କାର୍ଯ୍ୟ ଏପରିକି ଡାକ୍ତରଖାନାକୁ ଅତି ଦୟନୀୟ ଅବସ୍ଥାରେ ବର୍ଷାଦିନେ ଯାତାୟାତ କରିଥାନ୍ତି। ଗାଁ ଲୋକେ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ସୂଚନା ଅନୁଯାୟୀ, ଉକ୍ତ ରାସ୍ତାର କିଛି ଅଂଶ ନିଜିଗଡ଼ ଓ ଆଉ କିଛି ଈଶ୍ୱରନଗର ପଞ୍ଚାୟତ ଅଧୀନରେ ଥିବାରୁ ସୀମା ବିବାଦକୁ ନେଇ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହାର ସମାଧାନ କରି ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପୁଅ ମାଡ଼ରେ ମା'ର ମୃତ୍ୟୁ, ଅଭିଯୁକ୍ତ ଗିରଫ

**ଜଳେଶ୍ୱର, ୩୧।୭ (ସମିସ):** ଜନ୍ମକଲା ପୁଅର ମାଡ଼ରେ ମାଁ ର ମୃତ୍ୟୁ ଘଟଣା ରାଇବଣିଆ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ ପଞ୍ଚାୟତର କେନ୍ଦୁ ଖୁଣ୍ଟା ଗାଁରେ ଜଣେ ପୁଅର ମାଡରେ ମା'ର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ଜୁନ୍ ୨୩ ଦିନ ରେଣ୍ଟା ମୁର୍ମୁର ସ୍ତ୍ରୀ ଚାମି ଟୁଡୁ (୪୮) ରାତିରେ ଘରେ ରହିଥିବା ବେଳେ ତା'ର ବଡପୁଅ ହପନା ଟୁଡୁ(୩୦) ନିଶାସକ୍ତ ଅବସ୍ଥାରେ ଠେଙ୍ଗାରେ ଆକ୍ରମଣ କରିଥିଲା। ହପନା ଟୁଡୁ କୌଣସି କାମ କରୁନଥିବା ବେଳେ ବାପା-ମା ଠାରୁ ଜବରଦସ୍ତ ଟଙ୍କା ନେଇ ନିଶା ସେବନ କରୁଥିଲା। ପୁଅ ମାଡ଼ରେ ଚାମି ଟୁଡୁ ଗୁରୁତର ହୋଇ ପ୍ରଥମେ ହାତୀଗଡ଼ ହସ୍‌ପିଟାଲ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସାମାନ୍ୟ ସୁସ୍ଥ ହେବାପରେ ତାଙ୍କୁ ଘରକୁ ଫେରାଇ ଆଣିଥିବା ବେଳେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ଖବର ପାଇ ରାଇବଣିଆ ପୁଲିସ୍ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରିଥିବା ବେଳେ ଅଭିଯୁକ୍ତ ହପନା ଟୁଡୁକୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।

## ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ବୃକ୍ଷରୋପଣ




**ବାଲେଶ୍ୱର, ୩୧।୭(ସମିସ):** ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱର ଶାଖା ଆନୁକୂଲ୍ୟରେ ସଭାପତି ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଭୀମପୁରା ଶ୍ମଶାନ ଭୂମି ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ରମେଶ ଚନ୍ଦ୍ର ଜେନା ପ୍ରଥମ ବୃକ୍ଷରୋପଣ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ସତ୍ୟରଞ୍ଜନ ରାଉତ, ଅକ୍ଷୟ କୁମାର ପଣ୍ଡା, ସମ୍ପାଦକ ରାମଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଉପଦେଷ୍ଟା ଗିରିଧାରୀ ବିନ୍ଧାଣି, ସଙ୍ଗଠନ ସମ୍ପାଦକ ଗଗନ ଚନ୍ଦ୍ର ଦଳାଇ, କୋଷାଧ୍ୟକ୍ଷ ବଙ୍କିମ କୁମାର ପତି, ସୁକୁମାର ବେହେରା, ଅନିଲ ଦାସ, ଉମାକାନ୍ତ ଦାସ, ପଦ୍ମନାଭ ସାମଲ, ବିଜୟ ସେନାପତି, ପ୍ରଫୁଲ୍ଲ ସେଠୀ, ରବୀନ୍ଦ୍ର ନାରାୟଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ହିନ୍ଦୋଳ ବନାଞ୍ଚଳ ବାଘଧରିଆ ଗ୍ରାମରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି (ବାମ)। ମୃତ ତିନିଜଣଙ୍କ ଜୁଇ ଏକାଠି ଜଳୁଛି।

# କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିରରେ ମାତୃ କର୍ମଶାଳା

ତାଳଚେର,୩୧।୭(ସମିସ)



ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି। ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଓ ମୁଖ୍ୟବକ୍ତା ଭାବେ ପ୍ରାନ୍ତ ପର୍ଯ୍ୟାୟ ପ୍ରମୁଖ ରୀତା ଭୂତିଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର କୁନି ଛାତ୍ରୀ ପ୍ରିୟଂଶୀ ପ୍ରଧାନ ଗୀତା ଆବୃତ୍ତି କରିଥିଲେ। ଶିଶୁ ବାଟିକା ପ୍ରମୁଖ ଆଚାର୍ଯ୍ୟା ଅର୍ଚ୍ଚନା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ଶିଶୁର ଶାରିରୀକ, ବୌଦ୍ଧିକ ଓ ଶୈକ୍ଷିକ ବିକାଶରେ ମାଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୮୨ଜଣ ମାଆ ଉପସ୍ଥିତ ଥିଲେ। ଏହାସହ ମାଆମାନଙ୍କୁ ଶାରିରୀକ, ମାନସିକ ବିକାଶ, ଅଙ୍କଜ୍ଞାନ, ସଂଖ୍ୟା ଓ ଅକ୍ଷର ପରିଚୟ ଆଦି ତାଲିମ ଦିଆଯାଇଥିଲା। ଆଚାର୍ଯ୍ୟା ଅର୍ଚ୍ଚନା ସାହୁ ଓ ସରସ୍ୱତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା କଳ୍ପନା ସାହୁ, ରାଗିଣୀ ସ୍ୱାଇଁ, ରଞ୍ଜୁବାଳା ସାହୁ, ସବିତା ସାହୁ, ବୈଜୟନ୍ତୀ ସାହୁ, ପୁଷ୍ପାରାଣୀ ବେହେରା ସହଯୋଗ କରିଥିଲେ।

## ସୁବ୍ରତ ଆଇଏନଟିୟୁସିର ବାଲେଶ୍ୱର ଜିଲ୍ଲା ଯୁବ ସଭାପତି




**ବାଲେଶ୍ୱର, ୩୧।୭(ସମିସ):** ଆଇଏନଟିୟୁସିର ନୂତନ ଜିଲ୍ଲା ଯୁବ ସଭାପତି ଭାବେ ଆଜି ଚୟନ କରାଯାଇଛି। ଏ ନେଇ ଆଜି ଯୁବ ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ନୂତନ କରି ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ସୁବ୍ରତ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ତାଙ୍କୁ ଏହି ସଙ୍ଗଠନର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।


**କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧**

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

# ସମ୍ପାଦକୀୟ



ଯାହା କହି ହୁଏ ନାହିଁ କି ନ କହି ରହି ହୁଏ ନାହିଁ, ତାହା ସଙ୍ଗୀତ ମାଧ୍ୟମରେ ପରିପ୍ରକାଶ କରାଯାଇପାରେ।
-ଭିକ୍ଟର ହ୍ୟୁଗୋ

ସକାଳ
THE SAKALA

## ଇନ୍ଧନ-କୂଟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବିଶ୍ୱ ବାଣିଜ୍ୟ ଏବଂ ଭୂ-ରାଜନୀତିର କେନ୍ଦ୍ରରେ ଆଧିପତ୍ୟ ବିସ୍ତାର କରି ଚାଲିଛି ଜୀବାଶ୍ମ ଇନ୍ଧନ। ଏଥିପାଇଁ ଉପସାଗରୀୟ ଉତ୍ତେଜନା ଓ ଅସ୍ଥିରତା ଲାଗି ରହିଛି ଏବଂ ଏକାଧିକ ଗୋଳାବାରୁଦ ଯୁଦ୍ଧ ମଧ୍ୟ ସଂଘଟିତ ହୋଇଛି। ଏହି ପୃଷ୍ଠଭୂମିରେ ରୁଷ୍‌ରୁ ସର୍ବାଧିକ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ଉପରେ ଟ୍ରମ୍ପଙ୍କ ଆକ୍ରୋଶରେ ପଛରେ ଅଧିକ କାରଣ ଖୋଜିବାର ଆବଶ୍ୟକତା ନାହିଁ। ଯଦି ବିଶ୍ୱରେ ନିକଟ ଭବିଷ୍ୟତରେ କୌଣସି ବଡ଼ ଧରଣର ଯୁଦ୍ଧ ସଂଘଟିତ ହୁଏ ତେବେ ଜୀବାଶ୍ମ ଇନ୍ଧନ ପ୍ରମୁଖ କାରକ ହେବ ଏବଂ ଏଥିରେ ଆମେରିକାର ହିଁ ବଡ଼ ଭୂମିକା ରହିବ, ଏହାକୁ ଅସ୍ୱୀକାର କରିହେବ ନାହିଁ। ବିଗତ ଶତାବ୍ଦୀର ନବେଦଶକରୁ ଆରମ୍ଭ ହୋଇଥିବା ଆମେରିକାର ଇନ୍ଧନ-କୂଟ ଇରାକ୍ ଉପରେ ଗୁଳିଗୋଳା ଓ କ୍ଷେପଣାସ୍ତ୍ର ଆକ୍ରମଣର ରୂପ ନେଇଥିବା ବେଳେ ଚଳିତ ଶତାବ୍ଦୀରେ ତାରିଫ୍-ଯୁଦ୍ଧରେ ପରିବର୍ତ୍ତିତ ହୋଇଛି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ରୂପେ ଦ୍ୱିତୀୟ ଥର କ୍ଷମତାସୀନ ହେବା ପରେ ଆମେରିକାର ଇନ୍ଧନ-କୂଟ ଆହୁରି ଆକ୍ରମଣାତ୍ମକ ଓ ନିର୍ଣ୍ଣାୟକ ହେଉଥିବା ଦେଖାଯାଉଛି।

ସୋଭିଏତ୍ ସଂଘର ପତନ ପରେ ଆମେରିକା ବିଶ୍ୱର ସର୍ବଶକ୍ତିମାନ ଅପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖିଥିଲା। କିନ୍ତୁ ଭ୍ଲାଦିମାର ପୁଟିନ୍‌ଙ୍କ ନେତୃତ୍ୱରେ ରୁଷ୍ ପୁଣି ନିଜକୁ ବିଶ୍ୱ ମହାଶକ୍ତି ରୂପେ ପ୍ରତିଷ୍ଠିତ କରିବା ସହିତ ଆମେରିକାର ସ୍ୱପ୍ନ ଅଧୁରା ରହିଗଲା। କୂଟନୈତିକ ପରାଜୟ ପରେ ଆମେରିକା ଏବେ ଅର୍ଥନୈତିକ କଟକଣା କୌଶଳ ରୁଷ୍ ବିରୋଧରେ ପ୍ରୟୋଗ କରି ଭୂରାଜନୀତିକୁ ପ୍ରଭାବିତ କରିବାକୁ ଚାହୁଁଛି। ଆମେରିକାର ଏହି ପରିବର୍ତ୍ତିତ ରୁଷ୍ ବିରୋଧୀ ରଣକୌଶଳରେ ୟୁକ୍ରେନ୍ ଅଜାଣତରେ ମୋହରା ହୋଇସାରିଛି। କିନ୍ତୁ ରୁଷ୍‌ର ଅର୍ଥନୀତି ଉପରେ ଏହାର ବିଶେଷ ପ୍ରଭାବ ପଡ଼ି ନଥିବା ଅନୁମାନ କରିବା ପରେ ଆମେରିକା ଇନ୍ଧନ-କୂଟ ପାଞ୍ଚିଛି ଏବଂ ରୁଷ୍‌ରୁ ଇନ୍ଧନ ନ କିଣିବା ପାଇଁ ଭାରତ, ଚୀନ୍, ୟୁରୋପ ସମେତ ଅନ୍ୟାନ୍ୟ ରାଷ୍ଟ୍ରଙ୍କୁ ଉଚ୍ଚା ତାରିଫ୍ ଚେତାବନୀ ଦେଇଛି।

ରୁଷ-ୟୁକ୍ରେନ୍ ଯୁଦ୍ଧ ପୂର୍ବରୁ ରୁଷ୍‌ରୁ ଭାରତର ତୈଳ ଆମଦାନୀ ସେତେ ଅଧିକ ନଥିଲା। ରୁଷ ଉପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘର କଟକଣା ପରେ ରୁଷ୍ ତୈଳ ରପ୍ତାନୀରେ ଯେଉଁ ରିହାତି ଘୋଷଣା କଲା ତାହାର ସବୁଠାରୁ ବଡ଼ ହିତାଧିକାରୀ ହେଲା ଚିରବନ୍ଧୁ ରାଷ୍ଟ୍ର ଭାରତ। ଏବେ ରୁଷ୍‌ର ମୋଟ ଇନ୍ଧନ ରପ୍ତାନୀର ସର୍ବାଧିକ ଅଂଶ ଭାରତକୁ ଯାଉଥିବା ବେଳେ ଭାରତର ମୋଟ ଇନ୍ଧନ ଚାହିଦାର ୪୦% ରୁଷ୍‌ରୁ ଆସୁଛି। ସେହିପରି ରୁଷ୍ ପ୍ରାକୃତିକ ବାଷ୍ପର ସବୁଠାରୁ ବଡ଼ ବଜାର କିଛିମାସ ପୂର୍ବରୁ ଥିଲା ୟୁରୋପୀୟ ରାଷ୍ଟ୍ର ସଂଘ। କିନ୍ତୁ ଟ୍ରମ୍ପ ଦ୍ୱିତୀୟ ବାର କ୍ଷମତାକୁ ଆସିବାର ପ୍ରଥମ ଦିନ ହିଁ ଆମେରିକାରେ ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ତୋଳନରେ ଥିବା କଟକଣାକୁ ହଟାଇଦେଲେ। ପ୍ୟାରିସ୍ ରାଜିନାମାରୁ ଓହରି ଆସିଥିବାରୁ ଆମେରିକା ପାଇଁ ଏ କ୍ଷେତ୍ରରେ ଆଉ କୌଣସି ଅଙ୍କୁଶ ରହିଲା ନାହିଁ। ଏହାପଛରେ ଟ୍ରମ୍ପଙ୍କ ଏକମାତ୍ର ଉଦ୍ଦେଶ୍ୟ ଥିଲା ରୁଷ୍‌ର ବିଶ୍ୱ ତୈଳ ବଜାର ଅଂଶକୁ ଦଖଲ କରି ତା'ର ଅର୍ଥନୀତିକୁ ଦୁର୍ବଳ କରିବା।

ପ୍ରାଥମିକ ପର୍ଯ୍ୟାୟରେ ୟୁକ୍ରେନ୍ ଦେଇ ୟୁରୋପକୁ ଯାଇଥିବା ରୁଷ୍‌ର ପ୍ରାକୃତିକ ବାଷ୍ପ ଯୋଗାଣ ପାଇପ୍‌ଲାଇନ୍‌କୁ ବନ୍ଦ କରିବା ପାଇଁ ୟୁକ୍ରେନ୍ ଉପରେ ଟ୍ରମ୍ପ ଚାପ ସୃଷ୍ଟି କରି ସଫଳ ହେବା ପରେ ରୁଷ୍‌ରୁ ତୈଳ ଆମଦାନୀ କରୁଥିବା ୟୁରୋପୀୟ ରାଷ୍ଟ୍ରମାନଙ୍କୁ ତାରିଫ୍ ଧମକ ଦେଲେ। ଇତିମଧ୍ୟରେ ୟୁରୋପୀୟ ରାଷ୍ଟ୍ରସଂଘକୁ ରୁଷ୍‌ର ପ୍ରାକୃତିକ ବାଷ୍ପ ରପ୍ତାନୀରେ ୮୦% ହ୍ରାସ ଘଟିଥିବା ବେଳେ ବ୍ରିଟେନ୍ ସମେତ ୟୁରୋପୀୟ ରାଷ୍ଟ୍ରସଂଘର ଇନ୍ଧନ ବଜାର ସିଧାସଳଖ ଆମେରିକା ହାତକୁ ଚାଲିଯାଇଛି। ଆମେରିକା ଚାପରେ ଆଉ କେତେକ ଅଣ-ୟୁରୋପୀୟ ରାଷ୍ଟ୍ର ମଧ୍ୟ ରୁଷ୍‌ରୁ ତୈଳ ଆମଦାନୀ କାଣ୍ଟଛାଣ୍ଟ କରିଛନ୍ତି। କିନ୍ତୁ କଟକଣା ଚେତାବନୀ ଚୀନ୍ ଓ ଭାରତ ଉପରେ କୌଣସି ପ୍ରଭାବ ପକାଇ ପାରୁ ନଥିବା ଉପଲବ୍ଧି କରିବା ପରେ ଟ୍ରମ୍ପ ଏହି ଦୁଇ ରାଷ୍ଟ୍ର ବିରୋଧରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ତାରିଫ୍ ଲାଗୁ କରିବାକୁ ଘୋଷଣା ମଧ୍ୟ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଟ୍ରମ୍ପ ଚୀନ୍ ସହିତ ସାଲିସ୍ କରିଥିବା ବେଳେ ଭାରତ ବିରୋଧରେ ମାତ୍ରାଧିକ ପ୍ରତିଶୋଧ ପରାୟଣ ହୋଇପଡ଼ିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ବେଳେ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍(ମାଗା)' ନୀତି ଆଳରେ ରୁଷ୍ ବଦଳରେ ଆମେରିକାରୁ ପ୍ରତିରକ୍ଷା ଉପକରଣ ଓ ଇନ୍ଧନ କିଣିବା ପାଇଁ ଟ୍ରମ୍ପ ଭାରତ ଉପରେ ଏକପ୍ରକାର ଚାପ ସୃଷ୍ଟି କରିଥିଲେ। କିନ୍ତୁ ଏଥିରେ ଭାରତ ବିଶେଷ ପ୍ରଭାବିତ ହୋଇନଥିବା ଏବଂ ରୁଷ୍‌ରୁ ଭାରତର ତୈଳ ଆମଦାନୀ ହ୍ରାସ ପାଇନଥିବା ଲକ୍ଷ୍ୟ କରିବା ପରେ ଟ୍ରମ୍ପ ମାତ୍ରାଧିକ ପ୍ରତିକ୍ରିୟାଶୀଳ ହୋଇ ନିର୍ଦ୍ଧାରିତ ରାଜିନାମା ତାରିଖ ପୂର୍ବରୁ ହିଁ ଏକତରଫା ଭାବେ ବର୍ଦ୍ଧିତ ଶୁଳ୍କ ଲାଗୁ କରିବା ସହିତ ଅତିରିକ୍ତ ଜୋରିମାନା କଷିବାକୁ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଇନ୍ଧନ-କୂଟରେ ଏବେ ଭାରତର ଚିରଶତ୍ରୁ ପାକିସ୍ତାନ ଆଉ ଏକ ମୋହରା ହୋଇଛି। ଏକପକ୍ଷରେ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ୨୫% ଆମଦାନୀ ଶୁଳ୍କ ଲାଗୁ କରିଥିବା ବେଳେ ପାକିସ୍ତାନର ତୈଳ ଉତ୍ତୋଳନ, ଭଣ୍ଡାରଣ ଓ ରପ୍ତାନୀ ପାଇଁ ଅକୁଣ୍ଠ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏପରିକି ପାକିସ୍ତାନକୁ ତୈଳ ରପ୍ତାନୀକାରୀ ରାଷ୍ଟ୍ର ଭଳି ସ୍ତରକୁ ଉନ୍ନୀତ କରିବା ପାଇଁ ଟ୍ରମ୍ପ ଏକ ଅବାନ୍ତର ଘୋଷଣା ମଧ୍ୟ କରିବାକୁ ପଛାଇ ନାହାନ୍ତି।

ରୁଷ୍‌ରୁ ପ୍ରାକୃତିକ ବାଷ୍ପ ଆମଦାନୀ ବନ୍ଦ ହେବା ପରେ ରୁଷ୍‌ର ବାଣିଜ୍ୟ ଅର୍ଥନୀତି ସ୍ୱାଭାବିକ ଭାବେ ପ୍ରଭାବିତ ହୋଇଛି। ତା'ସହିତ ନରୱେ ଓ ଆମେରିକା କମ୍ପାନୀଙ୍କ ଏକଚାଟିଆ କାରବାରର ସିଧାସଳଖ ପ୍ରଭାବ ୟୁରୋପୀୟ ଅର୍ଥନୀତି ଉପରେ ପଡ଼ିଛି। ଗତ ୨୯ ତାରିଖରେ ପ୍ରକାଶିତ 'ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍' ରିପୋର୍ଟରେ ଆଇଏମ୍ଏଫ୍ ଦର୍ଶାଇଛି ଯେ ଟ୍ରମ୍ପଙ୍କ ତାରିଫ୍ ଆଭିମୁଖ୍ୟ ଯୋଗୁଁ ୟୁରୋପୀୟ ସଂଘର ଅଭିବୃଦ୍ଧି ହାର ଗୁରୁତର ପ୍ରଭାବିତ ହେବ। ଆମେରିକାର ଏକଚାଟିଆ କାରବାରରେ ପ୍ରାକୃତିକ ବାଷ୍ପ ମୂଲ୍ୟ ମହଙ୍ଗା ହେଲେ ତାହାର ପରୋକ୍ଷ ଓ ପ୍ରତିକୂଳ ପ୍ରଭାବ କୃଷି କ୍ଷେତ୍ର ଉପରେ ମଧ୍ୟ ପଡ଼ିବ। ୟୁରିଆ ଉତ୍ପାଦନରେ ପ୍ରାକୃତିକ ବାଷ୍ପର ଏକ ପ୍ରମୁଖ ଅବଦାନ ଥିବାରୁ ସାର ଦର ବଢ଼ିବ ଏବଂ କୃଷି ଉତ୍ପାଦ ଆହୁରି ମହଙ୍ଗା ହେବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ପରି କୃଷିପ୍ରଧାନ ଦେଶର କୃଷିବଜାର ଉପରେ ପଡ଼ିବ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନ ଓ ବଜାର ଆହୁରି ମହଙ୍ଗା ହେବ।

ଅପରପକ୍ଷରେ ଟ୍ରମ୍ପଙ୍କ ଇନ୍ଧନ-କୂଟରେ ସବୁଠାରୁ ଉପକୃତ ହେବ ଆମେରିକା ଅର୍ଥନୀତି। ୨୦୧୬ ପର୍ଯ୍ୟନ୍ତ ପ୍ରାକୃତିକ ବାଷ୍ପ ପାଇଁ ଆମଦାନୀ ଉପରେ ନିର୍ଭରଶୀଳ ଥିବା ଏହି ରାଷ୍ଟ୍ର ସେଲ୍‌ଫ ଫୁଏଲ୍ ଉତ୍ତୋଳନରେ ସଫଳ ହେବା ପରେ ଏବେ ବିଶ୍ୱର ସର୍ବାଧିକ ପ୍ରାକୃତିକ ବାଷ୍ପ ରପ୍ତାନିକାରୀ ରାଷ୍ଟ୍ର ଭାବେ ଉଭା ହୋଇଛି। ଦେବାଳିଆ ହୋଇଯାଇଥିବା ଆମେରିକାର ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କ ପାଇଁ ଟ୍ରମ୍ପଙ୍କ ଇନ୍ଧନ-କୂଟ ଏକପ୍ରକାର ବରଦାନ ସାବ୍ୟସ୍ତ ହୋଇଛି। ବିଶ୍ୱ ଇନ୍ଧନ ବଜାରରୁ ରୁଷ୍‌କୁ ଦୀର୍ଘସମୟ ପର୍ଯ୍ୟନ୍ତ ହଟାଇ ଆମେରିକା ଏକଚାଟିଆ ଅଧିକାର ସହିତ ୟୁରୋପକୁ ବଶମ୍ବଦ କରି ରଖିବାର ଯୋଜନା ମଧ୍ୟ ଟ୍ରମ୍ପ କରିଛନ୍ତି। ସର୍ବୋପରି ଇନ୍ଧନ-କୂଟ ଜରିଆରେ ଟ୍ରମ୍ପ ବିଶ୍ୱ ଭୂରାଜନୀତି ଏବଂ କୃଷି-ବାଣିଜ୍ୟ-ଅର୍ଥନୀତିକୁ କରାୟତ୍ତ କରି 'ମାଗା'କୁ ସଫଳ କରିବାର ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିଛନ୍ତି।

## ବୃକ୍ଷ, ବିପ୍ରାତ ଓ ଜୀବନ

**ଅନନ୍ତ ସାହୁ**

ପ୍ରତିବର୍ଷ ଜୁନ ୫ ତାରିଖରେ ପାଳନ ହେଉଛି ବିଶ୍ୱ ପରିବେଶ ଦିବସ। ଏହିଦିନରେ ଅନେକ ଆତ୍ମଘୋଷିତ ବୃକ୍ଷପ୍ରେମୀ, ସ୍ୱେଚ୍ଛାସେବୀ, ସମାଜସେବୀ, ରାଜନେତା ଓ ପରିବେଶବିତ୍‌ମାନଙ୍କର ଆବିର୍ଭାବ ହୁଏ। ପୂର୍ବପ୍ରସ୍ତୁତି ଅନୁସାରେ କିଛି ସ୍ଥାନ ଚିହ୍ନଟ କରି ଗଛ ଲଗାଯିବା ସହ ଚାଲେ ଫଟୋଉଠା ପ୍ରତିଯୋଗିତା। ସେଗୁଡ଼ିକୁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାଯାଏ। ଏହା ସହ ଶେଷ ହୁଏ ପରିବେଶ ଦିବସ। ପରେ ସେ ସ୍ଥାନରେ ଲାଗିଥିବା ଗଛ ମଲା କି ବଞ୍ଚିଲା ତା'କୁ ଦେଖିବାକୁ ଆଖି ଯାଏନି। ପରିବେଶ ଦିବସ କହିଲେ ଏହା ବୁଝାଯାଏ କି? ଦେଖିଲେ ଲାଗେ ଏହା ଏକ ପ୍ରହସନ! ଗଛ ଲଗାଯାଏ, ପରେ ତା'କୁ ବଳି ପକାଯାଏ। ଗୋଟିଏ ଦିନ ପରିବେଶ ଦିବସ ନାମରେ ପରିବେଶ କଥା ଚିନ୍ତାକରି ସବୁଦିନ ତା'ର ବସ୍ତ୍ରହରଣ କରାଯାଉଛି।

ପ୍ରକୃତି ଓ ପରିବେଶ ମଣିଷକୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁକିଛି ଯୋଗାଇଛି। ଜୀବନ ଜିଇଁବାର ରାହା ଦେଖାଇଛି। କିନ୍ତୁ ତା'କୁ ଛଳ ଓ କପଟତା ସହ ଧ୍ୱଂସ କରିବାରେ ସମାଜ ମାତିଛି। ଗଛ ପ୍ରତିମୁହୂର୍ତ୍ତରେ ମଣିଷକୁ ଅମୃତ ସ୍ୱରୂପ ଅମ୍ଳଜାନ ଯୋଗାଇଥାଏ ଏବଂ ବିଷ ରୂପକ ଅଙ୍ଗାରକାମ୍ଳ ଶୋଷିନିଏ। ଏହାର ପ୍ରତିବଦଳରେ ବୃକ୍ଷ ପାଉଛି କ'ଣ?

କୁହାଯାଏ ଗୋଟିଏ ଗୋଟିଏ ବିନ୍ଦୁ ମିଶି ସିନ୍ଧୁରେ ପରିଣତ ହୁଏ। ଯାହାକୁ ପ୍ରମାଣିତ କରିଛି ୧୨ ବର୍ଷ ବୟସର ଜଣେ କୁନି ଝିଅ। ରାଜସ୍ଥାନର ଏକ ଛୋଟ ଗାଁ ରାମଗଡ଼। ଯେଉଁଠି ତାପମାତ୍ରା ସାଧାରଣତଃ ୪୫ ଡିଗ୍ରୀ ଉପରେ ଥାଏ। ପ୍ରଥମେ ଦେଖିଲେ, ଏହା ସାଧରଣତଃ ମରୁଭୁମି ଭଳି ଲାଗିପାରେ। ଯେଉଁଠି ଦୂର ଦୂର ପର୍ଯ୍ୟନ୍ତ ଖାଲି ମାଟିଘର ଏବଂ ଏକର ଏକର ଶୁଖିଲା ଜମି। ଯେତେବେଳେ କୁନିଝିଅଟି ଜାଣିଲା ଯେ ସେ ପଢୁଥିବା ବିଦ୍ୟାଳୟ ପାଖରେ ଥିବା ନିମ ଓ ପିପ୍ପଳ ଗଛ ଧୀରେ ଧୀରେ ଶୁଖିଯାଉଛି, ସେ ଅଞ୍ଚଳର ମାଟି ଫାଟି ଯାଉଛି ଏବଂ ଗଛରେ ବସାବାନ୍ଧିଥିବା ପକ୍ଷୀ ସବୁ ଦୂର ସ୍ଥାନକୁ ଉଡ଼ିବାକୁ ଅରମ୍ଭ କଲେଣି, ସେ ଓ ତା'ର ସହପାଠୀ କିଛି କରିବା ପାଇଁ ଚିନ୍ତାକଲେ। ସେମାନେ ତାଙ୍କର ବିଜ୍ଞାନ ଶିକ୍ଷକଙ୍କ ସହଯୋଗରେ ଏକ 'ଗ୍ରୀନ କ୍ଲବ' ଗଠନ କରି ପ୍ରତିଦିନ ବିଦ୍ୟାଳୟ ପାଠପଢ଼ା ସରିବା ପରେ ଚାରାରୋପଣ କରୁଥିଲେ। ସେମାନେ ବର୍ଷାଜଳ ସଂଗ୍ରହ କରିବା ସହ ଘରର ବଳକା ପଦାର୍ଥରେ ଖତ ପ୍ରସ୍ତୁତ କରି ଚାରାମୂଳରେ ଦେଉଥିଲେ। ପିଲାଙ୍କ ଏ ଭଳି ପ୍ରୟାସ ଦେଖି ଗ୍ରାମର ବୟସ୍କ ଲୋକମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିବାକୁ ଲାଗିଲେ। ଜାଳେଣି କାଠ ବ୍ୟବହାର କରୁଥିବା ଗ୍ରାମବାସୀ ପ୍ରତିଜ୍ଞା କରିଛନ୍ତି ଅତ୍ୟାବଶ୍ୟକ ଭାବେ ଗଛ କାଟିବେ ନାହିଁ। ଏହାର ଫଳସ୍ୱରୂପ ସେ ଅଞ୍ଚଳ ଆଜି ମରୁଭୂମିରୁ ଏକ ସବୁଜ ଜଙ୍ଗଲରେ ପରିବର୍ତ୍ତନ ହୋଇଛି। ସେଠାରେ ପଶୁପକ୍ଷୀ ସ୍ୱଚ୍ଛନ୍ଦରେ ରହୁଛନ୍ତି। ଏହାଠାରୁ ବଡ଼ ଉପଲବ୍ଧି ଆଉ କ'ଣ ହୋଇପାରେ!

ବିଡ଼ମ୍ବନା ଆଜିର ସମାଜ ବୃକ୍ଷକୁ ବିଭିନ୍ନ ଆଳ ଦେଖାଇ କାଟି କୁଟି ନଷ୍ଟ କରିବାରେ ମାତିଛି। ସମ୍ପ୍ରତି ଯେଉଁମାତ୍ରାରେ ବୃକ୍ଷ ଓ ଜଙ୍ଗଲ କଟାଯାଉଛି, ସେହି ଅନୁପାତରେ ଚାରାରୋପଣ ହେଉନାହିଁ। ବୃକ୍ଷ ସ୍ଥାନାନ୍ତରଣ ପାଇଁ ବିକଳ୍ପ ଥାଇ ମଧ୍ୟ କୋଠବାଡ଼ି ଓ ରାସ୍ତା ନିର୍ମାଣ ସମୟରେ ଗଛକୁ ହସି ହସି କାଟିଦିଆଯାଏ। ଅନ୍ୟପକ୍ଷେ ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ମନଇଚ୍ଛା ଗଛ କଟାଯାଏ। ବହୁ ସମୟରେ ଶିଳ୍ପ ଓ କଳକାରଖାନା ନିର୍ମାଣ ସହ ବିକାଶର ଗୋଲାପୀ ଚିତ୍ର ଦେଖାଇ ଅନେକ ଜଙ୍ଗଲ ନଷ୍ଟ କରାଯାଏ। ଏହାସହ ଜଙ୍ଗଲ ଉପରେ ନିର୍ଭର କରୁଥିବା ଅନେକ ଆଦିବାସୀ ଓ ସ୍ଥାନୀୟ ଲୋକଙ୍କୁ ବାସହରା କରିଦିଆଯାଉଛି। ଜୀବଜନ୍ତୁମାନଙ୍କୁ ଶିକାର କରିବା ପାଇଁ ମନୁଷ୍ୟକୃତ ନିଆଁ ଏବଂ ଗ୍ରୀଷ୍ମପ୍ରବାହ କାରଣରୁ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ିଜଳି ପାଉଁଶ ହୋଇଯାଏ। ସେହିଭଳି ବନ୍ୟା ଓ ବାତ୍ୟାରେ ମଧ୍ୟ ଅନେକ ବୃକ୍ଷ ଓ ଜଙ୍ଗଲ ନଷ୍ଟ ହୋଇଯାଏ।

ସାମ୍ପ୍ରତିକ ଅତ୍ୟଧିକ ଜଙ୍ଗଲ କ୍ଷୟ ଯୋଗୁଁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆ ଆୟତନ ସଦୃଶ୍ୟ ଜଙ୍ଗଲ ହରାଇ ବସୁଛି। ଏହିଧାରା ଯଦି ଜାରି ରହିବ ତେବେ ଆଗାମୀ ୮୦ ବର୍ଷ ପରେ ଆମ ସବୁଜଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କିଛିଦିନ ତଳେ ପ୍ରକାଶିତ 'ଗ୍ଲୋବାଲ ଫରେଷ୍ଟ ୱାଚ୍ ସର୍ଭେ'ର ରିପୋର୍ଟ ଅନୁଯାୟୀ ୨୦୨୪ ମସିହାରେ ଭାରତ ୧୮ ହଜାର ୨୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଛି ଏବଂ ୨୦୨୩ ମସିହାରେ ୧୭ ହଜାର ୭୦୦ ହେକ୍ଟର ଜଙ୍ଗଲ ହରାଇଥିଲା। ସେହିପରି ୨୦୦୧ରୁ ଅଦ୍ୟାବଧି ଦେଶରେ ୨.୩୧ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ଏହା ମଧ୍ୟରେ ୨୦୦୨ ରୁ ୨୦୨୪ ମଧ୍ୟରେ ଦେଶରେ ୩ ଲକ୍ଷ ୪୮ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ନଷ୍ଟ ହୋଇଛି। ସରକାରଙ୍କ ତଥ୍ୟ ଅନୁଯାୟୀ ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ସଡ଼କ ନିର୍ମାଣ ଏବଂ ସମ୍ପ୍ରସାରଣ ପାଇଁ ୧ କୋଟି ୮୫ ଲକ୍ଷ ଗଛ କଟାଯାଇଥିବା ଦର୍ଶାଯାଇଛି। କିନ୍ତୁ ଏହାର ସଂଖ୍ୟା ଅଧିକ ହୋଇପାରେ। ସେହିଭଳି ଗ୍ରୀଷ୍ମ ପ୍ରବାହ ଓ ବନାଗ୍ନି କାରଣରୁ ଓଡ଼ିଶାରେ ସର୍ବାଧିକ ବର୍ଷକୁ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଏ। ଏକ ତଥ୍ୟ ଅନୁଯାୟୀ ଜଙ୍ଗଲ ନିଆଁ ଯୋଗୁଁ ଓଡ଼ିଶାର ୧୮୦ ବର୍ଗ କି.ମି ଜଙ୍ଗଲ ନଷ୍ଟ ହୋଇସାରିଛି। ସେହିଭଳି ଜଙ୍ଗଲ ଜମି ଜବରଦଖଲରେ ମଧ୍ୟ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି। ରାଜ୍ୟସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ୪୦ ହଜାର ୫୦୭.୫୬ ହେକ୍ଟର ଜଙ୍ଗଲ ଜମି ଜବରଦଖଲ କରାଯାଇଛି।

ସାଧାରଣ ଭାବେ ଗୋଟିଏ ମଣିଷ ବଞ୍ଚିବା ପାଇଁ ଦୈନିକ ୫୫୦ ଲିଟର ଅମ୍ଳଜାନ ଆବଶ୍ୟକ, ଯାହାକି ଡାକ୍ତରଖାନାର ତିନୋଟି ଅମ୍ଳଜାନ ସିଲିଣ୍ଡର ଥଳି ସହ ସମାନ। ଏହାକୁ ଉତ୍ପାଦନ କରନ୍ତି ୩୨ ଫୁଟ ଉଚ୍ଚତା ବିଶିଷ୍ଟ ଦୁଇଟି ଗଛ। ଗୋଟିଏ ବିଶାଳ ବରଗଛ ବର୍ଷକୁ ପାଖାପାଖି ୨ ହଜାର ୭ଶହ କିଲୋଗ୍ରାମ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ ଏବଂ ୫୦ କିଲୋଗ୍ରାମ ଅଙ୍ଗାରକାମ୍ଳ ଟାଣିନିଏ। ସେହିପରି ଅଶ୍ୱତ୍ଥ ଗଛର ବିଶେଷତ୍ୱ ହେଲା ଦିବାରାତ୍ର୨୪ ଘଣ୍ଟା ଅମ୍ଳଜାନ ବାୟୁମଣ୍ଡଳକୁ ଯୋଗାଏ। ଅନୁରୂପ ଭାବେ ନିମ୍ବ, ବାଉଁଶ, ଅର୍ଜୁନ ଓ ବେଲ ଗଛ ମଧ୍ୟ ଦିବାରାତ୍ର ଅମ୍ଳଜାନ ନିର୍ଗମନ କରିଥା'ନ୍ତି। ଏକ ରିପୋର୍ଟ ଅନୁସାରେ ଏକ ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ୫ ଟନ୍ ସବୁଜବାଷ୍ପ ଶୋଷଣ କରେ ଏବଂ ୪ ଟନ୍ ଅମ୍ଳଜାନ ନିର୍ଗମନ୍ କରେ, ଯାହା ୧୮ ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ। ଏକ ଆନ୍ତର୍ଜାତିକ ଅଧ୍ୟୟନ ଅନୁଯାୟୀ ଭାରତରେ ଥିବା ବିଭିନ୍ନ ଜଙ୍ଗଲରେ ୧୭ ହଜାର ୫୧୦ କିସମର ବୃକ୍ଷ ଏବେ ବିଲୁପ୍ତ ଅବସ୍ଥାରେ। ତଥ୍ୟକୁହେ ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଜାତିର ଗଛ ବିଲୁପ୍ତ ହୋଇଛି। ଏହାର ମୁଖ୍ୟ କାରଣ ହେଉଛି - ବିକାଶ, ବନାଗ୍ନି ଓ ବାତ୍ୟା।

ଏ ସବୁ ମଧ୍ୟରେ କିଛିମାସ ତଳେ ସାମାଜିକ ଗଣମାଧ୍ୟମରେ ଛାଇଯାଇଥିଲା ଏକ ହୃଦୟ ବିଦାରକ ଭିଡିଓ, ଯେଉଁଥିରେ ତେଲେଙ୍ଗାନାର ହାଇଦ୍ରାବାଦ ସହରର ଏକ ବିଶ୍ୱବିଦ୍ୟାଳୟ ପରିସରରେ ଆଇଟି ପାର୍କ ନାମରେ ରାତିଅଧିଆ କଟାଯାଉଥିଲା ୪୦୦ ଏକର ଜଙ୍ଗଲ, ଯେଉଁଥିରେ ଥିଲେ ଅନେକ ହରିଣ, ମୟୂର, ହାତୀ ଓ ବାନର ଭଳି ଅନେକ ନିରୀହ ଜୀବଜନ୍ତୁ। ଶେଷରେ ଛାତ୍ରମାନଙ୍କ ଆନ୍ଦୋଳନ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ତାହା ବନ୍ଦ ହୋଇଥିଲା। ଏହାକୁ ଲକ୍ଷ୍ୟ କଲେ ମନକୁ ଆସେ ୧୭୩୦ ମସିହାର ଗୋଟିଏ ଶବ୍ଦ 'କଟା ବୃକ୍ଷଠୁ କଟା ମୁଣ୍ଡ ଶସ୍ତା'। ଏହାଥିଲା ରାଜସ୍ଥାନର ବିଷ୍ଣୋଇ ସମୁଦାୟର ସଦସ୍ୟ ଅମୃତାଦେବୀଙ୍କର। ଏକ ଖେଜରି ଗଛକୁ ବଞ୍ଚାଇବାକୁ ଯାଇ ଅମୃତା ଦେବୀଙ୍କ ସହ ପ୍ରାୟ ୩୬୩ ଜଣ ପୁରୁଷ, ମହିଳା ଓ ଶିଶୁ କୁରାଢ଼ି ଆଗରେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏହି ଘଟଣା ପ୍ରକୃତି ଓ ପରିବେଶକୁ ବଞ୍ଚାଇବା ପାଇଁ ବିଷ୍ଣୋଇ ସମୁଦାୟର ଉଚ୍ଚବିଚାରକୁ ଦର୍ଶାଏ। ୧୯୭୦ ମସିହାର ଚିପକୋ ଆନ୍ଦୋଳନକୁ ଏହା ମଧ୍ୟ ପ୍ରେରିତ କରିଥିଲା, ଯାହା ଖେଜରୀ ଗଣହତ୍ୟାର ପ୍ରାୟ ୨୪୫ ବର୍ଷ ପରେ ହୋଇଥିଲା।

ବୃକ୍ଷ କାଟିବା ଏବଂ ଜଙ୍ଗଲ ନଷ୍ଟ କରିବା ମଣିଷ ପାଇଁ କିଞ୍ଚିତ ମାତ୍ର ହୋଇଥାଇପାରେ। ହେଲେ ଏହାର ଫଳାଫଳ ଭବିଷ୍ୟତରେ ଭୟାବହ ହୋବକୁ ଯାଉଛି ଏଥିରେ ଦ୍ୱିରୁକ୍ତି ନାହିଁ। ଏଥିରୁ କେବଳ ସମାଜକୁ ବୁଝିବାକୁ ପଡ଼ିବ ଗଛ ଓ ଜଙ୍ଗଲ ବଞ୍ଚିଲେ ସମଗ୍ର ମାନବ ସମାଜ ତିଷ୍ଠି ରହିବ। କିଛିଟା ସ୍ୱାର୍ଥ ଓ ଲାଳସା ଭଳି ହୀନ ମାନସିକତାରୁ ଦୂରେଇ ରହି ଚାରାରୋପଣ କରିବା ସହ ବୃକ୍ଷମାନଙ୍କୁ ସୁରକ୍ଷା ଦେବା ଏବଂ ସମଗ୍ର ମଣିଷ ସମାଜ ଓ ଜୀବଜଗତକୁ ଧ୍ୱଂସ ହେବାରୁ ବଞ୍ଚାଇବା। ନଚେତ୍ ସମୟ ଆସିବ ଯେଉଁ ବୃକ୍ଷଠାରୁ ଆମେ ଅମ୍ଳଜାନ ବୁନ୍ଦାଏ ପାଇ ବଞ୍ଚିଛେ, ସେହି ବୃକ୍ଷ ହିଁ ମାନବ ସମାଜର ବିନାଶର କାରଣ ପାଲଟିଯିବ।

ଇଟାମାଟି(ନୟାଗଡ଼),
ମୋ: ୬୩୭୨୫୯୪୦୪୧

## ବିଶ୍ୱାସରେ ସଙ୍କଟ!

**ଅଶୋକ ମହାରଣା**

ରୋମ ସମ୍ରାଟ ଡାଇନୋସିୟସ ସମୟରେ ଦୁଇ ବନ୍ଧୁ ଡାମନ ଓ ବିଥିୟସଙ୍କ ମଧ୍ୟରେ ଥିଲା ଅଭେଦ୍ୟ ବନ୍ଧୁତା। କୌଣସି କାରଣରୁ ସମ୍ରାଟ ଡାଇନୋସିୟସ ଡାମନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରନ୍ତି। ଡାମନ ଦୁଃଖରେ ମ୍ରିୟମାଣ ହୋଇପଡ଼ନ୍ତି ଏହି କାରଣରୁ ଯେ ସେ ଫାଶୀ ପାଇବେ, କିନ୍ତୁ ପରିବାରବର୍ଗ ଜାଣିପାରିବେ ନାହିଁ। ଡାମନ ସମ୍ରାଟଙ୍କୁ ଅନୁନୟ କରନ୍ତି ତାଙ୍କୁ ସାତ ଦିନ ସମୟ ଦେବା ପାଇଁ, ଯାହା ଫଳରେ ସେ ପରିବାରବର୍ଗଙ୍କୁ ସେ ବିଷୟରେ ଜଣାଇ ପାରିବେ। ଡାଇନୋସିୟସ ଗୋଟିଏ ସର୍ତ୍ତରେ ଡାମନ୍‌ଙ୍କୁ ଅନୁମତି ଦିଅନ୍ତି। ସେ ସର୍ତ୍ତଟି ହେଲା ଯଦି ଆଉଜଣେ ବ୍ୟକ୍ତି ଡାମନ୍‌ଙ୍କ ବଦଳରେ କାରାଗାରରେ ରହିବେ। ଯଦି ଡାମନ୍ ନ ଫେରନ୍ତି ସେହି ପ୍ରତିନିଧି ପ୍ରାଣଦଣ୍ଡ ଭୋଗିବେ। କିଏ ସେହି ବନ୍ଧୁ, ଯିଏ ଜାଣି ଜାଣି ନିଜ ମୃତ୍ୟୁଦଣ୍ଡକୁ ସ୍ୱୀକାର କରିନେବ? କିନ୍ତୁ ଡାମନ୍‌ଙ୍କ ପ୍ରତିନିଧି ଭାବେ କାରାଗାରରେ ରହିବା ପାଇଁ ବିଥିୟସ ଆଗେଇ ଆସିଲେ।

ଇତିମଧ୍ୟରେ ସାତଦିନ ବିତି ଯାଇଛି, କିନ୍ତୁ ଡାମନ ଫେରିବାର କୌଣସି ସୂଚନା ନାହିଁ। ରାଜାଙ୍କ ସର୍ତ୍ତ ଅନୁସାରେ ବିଥିୟସଙ୍କୁ ଫାଶୀଖୁଣ୍ଟ ପାଖକୁ ନିଆଯାଇଛି। ମୁହଁରେ କଳାକପଡ଼ା ବାନ୍ଧିବା ପୂର୍ବରୁ ତାଙ୍କୁ ଚିରାଚରିତ ଯେତେବେଳେ ପଚରାଯାଇଛି 'ତୁମର ଶେଷ ଇଚ୍ଛା କ'ଣ?' ବିଥିୟସ କିଛି ଉତ୍ତର ନ ଦେଇ କେବଳ ଅଶ୍ରୁ ବିସର୍ଜନ କରିଛନ୍ତି। ରାଜା ହସିହସି କହିଛନ୍ତି, 'ହେ ମୂଢ଼! ତୁମେ କ'ଣ ଜାଣି ନଥିଲ ଯେ ଫାଶୀଦଣ୍ଡ ପାଇଥିବା ଜଣେ ବ୍ୟକ୍ତି କେବେ ମଧ୍ୟ ଫେରିଆସିବ ନାହିଁ? ଏଭଳି ବିଶ୍ୱାସ କରିବା ମସ୍ତବଡ଼ ଭୁଲ। ଏବେ କାନ୍ଦିଲେ କ'ଣ ମୁକ୍ତି ପାଇଯିବ?' ବିଥିୟସ ସ୍ମିତ ହସି ଉତ୍ତର ଦେଲେ, 'ହେ ରାଜନ! ମୋର ଏ ଅଶ୍ରୁଧାର ଭଗବାନଙ୍କ ନିକଟରେ କୃତଜ୍ଞତା ପାଇଁ। ସେ ମୋର ପ୍ରାର୍ଥନା ଶୁଣିଛନ୍ତି ଯେ ଆଜି ମୋ ଜୀବନ ପାଇଁ ମୋ ବନ୍ଧୁର ଜୀବନ ରକ୍ଷା ହୋଇପାରୁଛି। ଭଗବାନ ମୋତେ ଆଶୀର୍ବାଦ କରିଛନ୍ତି।' ଏହି ସମୟରେ ଦୂରରୁ କେହି ଜଣେ ଦୌଡ଼ି ଦୌଡ଼ି ଆସୁଥିବାର ଦେଖିବାକୁ ମିଳିଲା। ସେ ବ୍ୟକ୍ତିଜଣକ 'ଫାଶୀ ବନ୍ଦ କର' ବୋଲି ଚିତ୍କାର କରୁଥିଲେ। ସେ ବ୍ୟକ୍ତିଜଣକ ଥିଲେ ଡାମନ୍। କିଛି ସମୟ ପରେ ଫାଶୀ ଖୁଣ୍ଟ ନିକଟରେ ପହଞ୍ଚି ଡାମନ୍ କହିଲେ, 'ହେ ଭଗବାନ! ଆପଣ କେତେ ମହାନ। ଟିକିଏ ବିଳମ୍ବ ହୋଇ ଯାଇଥିଲେ ମୋର ବନ୍ଧୁର ଜୀବନ ଚାଲି ଯାଇଥା'ନ୍ତା।' ସମ୍ରାଟ ଡାଇନିଓସିସ ହତଚକିତ। ଏଭଳି ବନ୍ଧୁତାକୁ ଦେଖି ତାଙ୍କ ଆଖିରେ ବି ଲୋତକର ଧାର। ତାଙ୍କ ମୁଖରୁ ବାହାରି ଆସିଛି - 'ଏଭଳି ବନ୍ଧୁତା ଓ ବିଶ୍ୱାସ ବିଶ୍ୱରେ ବିରଳ। ଡାମନ ତୁମକୁ ମୁଁ ମୁକ୍ତି କରିଦେଉଛି। ଏବେ ମୁଁ ହେଉଛି ତୁମର ତୃତୀୟ ବନ୍ଧୁ। ମୋତେ ତୁମେ ବନ୍ଧୁ ଭାବରେ ଗ୍ରହଣ କର।'

ସେକସପିୟରଙ୍କ ଜୁଲିୟସ ସିଜର ନାଟକ ବିଶ୍ୱାସରେ ପଡ଼ିଥିବା କଳଙ୍କିତ ଛିଟାକୁ ପ୍ରତିବେଦନ କରେ। ଏକଛତ୍ରବାଦୀ ହେଲେ ମଧ୍ୟ ଜୁଲିୟସ ସିଜର ଥିଲେ ସୁଶାସକ। ତାଙ୍କୁ ଷଡ଼ଯନ୍ତ୍ର କରି ରାସ୍ତାରୁ ହଟାଇବା ପାଇଁ ପ୍ରିୟବନ୍ଧୁ ବ୍ରୁଟସଙ୍କ ସାହାରା ନିଆଗଲା। ସିଜରଙ୍କୁ ସଂସଦ ଭିତରକୁ ଛଳନାରେ ନିଆଯାଇ ହତ୍ୟା କରିବା ପାଇଁ ସିନେଟରମାନେ ଯେତେବେଳେ ଛୁରିକା ଘାତ କଲେ, ସିଜର ଚିତ୍କାର କଲେ 'ବ୍ରୁଟସ ମୋର ବନ୍ଧୁ ମୋତେ ରକ୍ଷାକର!' ସିଜର ପଛକୁ ଫେରିଚାହିଁବା ବେଳକୁ ବ୍ରୁଟସଙ୍କ ହାତରେ ମଧ୍ୟ ଥିଲା ଛୁରୀ। ସ୍ତବଧ ହୋଇଗଲେ ସିଜର। କହିଲେ, 'ଶେଷରେ ତୁମେ ବି ବ୍ରୁଟସ! ଦୁଇ ଘଟଣା ମଧ୍ୟରେ ସାମଞ୍ଜସ୍ୟ ଥାଇ ନ ପାରେ। କିନ୍ତୁ ଗୋଟିଏ ମାତ୍ର ନିର୍ଣ୍ଣାୟକ ସତ୍ୟ ବିଶ୍ୱାସରେ ସଙ୍କଟ।

ଆଜି ମଣିଷ ମଣିଷକୁ ବିଶ୍ୱାସ କରିବାକୁ ପଶ୍ଚାତପଦ। କିନ୍ତୁ କାହିଁକି ଏବଂ କ'ଣ ପାଇଁ, ତା'ର ଉତ୍ତର ଅନେକ। ଦୁଇଟି ଘଟଣା ମାନବ-ମାନବ ଭିତରେ ଥିବା ବିଶ୍ୱାସର ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ସତରେ ମଣିଷ କେତେ ଅସହାୟ ହୋଇପଡ଼ିଛି। ବିଶ୍ୱାସ ଗୋଟିଏ ଏମିତି ଛୋଟ ଶବ୍ଦ, ଯାହାକୁ ପଢ଼ିବାକୁ ଲାଗେ ଗୋଟେ ମିନିଟ, ଭାବିବାକୁ କିଛି ସମୟ, ବୁଝେଇବାକୁ କିଛି ଦିନ ଏବଂ ପାଳନ କରିବାକୁ ସାରାଜୀବନ। ବିଶ୍ୱାସ ଏବେ ସଙ୍କଟରେ। ପୃଥିବୀ ପୃଷ୍ଠରେ ଅସଂଖ୍ୟ ଶକ୍ତି ମନୁଷ୍ୟକୁ କବଳିତ କରି ରଖିଛି। ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ବିଜ୍ଞାନର ଅବଦାନ। ବିଜ୍ଞାନ କିନ୍ତୁ ଆମକୁ ଭୟଭୀତ କରାଉଛି। ଫଳରେ ମାନବ-ମାନବ ଭିତରେ ସମ୍ପର୍କ ସ୍ଥାୟୀ ହୋଇ ରହୁନାହିଁ।

ବିଶ୍ୱାସ ଏକ ସ୍ୱତଃପ୍ରବୃତ୍ତ ଚିନ୍ତନ। ଶିଶୁଟିଏ ଜନ୍ମ ଗ୍ରହଣ କଲେ ଚିତ୍କାର କରି କାନ୍ଦେ। ତା'ର କାନ୍ଦ ହେଉଛି ବିଶ୍ୱାସ। ଅସଚେତନ ଥିଲେ ମଧ୍ୟ ତା'ର ବିଶ୍ୱାସ ଯେ ମୋର କ୍ରନ୍ଦନ ଶୁଣିବାକୁ ମାଆ ସଚେତନ ଅଛି। ସେହି ବିଶ୍ୱାସ ହିଁ ଜୀବନର ସତ୍ତା। ବିଶ୍ୱାସ ହିଁ ଜନ୍ମଜନ୍ମାନ୍ତର ସମ୍ପର୍କ। ଯେପରି ମାଟି ପାତ୍ରର ଛୋଟ ଛିଦ୍ରଟିଏ ପାଣିକୁ ଧରି ରଖିପାରେ ନାହିଁ, ଠିକ ସେମିତି ସମ୍ପର୍କରେ ଲେଶମାତ୍ର ଅବିଶ୍ୱାସ ସାରା ଜୀବନ ପାଇଁ ଏକ ରେଖା ଟାଣିଦିଏ। ତାହା ହେଉଛି ଅବିଶ୍ୱାସ। ବିଶ୍ୱାସ ଅଛି ବୋଲି ତ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଖାଦ୍ୟ ଆମେ ସାଦରେ ଗ୍ରହଣ କରୁଛୁ। କିନ୍ତୁ ସେହି ବିଶ୍ୱାସରେ ଏବେ ବିରାଟ ପ୍ରଶ୍ନବାଚୀ। ପ୍ରତି ହୃତ୍‌ସ୍ପନ୍ଦନରେ ସୃଷ୍ଟି ହେଉଛି ଅସମାହିତ ପ୍ରଶ୍ନଚିହ୍ନ। କାହିଁକି ବିଶ୍ୱାସରେ ସଙ୍କଟ? ସ୍ୱାର୍ଥ ନା ପରିବର୍ତ୍ତିତ ପରିବେଶ ନା ସମୟ? ନା ଜ୍ଞାନର ପ୍ରକୃତ ପରିଭାଷାକୁ ବ୍ୟାପ୍ତ କରିବାର ଦୁର୍ବଳତା? ବିଶ୍ୱାସ ନଥିଲେ ଜୀବନ ବି ନାହିଁ। ବିଶ୍ୱାସ ନଥିଲେ ଆତ୍ମିୟତାବୋଧ କାହିଁ? ବିଶ୍ୱାସହୀନତା ହିଁ ଆଜନ୍ମ ଦୁଃଖର କାରଣ। ଅନ୍ତତଃ ବିଶ୍ୱାସକୁ ସଜାଗ କରିବା ସମସ୍ତଙ୍କର କର୍ତବ୍ୟ।

ସିମିନଈ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

## ରାବଣ ମନ୍ଦିର

**ଓଜସ୍ୱିନୀ**

ପୂର୍ବପ୍ରକାଶିତ ଉତ୍ତାରୁ...

ରାବଣଙ୍କୁ ସମର୍ପିତ ଦ୍ୱିତୀୟ ମୁଖ୍ୟ ମନ୍ଦିରଟି ହେଉଛି ରାଜସ୍ଥାନର ଉଦୟପୁରଠାରେ ଥିବା କମଳନାଥ ମହାଦେବ ମନ୍ଦିର। ଏହି ମନ୍ଦିରର ବୈଚିତ୍ର ହେଉଛି, ଏଠାରେ ମହାଦେବଙ୍କ ପୂର୍ବରୁ ଅସୁରରାଜ ରାବଣଙ୍କ ପୂଜାର୍ଚ୍ଚନା କରାଯାଏ। ଭକ୍ତମାନେ ପ୍ରଥମେ ରାବଣଙ୍କୁ ଦର୍ଶନ କରିବା ପରେ ମହାଦେବଙ୍କୁ ଦର୍ଶନ କରନ୍ତି। କମଳନାଥ ମହାଦେବ ନାମରେ ପ୍ରସିଦ୍ଧ ଏହି ମନ୍ଦିର ଉଦୟପୁରଠାରୁ ପ୍ରାୟ ୭୦ କି.ମି. ଦୂର ଝାଡୋଲ୍ ଅଞ୍ଚଳର ଆୱରଗଡ଼ ପାର୍ବତ୍ୟାଞ୍ଚଳରେ ରହିଛି। ସ୍ଥାନୀୟ ଲୋକକଥା ଅନୁସାରେ ଏଠାରେ ରାବଣ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ତପସ୍ୟା କରିଥିଲେ। ତପସ୍ୟା ସମୟରେ ରାବଣ ପ୍ରତିଦିନ ୧୦୮ ଟି ପଦ୍ମ ଶିବଙ୍କୁ ଅର୍ପଣ କରୁଥିଲେ। ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ରାବଣଙ୍କ ଭକ୍ତି ପରୀକ୍ଷା ନେବା ପାଇଁ ଗୋଟିଏ ପଦ୍ମପୁଷ୍ପ ଅଦୃଶ୍ୟ କରିଦେଲେ। କମଳ ପୁଷ୍ପର ଅଭାବକୁ ପୂରଣ କରିବା ପାଇଁ ରାବଣ ନିଜ ମସ୍ତକ ଛେଦନ କରି ମହାଦେବଙ୍କୁ ଅର୍ପଣ କଲେ। ରାବଣଙ୍କ ଭକ୍ତିରେ ପ୍ରସନ୍ନ ହୋଇ ସ୍ୱୟଂ ମହାଦେବ ପ୍ରକଟ ହୋଇ ରାବଣଙ୍କ ନାଭିରେ ଅମୃତକୁଣ୍ଡ ସ୍ଥାପନାର ବରଦାନ ଦେବା ସହିତ ଦଶାନନ ହେବାର ସୌଭାଗ୍ୟ ପ୍ରଦାନ କଲେ। ଏହି ସ୍ଥାନରେ ରାବଣ କମଳପୁଷ୍ପ ସ୍ଥାନରେ ନିଜର ମସ୍ତକ ଅର୍ପଣ କରି ଶିବଙ୍କୁ ପ୍ରସନ୍ନ କରିଥିବାରୁ ଏହି ଶିବଲିଙ୍ଗ କମଳନାଥ ନାମରେ ନାମିତ ହୋଇଛନ୍ତି। ଏଠାରେ ରାବଣଙ୍କ ପୂଜାର୍ଚ୍ଚନା ବିନା ଶିବ ଦର୍ଶନ ବ୍ୟର୍ଥ ବୋଲି କୁହାଯାଉଛି। ତେଣୁ ସ୍ଥାନୀୟ ବିଶ୍ୱାସ ଅନୁସାରେ ମହାଦେବଙ୍କୁ ପ୍ରସନ୍ନ କରି ମନୋବାଞ୍ଛିତ ବରଦାନ ପ୍ରାପ୍ତି କରିବାକୁ ହେଲେ ପ୍ରଥମେ ରାବଣଙ୍କୁ ପୂଜା କରାଯାଉଛି। ରାବଣଙ୍କ ପୂଜା କରିବା ଦ୍ୱାରା ମହାଦେବଙ୍କ ବିଶେଷ କୃପା ଲାଭ ହୋଇଛି ବୋଲି ଶ୍ରଦ୍ଧାଳୁମାନେ ସେମାନଙ୍କର ଅଭିଜ୍ଞତା ଓ ଅନୁଭବରୁ କହିଥା'ନ୍ତି।

ଦେବଭୂମି ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ବୈରାସକୁଣ୍ଡଠାରେ ମହାଦେବଙ୍କର ଏକ ପ୍ରାଚୀନ ମନ୍ଦିର ଅଛି, ଯାହା ନିକଟରେ ରହିଛି ରାବଣ ଶିଳା। ଏଠାରେ ରାବଣ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ୧୦ ହଜାର ବର୍ଷ କଠୋର ତପସ୍ୟା କରିଥିଲେ। ତପସ୍ୟା ଫଳପ୍ରସୂ ନହେବାର ଆଶଙ୍କା କରି ରାବଣ ଏଠାରେ ତାଙ୍କର ଶିର ଛେଦନ କରି ମହାଦେବଙ୍କୁ ଅର୍ପଣ କରିଥିଲେ ବୋଲି ଲୋକକଥା ଅଛି। ନଅଟି ଶିର ଛେଦନ ପରେ ଦଶମ ଶିର ଛେଦନ କରିବା ସମୟରେ ସ୍ୱୟଂ ଶିବ ରାବଣଙ୍କ ସମ୍ମୁଖରେ ପ୍ରକଟ ହେଲେ ଏବଂ ବର ଯାଚନା କରିବାକୁ କହିଲେ। ମହାଦେବ ସବୁଦିନ ପାଇଁ ସେହି ସ୍ଥାନରେ ଅବସ୍ଥାନ କରନ୍ତୁ ବୋଲି ରାବଣ ବର ମାଗିବାରୁ ମହାଦେବ ସନ୍ତୁଷ୍ଟ ହୋଇ ଶିବଲିଙ୍ଗ ଭାବେ ସେଠାରେ ରହିଲେ। ବୈରାସକୁଣ୍ଡ ମହାଦେବ ସ୍ୱୟମ୍ଭୂ ବୋଲି କୁହାଯାଏ। 'ସ୍କନ୍ଦପୁରାଣ'ର 'କେଦାରଖଣ୍ଡ'ରେ ମଧ୍ୟ ଏହି ଅଞ୍ଚଳକୁ ଏକ ପବିତ୍ରଭୂମି ଭାବେ ବର୍ଣ୍ଣନା କରାଯାଇଛି। ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଦଶୋଲି ନାମକ ଗୋଟିଏ ଗାଁର ଅଛି। ଦଶାନନ ନାମର ଅପଭ୍ରଂଶ ହୋଇ ଏହା ଦଶୋଲି ହୋଇଥାଇପାରେ ବୋଲି ଐତିହାସିକମାନେ ମତ ଦିଅନ୍ତି। 'ରାବଣ ସଂହିତା'ରେ ଉଲ୍ଲେଖ ଅଛି ଯେ, ଏହି ସ୍ଥାନରେ ରାବଣ 'ନାଡ଼ି ବିଜ୍ଞାନ' ରଚନା କରିଥିଲେ। ରାବଣ ଶିଳାକୁ ଶ୍ରଦ୍ଧାଳୁମାନେ ରାବଣଙ୍କ ପ୍ରତୀକ ଭାବେ ପୂଜାର୍ଚ୍ଚନା କରିଥା'ନ୍ତି।

**ବିଚିତ୍ର ବିଶ୍ୱାସ**

ଭାରତର ଆଉ କେତେକ ମନ୍ଦିର ମଧ୍ୟ ରାବଣଙ୍କୁ ସମର୍ପିତ। ଯଥା - ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗରରୁ ପ୍ରାୟ ୧୫ କିଲୋମିଟର ଦୂର ବିସରଖ ଗାଁରେ ଥିବା ରାବଣ ମନ୍ଦିର, ଯାହାକୁ ରାବଣଙ୍କ ଜନ୍ମସ୍ଥାନ ବୋଲି କୁହାଯାଉଛି। ଏଠାରେ ରାବଣଙ୍କ ଏକ ସୁନ୍ଦର ମନ୍ଦିର ସହିତ ତାଙ୍କର ପିତା ବିଶ୍ରବାଙ୍କ ମଧ୍ୟ ଗୋଟିଏ ମନ୍ଦିର ଅଛି। ରାବଣ ମନ୍ଦିର ପରିସର ଭିତରେ ଗୋଟିଏ ପ୍ରାଚୀନ ଶିବ ମନ୍ଦିର ରହିଛି। ଏହି ଶିବଲିଙ୍ଗଙ୍କୁ ରାବଣ ପୂଜା କରୁଥିଲେ ବୋଲି କୁହାଯାଏ। ଏଠାରେ ଦଶହରା ଦିନ ରାବଣଙ୍କୁ ବିଶେଷ ପୂଜାର୍ଚ୍ଚନା କରାଯାଇ ସ୍ୱାଦିଷ୍ଟ ଭୋଗ ଅର୍ପଣ କରାଯାଇଥାଏ। ଜନଶ୍ରୁତି କହେ ଯେ, ଅନେକ ବର୍ଷ ପୂର୍ବରୁ ଏହି ଗ୍ରାମରେ ମଧ୍ୟ ଦଶହରା ପାଳନ ପୂର୍ବକ ରାବଣଙ୍କ ପୁତ୍ତଳିକାକୁ ଦହନ କରାଯାଇଥିଲା। ପରିଣାମ ସ୍ୱରୂପ ଗ୍ରାମରେ ଅନେକ ଲୋକ ମୃତାହତ ହେଲେ। ଏହାପରେ ଅନେକ ଯଜ୍ଞ ଏବଂ ରାବଣଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୋଚାରଣ ଦ୍ୱାରା ଶୁଭଫଳ ଲାଭ ହେଲା। ଏହା ପରଠାରୁ କେବେ ମଧ୍ୟ ଏହି ଗ୍ରାମରେ ରାବଣପୋଡ଼ି କରାଯାଏନାହିଁ। କାନପୁରରେ ଥିବା ରାବଣ ମନ୍ଦିର, ଯାହାକି କେବଳ ଦଶହରା ଦିନ ଖୋଲାଯାଏ ଏବଂ ଏହିଦିନ ରାବଣଙ୍କୁ ଦୁଗ୍ଧରେ ଅଭିଷେକ କରାଇ ଶୃଙ୍ଗାର କରାଯାଇ ଆଳତି ଓ ପୂଜାର୍ଚ୍ଚନା କରାଯାଏ। ମଧ୍ୟପ୍ରଦେଶର ବିଦିସାଠାରେ ଥିବା ରାବଣ ମନ୍ଦିରରେ କାନ୍ୟକୁବ୍‌ଜ ବ୍ରାହ୍ମଣ ସମୁଦାୟର ବରବଧୂ ରାବଣଙ୍କ ଆଶୀର୍ବାଦ ନେବା ପାଇଁ ଆସନ୍ତି। ଆନ୍ଧ୍ରପ୍ରଦେଶର କାକିନାଡ଼ାରେ ଥିବା ଶିବ ମନ୍ଦିରରେ ପ୍ରାୟ ୩୦ଫୁଟ ଉଚ୍ଚର ରାବଣଙ୍କ ମୂର୍ତ୍ତି ରହିଛି। ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗଙ୍କୁ ରାବଣ ନିଜେ ପ୍ରତିଷ୍ଠା କରାଇଥିଲେ ବୋଲି ଲୋକକଥା ଅଛି।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## 'ସୁଭଦ୍ରା'ର ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ

# ହିତାଧିକାରୀମାନଙ୍କ ସାମଗ୍ରିକ ଆର୍ଥିକ ସଶକ୍ତୀକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩୧।୭ (ସମିସ): ଲୋକସେବା ଭବନ ସମ୍ମିଳନୀ କକ୍ଷରେ "ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅଧ୍ୟକ୍ଷତା କରି ସୁଭଦ୍ରା ଯୋଜନାର ପ୍ରଭାବୀ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ଓ ତଦାରଖ କରିବା ସହ ଯୋଜନାର ଆଗାମୀ କାର୍ଯ୍ୟାନ୍ୱୟନ ଉପରେ ପରାମର୍ଶ ପ୍ରଦାନ କରିଥିଲେ। ସୁଭଦ୍ରା ହିତାଧିକାରୀମାନେ ସରକାରଙ୍କ ଅନ୍ୟ ବିଭିନ୍ନ ଯୋଜନାରୁ ଲାଭ ଉଠାଇ କିପରି ସାମଗ୍ରିକ ଆର୍ଥିକ ସଶକ୍ତିକରଣ ହୋଇପାରିବେ ସେ ସମ୍ପର୍କରେ ଶ୍ରୀ ଆହୁଜା ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା ଯୋଜନାରେ ଅବଲମ୍ବନ କରାଯାଇଥିବା ଉତ୍ତମ ଅଭ୍ୟାସ ଓ ଅଭିନବତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ଖର୍ଚ୍ଚ ବାବଦରେ ଆଲୋଚନା କରିଥିଲେ। ସେହିପରି ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସୁଭଦ୍ରା ପୋର୍ଟାଲରେ ଏଯାବତ୍ ୩ ଲକ୍ଷ ୫୧ ହଜାର ୪୯୨ ଅଭିଯୋଗ ମଧ୍ୟରୁ ୧ଲକ୍ଷ ୮୩ହଜାର ୬୮୧ ଅଭିଯୋଗର ସମାଧାନ ହୋଇପାରିଛି। କେବଳ ମହିଳାମାନଙ୍କ ଦ୍ୱାରା ଚାଲୁଥିବା 'କୁହ ସୁଭଦ୍ରା' ଅଭିଯୋଗ ସମାଧାନ କେନ୍ଦ୍ରରେ ଏପର୍ଯ୍ୟନ୍ତ ଦିନକୁ ପ୍ରାୟ ୨୦ ହଜାରରୁ ଅଧିକ କଲ୍ ଗ୍ରହଣ କରାଯାଇ ସେସବୁର ଉତ୍ତର ଦିଆଯାଇଥିବା ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉଲ୍ଲେଖ କରିଥିଲେ। କ୍ୟାବିନେଟ ଅନୁମୋଦନର ମାତ୍ର ୧୦୦ ଦିନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବା ସହ ଦୁଇଟି କିସ୍ତିରେ ହିତାଧିକାରୀଙ୍କୁ ସୁବିଧାରେ ଆର୍ଥିକ ସହାୟତା ସ୍ଥାନାନ୍ତର କରିବାରେ ସାମୂହିକ ସରକାରୀ ବ୍ୟବସ୍ଥା ସହ ମହିଳା ଓ ଶିଶୁ ବିକାଶ ବିଭାଗର ସୁସମନ୍ୱୟ ନିମନ୍ତେ ମୁଖ୍ୟ ଶାସନ ସଚିବ ମହିଳା ଓ ଶିଶୁ ବିଭାଗକୁ ପ୍ରଶଂସା କରିଛନ୍ତି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆଇଏଏସ୍ ସ୍ତରରେ ଅଦଳବଦଳ

## ୪ ଉନ୍ନୟନ କର୍ତ୍ତୃପକ୍ଷରେ ଉପାଧ୍ୟକ୍ଷ ନିଯୁକ୍ତି

ଭୁବନେଶ୍ୱର,୩୧।୭ (ସମିସ): ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ୨୦୧୫ ମସିହା ବ୍ୟାଚ୍ ଆଇଏଏସ ଆବୋଲି ସୁନିଲ ନରଭଣେଙ୍କୁ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡ଼ିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୨୧ ବ୍ୟାଚ୍ ଆଇଏଏସ୍ ଧିନା ଦସ୍ତାଗିରଙ୍କୁ ରାଉରକେଲା ମହାନଗର ନିଗମର କମିଶନର, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୨୧ ବ୍ୟାଚ୍ ଆଇଏଏସ ରେହାନ ଖତ୍ରୀଙ୍କୁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିବା ବେଳେ ସମାନ ବ୍ୟାଚ୍‌ର କିରଣଦୀପ କୌର ସାହୋତାଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ଆଇଏଏସ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି।

■ ହାଇକୋର୍ଟରେ ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ଘଟଣା

# ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ପୁଣି ଖାରଜ

କଟକ, ୩୧।୭ (ସମିସ): ବହୁଚର୍ଚ୍ଚିତ ରୋଜଭ୍ୟାଲି ଚିଟଫଣ୍ଡ ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଏହି ଚିଟ୍‌ଫଣ୍ଡ ସଂସ୍ଥାର ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ପକ୍ଷରୁ ଦାୟର ଜାମିନ ଆବେଦନକୁ ତୃତୀୟଥର ପାଇଁ ଖାରଜ କରିଦେଇଛନ୍ତି ହାଇକୋର୍ଟ। ୧୭ ହଜାର ୩୬୭ କୋଟିର ଏହି ବଡ଼ ଠକେଇ ଘଟଣାରେ ଅଦ୍ୟାବଧି ଜମାକାରୀଙ୍କୁ ୯ହଜାର କୋଟି ଟଙ୍କା ଜମାକାରୀଙ୍କୁ ପଇଠ ହୋଇପାରିନାହିଁ। ବହୁସଂଖ୍ୟାରେ ଜମାକାରୀ ବିପୁଳ ପରିମାଣର ଠକେଇର ଶିକାର ହୋଇଥିବାକୁ ଦୃଷ୍ଟି ରଖି ହାଇକୋର୍ଟ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ଶ୍ରୀ କୁଣ୍ଡୁଙ୍କ ଜାମିନ ଆବେଦନକୁ ଗତ ୨୦୨୪ ଅଗଷ୍ଟ ୨୧ ଓ ୨୦୨୪ ଡିସେମ୍ବର୨୪ରେ ଦୁଇ ଥର ପାଇଁ ହାଇକୋର୍ଟ ଖାରଜ କରିଛନ୍ତି। ଏପରିକି, ଏହା ବିରୋଧରେ ସେ ଦାୟର କରିଥିବା ଆବେଦନକୁ ମଧ୍ୟ ଗତ ୨୦୨୫ ଫେବ୍ରୁଆରି ୩ରେ ସର୍ବୋଚ୍ଚ ଅଦାଲତରେ ଖାରଜ ହୋଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଏହି ତଥ୍ୟ ଲୁଚାଯାଇଥିବା ନେଇ ଅଦାଲତ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ମାମଲାରୁ ପ୍ରକାଶ ଯେ ରୋଜଭ୍ୟାଲି ଗ୍ରୁପ ଲକ୍ଷାଧିକ ଜମାକାରୀଙ୍କଠାରୁ ୧୭ହଜାର କୋଟି ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିବିଆଇ ଏହାର ତଦନ୍ତ କରିଥିଲା। ୨୦୧୫ରେ ଇଡି ଓ ସିବିଆଇଏହି ମାମଲାର ତଦନ୍ତ କରି ସଂସ୍ଥାର ଅଧ୍ୟକ୍ଷ ଶ୍ରୀ କୁଣ୍ଡୁ ଓ ତାଙ୍କ ପତ୍ନୀ ଶୁଭ୍ରା କୁଣ୍ଡୁଙ୍କୁ ଗିରଫ କରିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଏବେ ଏହି ମାମଲା ବିଚାରାଧିନ ରହିଛି। ଖୋର୍ଦ୍ଧା ଦୌରା ଅଦାଲତ ୨୦୧୭ନଭେମ୍ବର୨୪ରେ ଶ୍ରୀ କୁଣ୍ଡୁଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ବର୍ତ୍ତମାନ ସମୟ ମଧ୍ୟରେ ଏହି ମାମଲାରେ ଅନେକ ଅଗ୍ରଗତି ହୋଇଛି। ବିଶେଷକରି ଅତିରିକ୍ତ ଚାର୍ଜସିଟ ଦାଖଲ କରାଯାଇଛି ଓ ଅନ୍ୟ କେତେକସହ ଅଭିଯୁକ୍ତ ମାନଙ୍କୁ ଜାମିନ ମିଳିସାରିଛି।

# ଛାତ୍ରୀଙ୍କୁ ଅସଦାଚରଣ; ଟ୍ୟୁସନ୍ ଶିକ୍ଷକ ଗିରଫ

ପାତ୍ରପୁର,୩୧।୭ (ସମିସ): ଜରଡ଼ା ଥାନା ଅଞ୍ଚଳର ଏକ ଗାଁର ଜଣେ ଛାତ୍ରୀକୁ ଅସଦାଚରଣ ଅଭିଯୋଗରେ ଗିରଫ ହୋଇଛନ୍ତି ଟ୍ୟୁସନ୍ ଶିକ୍ଷକ। ଅଭିଯୁକ୍ତ ଟ୍ୟୁସନ୍ ଶିକ୍ଷକ ହେଲେ, ସେହି ଗାଁର ଗଣେଶ ପ୍ରଧାନ(୨୩)। ଗଣେଶ ବୁଧବାର ଷଷ୍ଠ ଶ୍ରେଣୀ ପାଠ ପଢୁଥିବା ଜଣେ ଛାତ୍ରୀଙ୍କୁ ଗାଁ ଶେଷ ମୁଣ୍ଡରେ ଥିବା ବିଦ୍ୟାଳୟ ନିକଟକୁ ଡ଼ାକି ଅସଦାଚରଣ କରିଥିଲେ। ଛାତ୍ରୀଜଣଙ୍କ ପାଟି କରିବାରୁ ଗଣେଶ ସେଠାରୁ ଦୌଡ଼ି ପଳାଇଥିଲେ। ଛାତ୍ରୀଜଣଙ୍କ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଜରଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ନଂ୨୬୩/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗଣେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରୁଷ ସହ...

କାରବାର ହେଉଛି ଓ ୨୦୩୦ ସୁଦ୍ଧା ଏହାକୁ ୫୦୦ ଆରବ ଡଲାରରେ ପହଞ୍ଚାଇବାକୁ ଆଲୋଚନା ଚାଲିଛି। ମାତ୍ର ଏହି ସମୟରେ ୨୫% ଶୁଳ୍କ ଲାଗୁ ଭାରତୀୟ ବ୍ୟବସାୟୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ଆସନ୍ତା ଅଗଷ୍ଟ ୨୬ ତାରିଖରେ ଆମେରିକାର ଏକ ପ୍ରତିନିଧିଦଳ ବ୍ୟବସାୟିକ ଆଲୋଚନା ନିମନ୍ତେ ପୁଣି ଭାରତ ଗସ୍ତରେ ଆସିବେ ଓ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା କରାଯିବାକୁ ଉଭୟ ଦେଶ ଲକ୍ଷ୍ୟ ରଖିଥିବାବେଳେ ଆସନ୍ତାକାଲିଠାରୁ ନୂଆ ଟିକସ ଲାଗୁ ଭବିଷ୍ୟତରେ ବ୍ୟବସାୟିକ ସମ୍ପର୍କକୁ ବାଧାପ୍ରାପ୍ତ କରିବାର ଆଶଙ୍କା ରହିଛି । ଅପରପକ୍ଷେ ରୁଷ ସହ ଭାରତର ବନ୍ଧୁତା ଟ୍ରମ୍ପଙ୍କ ଗାତ୍ରଦାହର କାରଣ ହୋଇଛି । ଏଥିପାଇଁ ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଟ୍ରମ୍ପ ଖୋଲାଖୋଲି ଚେତାବନୀ ଦେଇଛନ୍ତି। ଟ୍ରମ୍ପ୍ ତାଙ୍କର ସୋସିଆଲ ମିଡିଆ ଟ୍ରୁଥ୍‌ରେ ଲେଖିଛନ୍ତି ଯେ, ଆମେ ଭାରତ ସହିତ ବହୁତ କମ୍ ବାଣିଜ୍ୟ କାରବାର କରୁଛୁ। ଭାରତ ଆମେରିକା ଉପରେ ଲାଗୁ କରୁଥିବା ଶୁଳ୍କ ବହୁତ ଅଧିକ। ଆମେରିକୀୟ ସାମଗ୍ରୀ ଉପରେ ଭାରତ ବହୁତ ଅଧିକ ଶୁଳ୍କ ଲଗାଉଛି। ତେଣୁ ସେ ତାଙ୍କର "ପାରସ୍ପରିକ ଶୁଳ୍କ" ନୀତି ଅନୁଯାୟୀ ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛନ୍ତି। ଭାରତ ତାଙ୍କ ସାମଗ୍ରୀ ଉପରେ ଉଚ୍ଚ ଟିକସ ଲଗାଇବ, ତେବେ ଏବେ ସେ ଭାରତୀୟ ସାମଗ୍ରୀ ଉପରେ ମଧ୍ୟ ଭାରି ଶୁଳ୍କ ଲଗାଇବେବୋଲି ଚେତାବନୀ ଦେଇଛନ୍ତି । ଏହା ସହ ଭାରତର ଅର୍ଥନୀତିକୁ ଏକ ମୃତ ଅର୍ଥନୀତି ବୋଲି ଟ୍ରମ୍ପ କଟାକ୍ଷ କରିଛନ୍ତି। ଉଭୟ ଭାରତ ଓ ରୁଷ ନିଜର ମୃତ ଅର୍ଥନୀତିକୁ ନେଇ ବୁଡିବେ ବୋଲି ଟ୍ରମ୍ପ କହିଛନ୍ତି।

### ସରକାରଙ୍କ ଆଭିମୁଖ୍ୟକୁ...

ହେବାକୁଥିବା ଶୁଣାଣିରେ ରାଜ୍ୟ ସରକାର କେଉଁ ତଥ୍ୟ ରଖିବେ ଓ କେଉଁ ଆଭିମୁଖ୍ୟ ପୋଷଣ କରିବେ ତାହା ଉପରେ ରାଜ୍ୟବାସୀଙ୍କର ନଜର ରହିଛି। ଗତ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନଦୀ ଜଳବିବାଦକୁ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ କରିଥିଲେ। କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏପରିକି ଦୁଇରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ପଦାଧିକାରୀ ମାନେ ଏ ନେଇ ଆଲୋଚନାରତ ଥିବା ବୈଠକରୁ ଜଣା ପଡ଼ିଥିଲା। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଏକାଧିକ ଥର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ବିବାଦ ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କ ସହ କଣ ଆଲୋଚନା ହୋଇଛି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସର୍ବସାଧାରଣରେ ପ୍ରକାଶ କରିନାହାନ୍ତି। ମହାନଦୀ ଓଡ଼ିଶାର ଜୀବନରେଖା। ଏହାକୁ ନେଇ ସରକାର କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସମସ୍ତଙ୍କୁ ବିଶ୍ୱାସକୁ ନେବା ଆବଶ୍ୟକ। ତେଣୁ ଛତିଶଗଡ଼ ସହ କେଉଁପ୍ରକାର ବୁଝାମଣା ହେଉଛି, ତାହା ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ମହାନଦୀ ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

ସୂଚନା ଅନୁଯାୟୀ ଛତିଶଗଡ଼ ସହ ଓଡ଼ିଶା ସମସ୍ୟାର ସମାଧାନ ପାଇଁ ଆଲୋଚନା ରତ ବୋଲି ନିଜେ ମୁଖ୍ୟମନ୍ତ୍ରୀ ଓ ଏଜି କହୁଥିଲେ ହେଁ, ପ୍ରତିପକ୍ଷ ଛତିଶଗଡ଼ର ଏଜି ଏହାକୁ ଖଣ୍ଡନ କରୁଛନ୍ତି। ତେଣୁ ସତ କଣ ତାହା ଜାଣିବାର ଅଧିକାର ସମସ୍ତଙ୍କର ରହିଛି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦାବି କରାଯାଇଛି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏନେଇ ନିଜର କ୍ଷୋଭ ପ୍ରକାଶ କରିବା ସହ ଛତିଶଗଡ଼ ସହ ରାଜ୍ୟ ସରକାର କଣ ଆଲୋଚନା କରୁଛନ୍ତି, ତାହା ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ଏହା ସହ ରାଜ୍ୟ ସରକାର ଏନେଇ ସର୍ବଦଳୀୟ ବୈଠକ ଡକୁ ବୋଲି ନବୀନ ଦାବି କରିଥିଲେ। ତେବେ ନବୀନଙ୍କ ଦାବି ଏବଂ ପ୍ରସ୍ତାବକୁ ନେଇ ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଇନଥିବା ବେଳେ ମହାନଦୀକୁ ନେଇ ନିରବତା ଅବଲମ୍ବନ କରୁଛନ୍ତି। ଯାହା ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଆଦୌ ଭଲ ନୁହେଁ। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି ଯେ ସରକାରୀ ସ୍ତରରେ ଆପୋଷ ଆଲୋଚନାକୁ ଯିବା ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ ଓଡ଼ିଶାର ରାଜନୈତିକ ଦଳ, ସାମାଜିକ ସଂଗଠନ, ନଦୀ ଆନ୍ଦୋଳନ ତଥା ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରାଯିବା ଜରୁରୀ ଅଟେ। ସରକାର ଏନେଇ ପଦକ୍ଷେପ ନିଅନ୍ତୁ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି।

### ଉତ୍କଳକୁ ସଂକଟ...

ଗଠନ କରିଛି। ଛାତ୍ରଛାତ୍ରୀ ଅନୁପାତକୁ ନେଇ ଶିକ୍ଷକ ପଦ ସୃଷ୍ଟି କରାଯାଇଥିଲା। ବର୍ଷବର୍ଷ ଧରି ୫୫ ପ୍ରତିଶତରୁ ଅଧିକ ପଦ ଖାଲି ପଡ଼ିଛି। ଏହାସତ୍ତ୍ୱେ ପଦ ହ୍ରାସ ପାଇଁ ସୁପାରିଶ କରିବାକୁ ଏହି ୪ ଜଣିଆ କମିଟି କିପରି ପ୍ରସ୍ତାବ ଦେଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କମିଟି ଗୋଟିଏ ପିଜି ବିଭାଗ ପାଇଁ ଜଣେ ପ୍ରାଧ୍ୟାପକ, ୨ଜଣ ସହଯୋଗୀ ପ୍ରାଧ୍ୟାପକ ଓ ୨ଜଣ ସହକାରୀ ପ୍ରାଧ୍ୟାପକ ପଦ ନିୟମ ଲାଗୁ କରୁଛନ୍ତି। ଫଳରେ କୌଣସି ସ୍ପେସିଆଲାଇଜେସନ୍ ପେପର୍ ନେବାର ସୁଯୋଗ ପାଇବେ ନାହିଁ ଛାତ୍ରଛାତ୍ରୀ। ଅନୁରୂପ ଭାବେ ସ୍ନାତକ (ୟୁଜି) ପାଠ୍ୟକ୍ରମ ପଢ଼ାଇବାକୁ କେବଳ ୩ଜଣ ସହକାରୀ ପ୍ରାଧ୍ୟାପକ ରହିବାର ପ୍ରାବଧାନ କରାଯାଉଛି। ବିଶ୍ୱବିଦ୍ୟାଳୟରେ ସମ୍ପ୍ରତି ୪୬ଟି ମଞ୍ଜୁରୀପ୍ରାପ୍ତ ପ୍ରାଧ୍ୟାପକ ପଦ ରହିଛି। ବିଧାନସଭା ତଥ୍ୟ ଅନୁଯାୟୀ, ମାତ୍ର ୧୦ ଜଣ ପ୍ରାଧ୍ୟାପକ କାର୍ଯ୍ୟରତ ଅଛନ୍ତି। ହେଲେ ସଂଗତୀକରଣ ପ୍ରକ୍ରିୟାରେ ପ୍ରାଧ୍ୟାପକ ପଦ ୨୯କୁ କମାଇବା ପାଇଁ ସୁପାରିଶ କରାଯାଇଥିବା ଜଣାପଡ଼ିଛି। ସେହିପରି ୭୫ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରାଧ୍ୟାପକ ପଦ ମଧ୍ୟରୁ ମାତ୍ର ୩୦ଜଣ କାର୍ଯ୍ୟରତ ଅଛନ୍ତି। ଏହି ପଦ ସଂଖ୍ୟା ମଧ୍ୟ ୫୧କୁ କମାଇବାକୁ ପ୍ରସ୍ତାବ ରହିଛି। ସଂଗତୀକରଣ ପ୍ରକ୍ରିୟା ଛାତ୍ର-ଶିକ୍ଷକ ଅନୁପାତକୁ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ଶିକ୍ଷାବିତ୍ ଡ. ମାନସ ବେହେରା କହିଛନ୍ତି। ସେ କହିଛନ୍ତି, ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ସ୍ନାତକରେ ୨୬ ଶହ ନମ୍ବର ବଦଳରେ ୩୬ ଶହ ମାର୍କର ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ସଂଗତୀକରଣ ପ୍ରକ୍ରିୟା ଦ୍ୱାରା ଅଧ୍ୟାପକ ପଦ କମୁଥିବାରୁ ଶିକ୍ଷାର ଗୁଣାତ୍ମକମାନ ହ୍ରାସ ପାଇବ। ଅଧ୍ୟାପକଙ୍କ ଉପରେ କାର୍ଯ୍ୟଭାର ମଧ୍ୟ ବଢ଼ିବ। ଏଣୁ ଛାତ୍ର-ଶିକ୍ଷକଙ୍କ ଅନୁପାତକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି ଯେ ସଂଗତୀକରଣ ପ୍ରକ୍ରିୟା ନେଇ ବିଶ୍ୱବିଦ୍ୟାଳୟର ପଦ ସଂଖ୍ୟା ବଢ଼ିବା ବା କମିବା ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ସରକାର ଏନେଇ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଅପରପକ୍ଷରେ ନାକ୍ ମାନ୍ୟତା ପାଇବାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମସ୍ୟାର ସମ୍ମୁଖୀନ ହେବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଛାତ୍ର-ଶିକ୍ଷକ ଅନୁପାତ କମିଲେ 'ଏ+' ମାନ୍ୟତା ଆହୁରି ନିମ୍ନଗାମୀ ହେବ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

### ଟ୍ୱିନ୍ ସିଟିରୁ...

ପିଉଛନ୍ତି। ଏଥିରେ ଡ୍ରଗ୍ସ ମିଶୁଥିବାରୁ ନିଶା ପରିମାଣ ଢେର୍ ଅଧିକ ହେଉଛି। ଡାକ୍ତରଙ୍କ ଅନୁମତି ବିନା ଏହା ବିକ୍ରି କରିବା ବେଆଇନ୍। କିନ୍ତୁ ଅନେକ ଦୋକାନୀ ଦୁଇ ଗୁଣା ଟଙ୍କା ରୋଜଗାର କରିବା ଲୋଭରେ ବେଆଇନ୍ ଭାବେ ବିକ୍ରି କରୁଛନ୍ତି। ତେଣୁ ଏହିଭଳି ଚାଲାଣ କରୁଥିବା କୋରିୟର ସଂସ୍ଥା ଉପରେ ଏସ୍‌ଟିଏଫ ଏବଂ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଚଢ଼ଉ କରିଛି। ପୂର୍ବରୁ ଭୁବନେଶ୍ୱର ଷ୍ଟେସନ, ମଞ୍ଚେଶ୍ୱର, ଖଣ୍ଡଗିରି ପାହାଡ଼ ପାଦଦେଶରୁ ବିପୁଳ ପରିମାଣର କଫ୍ ସିରପ ବିକ୍ରି କରାଯାଉଥିବା ବେଳେ ଧରାପଡ଼ିଥିଲା।

### ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ...

ମୃତ୍ୟୁ ଘଟିଥିଲା ବେଳେ ଆଉ କେତେଜଣ ଆହତ ମଧ୍ୟ ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଉନ୍ନୟନ କମିସନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଉନ୍ନୟନ କମିସନରଙ୍କୁ ସହଯୋଗ କରିବା ପାଇଁ ୪ ଜଣ ଓଏଏସ ଅଧିକାରୀଙ୍କୁ ମଧ୍ୟ କମିଟିରେ ସ୍ଥାନ ମିଳିଥିଲା। ଉନ୍ନୟନ କମିଶନର ନିଜେ ଭୁବନେଶ୍ୱର ଏବଂ ପୁରୀରେ ଶୁଣାଣି କରିବା ସହ ପ୍ରତ୍ୟେକ୍ଷଦର୍ଶୀଙ୍କଠାରୁ ମତାମତ ଗ୍ରହଣ କରିଥିଲେ।

### ଆଖୁ ଚାଷର...

ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ବେସରକାରୀ ଉଦ୍ୟମରେ ଢେଙ୍କାନାଳ ଚିନି କାରଖାନାଟି କଷ୍ଟେମଷ୍ଟେ ଚାଲିଛି। ଚିନି କାରଖାନା ସବୁ ବନ୍ଦ ହୋଇଯିବା ଯୋଗୁଁ ଆଖୁ ବିକ୍ରି ସମସ୍ୟା ଓ ଆଖୁଚାଷ ପାଇଁ ପ୍ରୋତ୍ସାହନ ମିଳୁନି। ଫଳସ୍ୱରୂପ ଚାଷୀ ଆଖୁ ଚାଷରୁ ମୁହଁ ଫେରାଇ ନେଉଛି। ନବରଙ୍ଗପୁର, କୋରାପୁଟ ଆଦି ଜିଲ୍ଲାରେ ଭଲ ଆଖୁ ଉତ୍ପାଦନ ପାଇଁ ଅନୁକୂଳ ପରିବେଶ ଥିବା ସତ୍ତ୍ୱେ ଚାଷୀମାନେ ଆଖୁଚାଷ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ୨୦୦୦-୦୧ ବର୍ଷ ବେଳକୁ ଓଡ଼ିଶାରେ ଆଖୁଚାଷ ହେଉଥିବା ଜମିର ପରିମାଣ ପ୍ରାୟ ୩୧ହଜାର ହେକ୍ଟର ଥିଲା। ଏହି ବର୍ଷରେ ୨୧ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା। ୨୦୧୮-୧୯ ବର୍ଷରେ ଓଡ଼ିଶାରେ ୨୫ହଜାରରୁ ହେକ୍ଟରରୁ କମ୍ ଜମିରେ ପ୍ରାୟ ୧୮ ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିବା ସ୍ଥଳେ ୨୦୧୯-୨୦ ବର୍ଷରେ ୧୯ ହଜାର ହେକ୍ଟରରୁ କମ୍ ଜମିରେ ପ୍ରାୟ ୧୪ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା। ଗତବର୍ଷ ପାଖାପାଖି ୧୫ ଲକ୍ଷ ହେକ୍ଟର ଚାଷ ଜମିରେ ୧୧ରୁ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ଉତ୍ପାଦନ ହୋଇଛି।

ଏ ସମ୍ପର୍କରେ କୃଷି ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ବ୍ରିଟିଶ ସରକାର ସମୟରୁ ଆସିକାରେ ଚିନିକଳ ସ୍ଥାପିତ ହୋଇଥିଲା। ଚିନିକଳଗୁଡ଼ିକ ପକ୍ଷରୁ ଚାଷୀମାନଙ୍କୁ ଉନ୍ନତ କିସମର ଆଖୁ ବିହନ ସମେତ ସାର ଓ ଅନ୍ୟାନ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ଚାଷୀମାନଙ୍କଠାରୁ ଆଖୁ ସଂଗ୍ରହ କରି କାରଖାନାରେ ଚିନି ଉତ୍ପାଦନ କରାଯାଉଥିଲା। ଏଥିଯୋଗୁଁ ଚାଷୀମାନେ ଅଧିକ ଲାଭ ପାଇବା ଆଶାରେ ଆଖୁଚାଷ କରୁଥିଲେ। କିନ୍ତୁ ଚିନିକଳଗୁଡ଼ିକ ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଯିବା ଫଳରେ ଉତ୍ପାଦିତ ଆଖୁ ବିକ୍ରି ମୁଖ୍ୟ ସମସ୍ୟା ହେଉଛି। ବାରମ୍ବାର କ୍ଷତି ସହିବା ଫଳରେ ଚାଷୀମାନେ ଆଖୁଚାଷ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପୂର୍ବରୁ ଗାଁ ଗହଳରେ ଆଖୁ ପେଡି ଗୁଡ଼ ଉତ୍ପାଦନ କରି ଚାଷୀମାନେ ବିଶେଷ ଲାଭବାନ ହେଉଥିଲେ। ଚିନିକଳ ସ୍ଥାପନ ପରେ ସମ୍ପୃକ୍ତ ଅଞ୍ଚଳରେ ଗୁଡ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଯିବାରୁ ଏବେ ଗୁଡ ପାଇଁ ବି ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି।

### ହାତୀ ଆକ୍ରମଣରେ...

ବେଳେ ଗୋଟିଏ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ସମୟରେ ଝୁଲଣ ଦେହୁରୀ ନଳକୂଅରୁ ପାଣି ଆଣିବାକୁ ଯାଇଥିବା ବେଳେ ହାତୀ ତାଙ୍କୁ ଗାଁ ରାସ୍ତାରେ କଚାଡ଼ି ମାରି ଦେଇଥିଲା।

ଦିନକରେ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳବାସୀ ଏକତ୍ରିତ ହୋଇ ପୁରୁଣାକଟକ-ସମ୍ବଲପୁର ରାସ୍ତାର ସାତମାଇଲ ଛକ ନିକଟରେ ଶବ ରଖି ରାସ୍ତା ଅବରୋଧ କରିଥିଲେ।

ଗ୍ରାମବାସୀମାନେ ଅଭିଯୋଗ କରିଥିଲେ ଯେ ଗାଁ ନିକଟରେ ହାତୀପଲ ଥିବା ସମ୍ପର୍କରେ ଗ୍ରାମବାସୀ ପୂର୍ବ ଦିନ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ ଏଥିପ୍ରତି ବିଭାଗ କର୍ଣ୍ଣପାତ ନକରି କୌଣସି ପଦକ୍ଷେପ ନେଇ ନଥିବାରୁ ହାତୀ ଆକ୍ରମଣରେ ତିନିଜଣଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏପରିକି, ହାତୀ ସ୍କ୍ୱାଡ୍‌ଙ୍କର ମଧ୍ୟ ଦେଖାନଥିଲା। ଅନ୍ୟପଟେ ହାତୀ ଆକ୍ରମଣରେ ଗ୍ରାମରେ ତିନିଜଣଙ୍କ ମୃତ୍ୟୁ ଖବର ଦିଆଯାଇଥିଲେ ମଧ୍ୟ ବହୁ ବିଳମ୍ବରେ ପୁଲିସ ଆସିବା ପରେ ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ଏହାର ଦୀର୍ଘ ସମୟ ପରେ ବନାଞ୍ଚଳ ଅଧିକାରୀ ଗୌତମ ପ୍ରଧାନ ପହଞ୍ଚିବାରେ ଗ୍ରାମବାସୀ ତାଙ୍କୁ ଘେରିଯାଇଥିଲେ। ଗ୍ରାମରେ ଲାଇଟ, ହାତୀ ଆସିବା ସୂଚନା ପାଇଁ ସାଇରନ ବ୍ୟବସ୍ଥା, ବିଭାଗ ଦ୍ୱାରା ହାତୀ ଘଉଡ଼ାଇବା ପାଇଁ ୨୪ ଘଣ୍ଟିଆ ପ୍ରହରା ଆଦି ଦାବି କରିଥିଲେ। ତେବେ ଏତେଗୁଡ଼ିଏ ଦାବି ଶୁଣି ବନାଞ୍ଚଳ ଅଧିକାରୀ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ପୁଣି କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା।

ଖବର ପାଇ ଘଟଣାସ୍ଥଳରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ କୁମାର ସେଠୀ, ହିନ୍ଦୋଳ ଏସଡିପିଓ ସତ୍ୟକୁମାର ନନ୍ଦ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଗ୍ରାମରେ ଲାଇଟ୍ ଲଗାଇବା, ହିନ୍ଦୋଳରେ ଆତଙ୍କ ଚଳାଇଥିବା ଦନ୍ତାହାତୀକୁ ତୁରନ୍ତ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଇବା, ହାତୀ ଜଗୁଆଳିଙ୍କ ଦ୍ୱାରା ନିୟମିତ ପହରା ଆଦି ଦାବିଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବାକୁ ପ୍ରତିଶ୍ରୁତି ଦେବା ସହ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ପରେ ଉତ୍ତେଜନା ଥମିଥିଲା ଓ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନା ପଠାଇଥିଲା। ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପରେ ଏକ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ୩ ଜଣଙ୍କର ଶବଦାହ କରାଯାଇଛି। ଅନ୍ୟପଟେ କର୍ତ୍ତବ୍ୟରେ ଅବହେଳା ପାଇଁ ରେଞ୍ଜର୍ ଗୌତମ ପ୍ରଧାନଙ୍କ ସମେତ ଫରେଷ୍ଟର୍ ଓ ଫରେଷ୍ଟଗାର୍ଡଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।


**AFFIDAVIT**

By the virtue of an affidavit sworn before the Notary Public, Daringibadi, Dated 31.07.2025. I, Radhika Deshmajhi, W/o- Binod Deshmajhi, Address Kalikia, Po: Kasabasa, Ps: Bamunigam, Dist: Kandhamal, State: Odisha-762021 declare that I have changed my minor daughter's name from ANJITA DESHMAJHI to MEGHA DESHMAJHI. Henceforth, She shall be known as **MEGHA DESHMAJHI** for all purposes.

**AFFIDAVIT**

I, Swornabala Jena W/o Samaresh Jena, Resident of Plot No-62, Lal Bahadur Colony, Old Station Square, PO - Budheswari, PS-Laxmisagar, Bhubaneswar, Dist-Khordha, Pin-751006, Odisha declare by this affidavit No.106 dated 30.07.2025 that now onwards I shall be known as **SWORNABALA PRADHAN** for all future purposes.

**AFFIDAVIT**

By virtue of an affidavit No.2094, dtd.28.07.2025 in the court of the Executive Magistrate, Sukinda, Jajpur, I, Jogesh Kumar Majhi, Vill- Kantira, Po- Atta, Ps- Sukinda, Jajpur-755018 have changed my minor son's name from Asian Majhi to **Ashish Kumar Majhi** for all purposes.

**Sd/- Jogesh Kumar Majhi**

**AFFIDAVIT**

By virtue of an affidavit No.2465, dtd.24.06.2025 in the court of the Executive Magistrate, Pipili, Puri, I, Rojalin Rath, Vill- Mahasingpatna, Po- Dandamukundapur, Ps- Pipili, Dist- Puri, Odisha have changed my name from Rosalin Dash (Dob-12.06.1987) to Rojalin Rath (correct Dob-12.06.1988) for all purposes.

**Sd/- Rojalin Rath**

**AFFIDAVIT**

I, Subhashree Das W/o Satyabrata Prusty, Resident of Plot No - 219/9379, Chakeisihani, PO - Rasulgarh, PS- Mancheswar, Bhubaneswar, Dist - Khordha, Odisha - 751010, declare by this affidavit No.026 dated 06.01.2020 that now onwards I shall be known as **SUBHASHREE PRUSTY** for all future purposes.

**Notice(For Minor)**

By virtue of an affidavit sworn before The Executive Magistrate, Kaptipada, Udala, Mayurbhanj, dated 30-07-2025. I, Malati Tudu, Address At- Debala, Po- Gadigaon, Dist- Mayurbhanj, Pin- 757087 declare that I have changed the name of my Son from Suray Tudu to Mangal Tudu. Henceforth, he shall be known as Mangal Tudu for all purposes.

**Malati Tudu**

**NOTICE**

By virtue of an affidavit sworn before the Notary Public, Cuttack, dated 23.07.2025 I, Maguni Prasad Singh Samanta, resident of At- Kendubilwa, PO- Prataprudrapur, PS- Balianta, Dist- Khordha-752102, Odisha have changed my name from Maguni Pradhan to Maguni Prasad Singh Samanta. Henceforth, I shall be known as **Maguni Prasad Singh Samanta** for all purposes.

**Maguni Prasad Singh Samanta**

**AFFIDAVIT**

I, Swapna Das W/o Saroj Kumar Tarasia, Resident of Plot No 361(P), Saneigadia, PO- Rasulgarh, PS-Mancheswar, Bhubaneswar, Dist-Khordha, Odisha-751010, declared by this affidavit No.1465 dated 31.07.2025 that now onwards I shall be known as **SWAPNA TARASIA** forall future purposes.

**AFFIDAVIT**

I ALAYANA DURGAMBA, W/o A THIRUPATI, resident of Bharat Nagar Colony 1st lane, Bell Road, Po- P.R.Peta, PS- JEYPORE, Dist- Koraput, Odisha -764003, Odisha declare by this Affidavit No.678, Dated - 31/07/2025, that now onwards I shall be known as A DURGAMBA for all future purpose.

**AFFIDAVIT**

By virtue of an affidavit No.356, dtd.10.07.2025 in the court of Executive Magistrate, Chatrapur, Ganjam, I, Tukuna Nahak have changed my son namely Aswini Kumar Nahak, Date of Birth from 14.09.2007 to 29.10.2008 vide his Birth certificate Regd. No. 236/2012 and Aadhar card no. 349739778541. Henceforth my son's actual and correct date of Birth is 29.10.2008 for all purposes.

**Sd/- Tukuna Nahak**

**AFFIDAVIT**

By virtue of an affidavit sworn before Notary Public Titilagarh, dated 30.07.2025 I, Kuma Bag, Address At- Dhatuk, Po- Barbahal, Ps- Patnagarh, Dist- Balangir, Odisha, Pin- 767027 declare that I have changed my name from Kumbha Bag to Kuma Bag. Henceforth, I shall be known as **Kuma Bag** for all purposes.

**Kuma Bag**

**AFFIDAVIT**

By virtue of an affidavit Sl. No. 558, dtd. 10.07.2025 before the Notary, Bhubaneswar, I Payoja Priyadarsini Resident of At-Sanabankihati, Po- Bilasuni, Ps-Niali, Dist- Cuttack, Pin-754004, Odisha I have changed my name from Payaja Priyadarsini to Payoja Priyadarsini for all purposes.

**Sd/- Payoja Priyadarsini**

**CHANGE OF NAME**

By virtue of an affidavit sworn before Executive Magistrate, Nabarangpur dtd. 30th July 2025, I, N Vijay Nagendra (New Name), permanent resident of Gadabaguda, Nabarangpur, in the district of Nabarangpur, Odisha, Pin-764059, declare that I have changed my name from **Roshit Kumar** (Old Name) to **N Vijay Nagendra** (New Name). Henceforth, I shall be known as **N Vijay Nagendra** (New Name) for all purposes.

**N Vijay Nagendra**

**AFFIDAVIT**

I, Olivia Parida, W/o-Manas Kumar Parida, resident of vill - Baligohiri, PO - Raj Nilgiri, Dist - Balasore, Pin -756040, Odisha, declare by this affidavit No -7354, dated-30/07/2025, that now onwards I shall be known as **OLIVIA MAITY** for all future purposes.

**AFFIDAVIT**

By virtue of an affidavit Sl. No.- 2099, dtd.31.07.2025 in the court of the Executive Magistrate, Phulbani, Dist.- Kandhamal, I, Subhalata Kanhar, have changed my name from Subhalaxmi Kanhar to Subhalata Kanhar. Henceforth I shall be known as **Subhalata Kanhar** for all purposes.

**Sd/- Subhalata Kanhar**

**AFFIDAVIT**

I ALAYANA THIRUPATI, S/o ALAYANA ESWAR, resident of Bharat Nagar colony 1st lane, Bell Road, Po- P.R.Peta, PS- JEYPORE, Dt-Koraput, Odisha - 764 003 declare by this Affidavit No.677, Dated - 31/07/2025,that now onwards I shall be known as A THIRUPATI for all future purpose.

**AFFIDAVIT**

By virtue of an affidavit before the Notary, Public, dtd- 28/07/2025. I **Gumani Sahoo**, aged about 85 years, W/o- Late Rushinath Sahoo, At- Dadhapatna, PO/PS- Barang, Dist- Cuttack, Pin- 754005, Odisha have changed my name from **Guna Lata Sahoo** to **Gumani Sahoo.** Henceforth, both the names **Guna Lata Sahoo** and **Gumani Sahoo** is one and same person and I shall be known as **Gumani Sahoo** for all purposes.

**CHANGE OF NAME**

By virtue of an affidavit sworn before The Notary Public, Sunabeda dated 31/07/2025 I, Smt. Jashoda Majhi, W/o Keshaba Majhi, Village - Parata, PO. - Thuba, PS. - Nandapur, District - Koraput declare that I have changed my name from **Yasoda Majhi** to **Jashoda Majhi**. Henceforth, I shall be known as **Jashoda Majhi** for all purposes.

**Jashoda Majhi**

**AFFIDAVIT**

By virtue of an affidavit Sl. No. 547, dtd. 17.03.2025 before the Notary, Bhubaneswar,I Srabana Kumar Naik Resident of At-Ganikumpa, Po- Podasahi, Ps-Banigochha, Dist-Nayagarh, Pin-752089,Odisha I have changed my name from Muna Sahu to Srabana Kumar Naik for all purposes.

**Sd/- Srabana Kumar Naik**

**AFFIDAVIT**

I, Mamata Rani Das, W/o- Snehasis Pattanaik, resident of Flat No. 204/A, Trident Galaxy, kalinga Nagar, Ghatikia, Ps- Chandaka, Bhubaneswar, Pin-751030, Dist- Khordha, Odisha declare by this affidavit No. 499, date- 30/07/2025, that now onwards I shall be known as **MAMATA DAS** for all future purposes.

O-517 Email:- rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDINGENGINEER**
**RURAL WORKS DIVISION, DHARMAGARH**

BID IDENTIFICATION NO. DMGH/Online-03 OF 2025-26 Dates:28.07.2025

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work :Building works in the district of Kalahandi as mentioned in DTCN
2. Total No of Works : 02No.
3.Estimated Cost :Rs.12.60 lakhs to Rs.13.83 lakhs
4.Period of Completion: : 02 Calendar Month
5.Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 01.08.2025 At 10.00 AM | 14.08.2025 Up to 5.00 PM | 12.08.2025 Up to 5.00 PM | 16.08.2025 At 11.00 AM |

Further details can be seen from the website www.tendersorissa.gov.in

Superintending Engineer
Rural Works Division
Dharmagarh

OIPR-25100/11/0025/2526

**LOST**

**I, Sandip Kumar Beura,** S/o.: Sulekha Chandra Beura, Village: Raghunathpur, PO.: RK Patna, P.S.: Patkura, Dist.: Kendrapara, state that the Original Regd. Sale Deed No.: 10931204085 dt.10.1.2025 executed by Balaram Parida in favour of Dhaneswar Behera & original ROR Khata No.: 3537/7925 of Mouza: Samagudia favouring Dhaneswar Behera have been lost/ misplaced from my custody and my all attempt to trace/find the same fruitless despite of my best efforts. A Station Diary vide GD No.: 19 dt.2.7.2025 has been made at Kendrapara town police station in this respect on my report. No mortgage/charge/security has been created with any banks/Financial institutions by depositing the said Regd. sale deed & ROR in original for any advance till date. If no objection is received from any concerned within a period of **15 days** from the date of publication of this notice. it will be presumed that the property in question is free from all encumbrances by others.

**(Sri Sandip Kumar Beura)**
**Mob. No.7873759098**

## ସଦୀପ୍ତଙ୍କ ଚକ୍ଷୁଦାନ

**ରାଜନଗର,୩୧।୭(ସମିସ):** ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗାଁର ଯୁବ ପ୍ରତିଭା ସଦୀପ୍ତ ଦାସଙ୍କ (୫୧) ବର୍ଷ ବୟସରେ ମଙ୍ଗଳବାର ଦିନ ହୃଦ୍‌ଘାତରେ ପରଲୋକ ଘଟିଛି।



ତାଙ୍କ ଚକ୍ଷୁ ଦାନ କରାଯାଇଛି। ସ୍ୱର୍ଗତ ଦାସ ଏକ ଘରୋଇ ନ୍ୟୁଜ ଚ୍ୟାନେଲରେ ଏରିଆ ମ୍ୟାନେଜର ଭାବେ କାମ କରୁଥିଲେ। ମଙ୍ଗଳବାର ସକାଳ ୮ଟାରେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ପରିବାର ଲୋକେ ତାଙ୍କର ଚକ୍ଷୁଦାନ କରିଥିଲେ। ବ୍ୟବଚ୍ଛେଦ ପରେ ନିଜ ଗାଁକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। କୋଲକାତା ଓ ଭୁବନେଶ୍ୱରରୁ କମ୍ପାନୀର ପ୍ରତିନିଧି ପହଁଚି ତାଙ୍କର ଶେଷକୃତ୍ୟରେ ସାମିଲ ହୋଇଥିଲେ। ସେ ଜଣେ ସୁଦକ୍ଷ କ୍ରିକେଟ ଖେଳାଳି ଭାବେ ଜିଲ୍ଲା ଓ ରାଜ୍ୟରେ ପରିଚିତ ଥିଲେ। ସଦୀପ୍ତଙ୍କ ମୃତ୍ୟୁରେ ସମଗ୍ର ଚକ୍ରଧରପୁର ଗାଁରେ ଶୋକର ଛାୟା ଖେଳିଯାଇଛି।

**ଉଦ୍‌ଘାଟନକୁ ବର୍ଷେ ପୂରିବ**

# କାମରେ ଆସୁନି ଗୋଷ୍ଠୀ ଶୌଚାଳୟ

**ପାରାଦୀପ, ୩୧।୭ (ସମିସ)**




ପୌର ପରିଷଦର ୨ନଂ ୱାର୍ଡରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟ ଏବେ କାମରେ ଲାଗି ପାରୁନି। ବର୍ଷେ ପୂରିବାକୁ ବସିଲାଣି, ହେଲେ ବ୍ୟବହାର କରିପାରୁନାହାନ୍ତି ବସ୍ତି ଲୋକେ। ମନ୍ତ୍ରୀ ଓ ସାଂସଦ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଏହି ଶୌଚାଳୟ ଦ୍ୱାରା ବସ୍ତିବାସିନ୍ଦା ଉପକୃତ ହେବେ ବୋଲି କହିଥିଲେ। କିନ୍ତୁ ଉଦଘାଟନକୁ ବର୍ଷେ ପୂରିବ, ମନ୍ତ୍ରୀ ଓ ସାଂସଦଙ୍କ ଭାଷଣ ଭାଷଣରେ ହିଁ ରହିଛି। ପୌରପାଳିକାର ଅବହେଳାରୁ ଏହା ଏବେ ଅବହେଳିତ ଅବସ୍ଥାରେ ପଡିଛି। ପୌରପାଳିକାର ଲକ୍ଷାଧିକ ଟଙ୍କା ପାଣିରେ ପଡିଛି। କାମରେ ଲାଗି ପାରୁ ନ ଥିବାରୁ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ୨ ନମ୍ବର ୱାର୍ଡ ରାଜୀବନଗର ବସ୍ତିବାସିନ୍ଦା।

ସୂଚନା ମୁତାବକ, ପାରାଦୀପ ପୌର ପ୍ରଶାସନ ଅଧୀନ ୨ ନମ୍ବର୍ ୱାର୍ଡରେ ୨୦୨୪-୨୫ ଆର୍ଥିକ ବର୍ଷରେ ପାରାଦୀପ ପୌର ପରିଷଦ ପକ୍ଷରୁ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଗତବର୍ଷ ସ୍ୱାୟତ୍ତ ଶାସନ ଦିବସରେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ଛବିଳତା ରାଉତ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଦୀର୍ଘ ୧୧ ମାସ ବିତିଲାଣି, ଏହି ଶୌଚାଳୟ କାମରେ ଆସୁନି। ଶୌଚାଳୟ ବ୍ୟବହାର ହେଉ ନ ଥିବାବେଳେ ଖୋଲା ମେଲାରେ ପଡ଼ିଛି। ଶୌଚାଳୟରେ ଲାଗିଥିବା ସରଞ୍ଜାମ ଅସାମାଜିକ ଯୁବକ ଖୋଲି ନେଇଗଲେଣି। ଟାଙ୍କି ଭର୍ତ୍ତି ହୋଇଯିବାରୁ ମଇଳା ପାଣି ଜମି ରହିଛି। ମଇଳା ପାଣି ନିଷ୍କାସନ ପାଇଁ ରାସ୍ତା ନାହିଁ। କେତେକ ସ୍ଥାନ ଭାଙ୍ଗିଗଲାଣି ମଧ୍ୟ। ୧୧ଲକ୍ଷ ୩୦ ହଜାର ବ୍ୟୟରେ ନିର୍ମାଣ ହୋଇଥିବା ଶୌଚାଳୟ ବ୍ୟବହାର ନ ହୋଇ ପୌରପାଳିକାର ଲକ୍ଷାଧିକ ଟଙ୍କା ପାଣିରେ ପଡିଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଏହାକୁ କାର୍ଯ୍ୟକ୍ଷମ କରାଇବାକୁ ପୌରପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉ ନ ଥିବା ବସ୍ତି ଲୋକେ ଅଭିଯୋଗ ଆଣିଛନ୍ତି। ଉପାଧ୍ୟକ୍ଷାଙ୍କ ୱାର୍ଡରେ ଏଭଳି ଅବ୍ୟବସ୍ଥା ନେଇ ଲୋକେ ପ୍ରଶ୍ନ କରିଛନ୍ତି। ଶୌଚାଳୟ କାର୍ଯ୍ୟକ୍ଷମ ନ ହେବା ସମ୍ପର୍କରେ ୱାର୍ଡ ବାସିନ୍ଦା ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ପୁନରୁଦ୍ଧାର କରାଯାଇ ଶୌଚାଳୟକୁ ବ୍ୟବହାର ଉପଯୋଗୀ କରିବାକୁ ଦାବି ହେଉଛି।

## ମରାମତି ହେଲା ବରାଡ଼ିଆ କଲଭର୍ଟ ସଂଲଗ୍ନ ରାସ୍ତା

**'ସକାଳ' ପ୍ରଭାବ**

**ରାଜକନିକା,୩୧।୭(ସମିସ):** ଆଳି ତଟବନ୍ଧ ବିଭାଗର ମଧୁବନ-ବରାଡ଼ିଆ ରାସ୍ତାର କଲଭର୍ଟ ନିକଟରେ ଗାଡ଼



ସୃଷ୍ଟି ହୋଇ ଯାତାୟାତ ଠପ୍ ହେବା ଖବର ଆଜି ଦୈନିକ ଖବରକାଗଜ 'ସକାଳ'ରେ ପ୍ରକାଶ ପାଇବା ପରେ ତଟବନ୍ଧ ବିଭାଗ ମରାମତି କରି ଯାତାୟାତ ସ୍ୱାଭାବିକ କରିଛି। ଭାରୀଯାନ ଚଳାଚଳ ଯୋଗୁଁ ଗାଡ଼ ହୋଇଥିବା ସ୍ଥାନକୁ ଖୋଳି ସେଥିରେ ପିଚୁ ଡ୍ରମ ପକାଇ ତା'ଉପରେ ବାଲି ବସ୍ତା ଦେଇ ମରାମତି କରାଯାଇଥିବା ଏଇ ଦିଲ୍ଲୀପ ବେହେରା କହିଛନ୍ତି। ଗତକାଲି ଅପରାହ୍ନରେ ଏହି କଲଭର୍ଟ ପାଖରେ ଏକ ବିରାଟ ଗାଡ଼ ସୃଷ୍ଟି ହେବାରୁ ଯାତାୟାତ ଠପ୍ ହୋଇଥିଲା। ତୁରନ୍ତ ମରାମତି ଚାହୁଁଥିବା ଏହି ସ୍ଥାନକୁ ବାଲିବସ୍ତା ଦେଇ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି ଯାତାୟାତକୁ ବ୍ୟବସ୍ଥିତ କରାଯାଇଛି। ତେବେ ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ବର୍ଷାଦିନେ ଲୋକେ ଯାତାୟାତରେ ବହୁ ସମସ୍ୟା ଭୋଗ କରୁଛନ୍ତି। ଏହି ରାସ୍ତାକୁ ଦୃଢ଼ୀକରଣ କରି ଆବଶ୍ୟକ ମରାମତି କରା ନ ଗଲେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

● ଗୋବରୀ ନଦୀରେ ଦଳ ଭର୍ତ୍ତି

## କେନାଲ ପୋଲକୁ ବିପଦ



**ପଞ୍ଚୁପାଣ୍ଡବ,୩୧।୭(ସମିସ):** ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଗ୍ରାମ ଦେଇଯାଇଥିବା ଗୋବରୀ ନଦୀରେ ଦଳ ଭର୍ତ୍ତି ହୋଇଛି। ବିଭିନ୍ନ ପୋଲରେ ଦଳ ଲାଗିଥିବାରୁ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି। ଗୋବରୀ ନଦୀ ଉପରେ ଯାଇଥିବା ପଟ୍ଟାମୁଣ୍ଡାଇ ୮ ନମ୍ବର (କ) କେନାଲ ପୋଲରେ ଅଧିକ ମାତ୍ରାରେ ଦଳ ଲାଗିଥିବାବେଳେ ଏହି ପୋଲଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏବେ ବର୍ଷାଋତୁ ଥିବାରୁ ଅଧିକ ପାଣି ହେଲେ ପାଣି ସୁଅରେ ଦଳ ଲାଗିଥିବା ପୋଲକୁ ବିପଦରେ ପକାଇବା ସମ୍ଭାବନା ରହିଛି। ଏହି ଗୋବରୀ ନଦୀଟି ରାଏତୁଣ୍ଡି ଗ୍ରାମ ଦେଇଯାଇଥିବାରୁ ସ୍ଥାନୀୟ ଲୋକେ ନଦୀରେ କାରବାର କରିବାକୁ ହଇରାଣ ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଗ୍ରାମ ସାହୁସାହିର ପ୍ରାୟ ୨୦ ପରିବାର ଏହି ନଦୀରେ କାରବାର କରନ୍ତି। ଦଳ ଭର୍ତ୍ତି ହୋଇଥିବାରୁ ସେମାନେ କାରବାର କରିବାକୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଳ ସମ୍ପଦ ବିଭାଗୀୟ ଅଧିକାରୀ ଦଳ ସଫା କରିବା ପାଇଁ ଅଚ୍ୟୁତାନନ୍ଦ ସାମଲ, ସୁବାସ ମଲିକ, ଲୋଭାବତୀ ସାହୁ, ବାବୁଲି ମଲ୍ଲିକ, ପପୁ ସାହୁ ଓ ଶତାଧିକ ମହିଳା ଦାବି କରିଛନ୍ତି।

## ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ



**ଡେରାବିଶ,୩୧।୭(ସମିସ):** ଡେରାବିଶ ବ୍ଲକ୍‌ର କୁଶିଆପାଳ ଓ ଗୁଆଳସିଂ ପଞ୍ଚାୟତ ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ' ପକ୍ଷରୁ ୫୦୦ରୁ ଊର୍ଦ୍ଧ୍ୱ ତାଳମଞ୍ଜି ରୋପଣ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ଛାତ୍ରଛାତ୍ରୀ ଦିଲ୍ଲୀପ ବେହେରା, ବିପିନ ନାଥ, ବର୍ଷା ପଟ୍ଟନାୟକ, ସୋନିତା ସାହୁ ଓ ଦେବଯାନୀ ବେହେରାଙ୍କ ସମେତ ବହୁ ଛାତ୍ରଛାତ୍ରୀ ୫୦୦ରୁ ଊର୍ଦ୍ଧ୍ୱ ତାଳମଞ୍ଜି ବାଜିପଡ଼ା ନିକଟ ରାସ୍ତା କଡ଼ ଓ ବିଭିନ୍ନ ଅବ୍ୟବହୃତ ଉଚ୍ଚ ସ୍ଥାନରେ ଲଗାଇଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ବତନ ସୈନିକ ସଂଘର ସହସମ୍ପାଦକ ଅକ୍ଷୟ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ବିଦ୍ୟୁତ୍ ଖୁଣ୍ଟକୁ କଦମ୍ବ ଗଛ ଭରସା

**ରାଜକନିକା,୩୧।୭(ସମିସ):** ରାଜକନିକା ବିଦ୍ୟୁତ୍ ଉପଖଣ୍ଡ ଅନ୍ତର୍ଗତ ହାଟସାହି ଫିଡରର ଅନ୍ନପୂର୍ଣ୍ଣା ପଡ଼ିଆ ପାଖ ଭୂଇଁବିଲର ରମେଶ ପଡିଆରୀଙ୍କ ଘର ନିକଟ ଡିପି ପୋଲ୍‌କୁ ଧରି




ରଖିବାକୁ କଦମ୍ବ ଗଛରେ ଏ ଷ୍ଟେ' ବନ୍ଧାଯାଇଛି। ତାହା ଗଛକୁ ଏମିତି ଚିପି ସାରିଲାଣି ଯେ ସାମାନ୍ୟ ପବନରେ ଭାଙ୍ଗିଯିବା ଆଶଙ୍କା ଦେଖାଦେଇଛି। ଏନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବିଦ୍ୟୁତ ବିଭାଗ ଏବେ ଗୁଣାତ୍ମକ ସେବା ଯୋଗାଇ ଦେବା ନିମନ୍ତେ ପୁରୁଣା ଖୁଣ୍ଟ, ତାର ପରିବର୍ତ୍ତନ କରୁଛି। ତେବେ ଏଠାରେ ବିଭାଗୀୟ ଅବହେଳା ଜଳ ଜଳ ଦିଶୁଛି। ୧୧ କେଭିର ଏକ ଡିପି ଖୁଣ୍ଟକୁ ଧରି ରଖିବା ପାଇଁ କଦମ୍ବ ଗଛରେ ବନ୍ଧାଯାଇଛି ଷ୍ଟେ। ଦୁଇବର୍ଷରୁ ଅଧିକ ଦିନ ଧରି ଏଭଳି ଅବସ୍ଥାରେ ରହିଛି। ଫଳରେ ଏହା ଗଛକୁ ଚିପି ଧରି ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ବି ପଦକ୍ଷେପ ଶୂନ୍। କୌଣସି ଅଘଟଣ ଘଟିବା ଆଗରୁ ତୁରନ୍ତ ଗଛରୁ ତାର ହଟାଇ ସଠିକ୍ ଷ୍ଟେ ଲଗାଇବାକୁ ଦାବି ହେଉଛି।

## ଓଳାଭର କଲେଜ କାମରେ ଦୁର୍ନୀତି ଅଭିଯୋଗ

**ରାଜକନିକା,୩୧।୭(ସମିସ)**






ରାଜକନିକା ବ୍ଲକ୍ ଅନ୍ତର୍ଗତ ଓଳାଭର କଲେଜର ଷ୍ଟାଫ୍‌ରୁମ୍, କମନରୁମ୍ ଓ ପାଇଖାନା ଘର ନିର୍ମାଣରେ ଚଞ୍ଚକତା କରାଯାଇ ଗୋଟିଏ କାମକୁ ଦୁଇଥର ବିଲ୍ ହୋଇଥିବା ଅଭିଯୋଗ ହୋଇଛି। 'ଫନି' ବାତ୍ୟା ଫଣ୍ଡ ବାବଦରେ ୨୦୨୨-୨୩ରେ ଓଳାଭର କଲେଜ କମନରୁମ, ଷ୍ଟାଫ୍‌ରୁମ୍ ଓ ପାଇଖାନା ନିର୍ମାଣ ପାଇଁ ୯ ଲକ୍ଷ କରି ଦୁଇଥର ୧୮ ଲକ୍ଷ ଟଙ୍କା ବ୍ୟୟରେ କାମ ହୋଇଥିବା ନେଇ ଫଳକରେ ସୂଚିତ ହୋଇଛି। ସେତେବେଳେ ଏହି କାମ ନାମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏ କାମଟି ଏଯାବତ୍ ଅସମ୍ପୂର୍ଣ୍ଣ ଥିବାବେଳେ ପୁଣି ପାଞ୍ଚ ଲକ୍ଷ ଟଙ୍କା ଏହି କାମ ନିମନ୍ତେ ଉଠାଣ ହୋଇଥିବା ଜଣାପଡ଼ିଛି। କଲେଜ ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କାମର ଫଳକ ୧୮ ଲକ୍ଷ ଟଙ୍କାର ଥିବାବେଳେ ପାଞ୍ଚ ଲକ୍ଷ ଟଙ୍କାର ଫଳକ ଏଡିଟିଂ ହୋଇ କାଗଜ ପତ୍ରରେ ଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲ୍ଲାପାଳ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଓଳାଭର ଅଞ୍ଚଳର ସଚେତନ ନାଗରିକ ଦାବି କରିଛନ୍ତି।

## ଯଅଁରାବାରିମୂଳରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ

**ଡେରାବିଶ, ୩୧।୭ (ସମିସ)**



ଯଅଁରାବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି। ସରପଞ୍ଚ ଶଙ୍କର୍ଷଣ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେରାବିଶ ତହସିଲଦାର ସରୋଜ କାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଓ ଯଅଁରାବାରିମୂଳ ରାଜସ୍ୱ ନିରୀକ୍ଷକ ଇପସିତା ପରିଜା ଉପସ୍ଥିତ ରହି ଯଅଁରାବାରିମୂଳ ରଜସ୍ୱ ସର୍କଲ ଅନ୍ତର୍ଗତ ୨୦୦ ଜଣ ହିତାଧିକାରୀଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା ବଣ୍ଟନ କରିଥିଲେ।

ଏଥିସହ ୧୩ ଜଣଙ୍କୁ ତତ୍କାଳ ଅନୁସୂଚିତ ଜାତି ପ୍ରମାଣପତ୍ର, ୧୩ ଜଣଙ୍କୁ ଉତ୍ତରାଧିକାରୀ ପ୍ରମାଣପତ୍ର ଓ ଅନ୍ୟ ୧୮ ଜଣଙ୍କୁ ରେସିଡେଣ୍ଟ, ଏସ୍‌ଇବିସି ଇତ୍ୟାଦି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ସେମାନଙ୍କୁ ପୂର୍ବରୁ ମିଳିଥିବା ପଟ୍ଟା ସଂଶୋଧନ, ବିଭିନ୍ନ ଜମିବାଡ଼ି ବିବାଦର ସମାଧାନ ଇତ୍ୟାଦି ନିମନ୍ତେ ଆବେଦନ କରିଥିଲେ। ତହସିଲଦାର ଶ୍ରୀ ନାୟକ ଏମାନଙ୍କ ଅଭିଯୋଗର ତ୍ୱରିତ ସମାଧନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କିଛି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ। ସମାଜସେବୀ ରଜତ ବଳ, କୈଳାସ ପରିଡ଼ା, ବନବିହାରୀ ରାଉତ, ନିମାଇଁ ଚରଣ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ରାଜନଗର,୩୧।୭(ସମିସ):** ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ +୨ କଳା, ବାଣିଜ୍ୟ, ବିଜ୍ଞାନ ବିଭାଗରେ ନୂଆ କରି ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱାଗତ ଉତ୍ସବରେ ଶୈକ୍ଷିକ କୋଷାଧ୍ୟକ୍ଷ ଶିକ୍ଷା ବିଭାଗ ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ପ୍ରଶାସନିକ କୋଷାଧ୍ୟକ୍ଷ ଅଧ୍ୟାପକ ପ୍ରଣୟ କୁମାର




ବେହେରା, ବ୍ୟୟ ଅଧୀକ୍ଷକ ଅଧ୍ୟାପକ ବାଣିଜ୍ୟ ବିଭାଗର ଅଭିମନ୍ୟୁ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କେମିତି ଏକ ଉତ୍ତମ ଚରିତ୍ର ଗଠନ ସହିତ ଭବିଷ୍ୟତ ଲକ୍ଷ୍ୟ ହାସଲ କରିବେ, ସେ ବିଷୟରେ କହିବା ସହିତ ଛାତ୍ରଛାତ୍ରୀ ଅନୁଷ୍ଠାନର ଅନୁଶାସନ ପାଳନ କରିବା ସହିତ ସମୟାନୁବର୍ତ୍ତୀ, ଶୃଙ୍ଖଳିତ, ବିଦ୍ୟାନୁରାଗୀ ଓ ଚରିତ୍ରବାନ ହେଲେ ନିଶ୍ଚୟ ସଫଳତା ହାସଲ କରିବେ ବୋଲି ଅଧ୍ୟକ୍ଷ ଉପଦେଶ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟାପକ , ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।



## ଏସଭିଏମ୍ କଲେଜ ଅଧ୍ୟକ୍ଷାଙ୍କୁ ଭେଟିଲେ ଶିକ୍ଷାବିତ୍

**ଜଗତସିଂହପୁର,୩୧।୭(ସମିସ):** ଜଗତସିଂହପୁର ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟ ପାଇଁ ସାଂସଦ ଡଃ ବିଭୂପ୍ରସାଦ ତରାଇଙ୍କ ପ୍ରତିନିଧି ତଥା ଶିକ୍ଷାବିତ ଦିଲ୍ଲୀପ ଜେନା ଅଧ୍ୟକ୍ଷା ଡଃ ସୁଜାତା ଓତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏ ଅବସରରେ କଲେଜର ଶୈକ୍ଷିକ ବାତାବରଣ, ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସାଂସଦ କଲେଜ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଥିବାବେଳେ କଲେଜର ଅଭାବ ଅସୁବିଧା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ତାଙ୍କୁ ଅବଗତ କରାଯିବ ବୋଲି ଆଲୋଚନା ହୋଇଥିଲା। ସଂସ୍କୃତ ଅଧ୍ୟାପକ ବିଜୟ ବିଶ୍ୱାଳ, ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଜିଲ୍ଲା ମିଡ଼ିଆ ସେଲ୍ ଅଧ୍ୟକ୍ଷ ଗଣେଶ ମହାନ୍ତି, ପୂର୍ବତନ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା ଓ ରାଜନାରାୟଣ ସାହୁ ପ୍ରମୁଖ ଏହି ସାକ୍ଷାତ ଆଲୋଚନା ସମୟରେ ଉପସ୍ଥିତ ଥିଲେ।

## ଉଷା ପାଢ଼ୀଙ୍କ ପାରାଦୀପଗଡ଼ ପଞ୍ଚାୟତ ପରିଦର୍ଶନ

**ପାରାଦୀପ, ୩୧।୭(ସମିସ):** ବାଣିଜ୍ୟ, ପରିବହନ ଓ ନଗର ଉନ୍ନୟନ ସଚିବ ଉଷା ପାଢ଼ୀ ଆଜି ପାରାଦୀପଗଡ଼ ପଞ୍ଚାୟତ ଗସ୍ତରେ ଆସି ପଞ୍ଚାୟତ ପରିଦର୍ଶନ କରି ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ନିରାପତ୍ତା, ରାସନ କାର୍ଡ, ମହିଳା ସଶକ୍ତୀକରଣ, ପାନୀୟଜଳ, ଜଳ ନିଷ୍କାସନ, ବ୍ୟାଙ୍କ, ଡାକ ସେବା, ଅନ୍ତ୍ୟୋଦୟ ଓ ପ୍ରଧାନମନ୍ତ୍ରୀ ବାସଗୃହ ଆଦି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପଞ୍ଚାୟତରେ ଥିବା ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ବିଭିନ୍ନ ବର୍ଗର ଲୋକଙ୍କୁ ସିଧାସଳଖ ପଚାରି ବୁଝିଥିଲେ। ପାରାଦୀପଗଡ଼ ପଞ୍ଚାୟତ ଜଗତସିଂହପୁର ଜିଲ୍ଲାରେ ସବୁଠୁ ବଡ଼ ପଞ୍ଚାୟତ ହୋଇଥିବାବେଳେ ପାରାଦୀପ ପୌର ପରିଷଦ ସୀମା ସହିତ ସଂଲଗ୍ନ ଥିବାରୁ ଓ ପଞ୍ଚାୟତରେ ସହରୀ ସୁବିଧା ଉପଲବ୍ଧ ହେଉଥିବାରୁ ଭବିଷ୍ୟତରେ ଏହି ପଞ୍ଚାୟତ ପାରାଦୀପ ପୌର ପରିଷଦ ସହିତ ସାମିଲ ହେବାର ସମ୍ଭାବନା ରହିଛି ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ। ସେ ଯାହା ଜାଣିଲେ ଏହାର ସମାଧାନ ପାଇଁ ସରକାରଙ୍କୁ ସୁପାରିସ କରିବେ ବୋଲି କହିଥିଲେ। ଉକ୍ତ ପଞ୍ଚାୟତର ୧୫ ରାସନ କାର୍ଡ ଓ ୪ ଅନ୍ତ୍ୟୋଦୟ ଗୃହ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେ ସରପଞ୍ଚ ସସ୍ମିତା ବେହେରାଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହିତ ଆଗକୁ ଗରିବ ଓ ସାଧାରଣ ଲୋକଙ୍କ ପାଇଁ କାମ କରିବାକୁ ପରାମର୍ଶ



ଦେଇଥିଲେ। ପଞ୍ଚାୟତ ପକ୍ଷରୁ ଶ୍ରୀମତୀ ପାଢ଼ୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ, କୁଜଙ୍ଗ ଶିଶୁ ଓ ମହିଳା ବିକାଶ ଅଧିକାରୀ ରାଜଶ୍ରୀ ସାହୁ, ଯୋଗାଣ ଅଧକାରୀ ଦୀପକ ପାତ୍ର, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ଯନ୍ତ୍ରୀ ମାନସୀ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିନୁ ସାହୁ, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଚନ୍ଦ୍ରଶେଖର ଚୌଧୁରୀ, ସତ୍ୟନାରାୟଣ ମହାପାତ୍ର, ଦେବଦୁର୍ଲ୍ଲଭ କର, ଅଲେଖ ମହାରଥା, ରମେଶ ବେହେରା, ପ୍ରଭାତ ସାହୁ, ବିଚିତ୍ର ପ୍ରଧାନ, ଏମ୍‌ବିକେ କଳ୍ପନା ମହାପାତ୍ର, ମିଲି ମଲ୍ଲିକ, ସତ୍ୟଭାମା ସ୍ୱାଇଁ, ମିନାକ୍ଷୀ ସ୍ୱାଇଁ, ଶୁଭସ୍ମିତା ମଙ୍ଗରାଜ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ଜେନା ଓ ଏଡିଇଓ ସିପ୍ରାରାଣୀ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ସୁବିଧାରୁ ବଞ୍ଚିତ ରାଜକିଶୋରଙ୍କ ପରିବାର

**ଆଳି, ୩୧।୭ (ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ଅରେହିକଣା ପଞ୍ଚାୟତ ଅଧୀନ ବେଲସରପୁର ଗ୍ରାମର ରାଜକିଶୋର ଧଳଙ୍କ ପରିବାର ସରକାରୀ ସୁବିଧାରୁ ବଞ୍ଚିତ ଅଛନ୍ତି। ରାସନ କାର୍ଡ ଓ ଘର ନ ଥିବାବେଳେ ଭତ୍ତା ବି ମିଳୁନି। ଓଳିଏ ଖାଇଲେ ଆର ଓଳିକୁ ଉପବାସ ରହୁଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ସାଧାରଣରେ ଦାବି ହେଉଛି।

ବେଲସରପୁର ଗ୍ରାମର ହଳଧର ଧଳଙ୍କ ପୁଅ ରାଜକିଶୋର ଧଳ (୬୧) ଅତିକ୍ରାନ୍ତ ବୟସରେ ନିଃସହାୟ। ସେ ଦୁର୍ଘଟଣାରେ ବାମ ଗୋଡ଼ ହରାଇ ବସିଛନ୍ତି। କୃତ୍ରିମ ଗୋଡ଼ ଲଗାଇ ବହୁ କଷ୍ଟରେ ଚଳପ୍ରଚଳ କରୁଛନ୍ତି। ପତ୍ନୀ ଗୀତା ସ୍ନାୟୁଜନିତ ରୋଗରେ ପୀଡ଼ିତ। ସରକାର ଗରିବ ଓ ନିଃସହାୟ ଲୋକଙ୍କ ପାଇଁ ବହୁ ଯୋଜନା କରୁଥିବାବେଳେ ରାଜକିଶୋର ଏଥିରୁ ବଞ୍ଚିତ ହୋଇଛନ୍ତି। ପିନ୍ଧିବାକୁ ଭଲ କପଡା, ନା ଖାଇବାକୁ ଅଛି ଖାଦ୍ୟ ଓ ଖରା, ବର୍ଷା, ଶୀତରୁ ମୁଣ୍ଡ ଗୁଞ୍ଜିବାକୁ ଅଛି ଖଣ୍ଡେ ଭଲ ଘର। ଘର ଉପରେ ପାଲ ରହୁଛନ୍ତି। ଲଗାଣ ବର୍ଷାରେ ସ୍ୱାମୀସ୍ତ୍ରୀ ରାତି ରାତି ଉଜାଗରରେ ସମୟ କାଟୁଛନ୍ତି। ଏଥିସହ ବାର୍ଦ୍ଧକ୍ୟ ଭତ୍ତାଠାରୁ ଆରମ୍ଭ କରି ଭିନ୍ନକ୍ଷମ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ୍ କାର୍ଯ୍ୟାଳୟଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଦୌଡ଼ି ଦୌଡ଼ ରାଜକିଶୋର ଥକି ପଡ଼ିଲେଣି। ରାସନ କାର୍ଡ ନ ଥିବାରୁ ରାସନ ସାମଗ୍ରୀଠାରୁ ଆରମ୍ଭ କରି



ସମସ୍ତ ସରକାରୀ ସେବାରୁ ବଞ୍ଚିତ। ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ରାଜକିଶୋରଙ୍କୁ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଭିନ୍ନକ୍ଷମ ଭତ୍ତା ଯୋଗାଇଦେଲେ ଅଭାବୀ ଜୀବନରେ ବାକି ଜୀବନ କାଟି ପାରନ୍ତେ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି। ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ମୁଁ ଏ ସମ୍ପର୍କରେ ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି କିପରି ରାଜକିଶୋରଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯିବ, ସେ ବିଷୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

ଜଗତସିଂହପୁର ଗସ୍ତରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ

# ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

**ଜଗତସିଂହପୁର, ୩୧।୭ (ସମିସ)**

ଆଜି ଅପରାହ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୌଣସି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସଠିକ୍ ଯୋଜନା, ନୂତନ ତଥା ଉନ୍ନତ ଚିନ୍ତାଧାରାର ବିଶ୍ଳେଷଣ ଓ ସର୍ବୋପରି ପ୍ରତ୍ୟେକ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ନିତାନ୍ତ ଆବଶ୍ୟକ; ଏଭଳି ଏକ ସକାରାତ୍ମକ ଅଭିବ୍ୟକ୍ତି ସହ ଶ୍ରୀମତୀ ପାଢ଼ୀ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମ୍ବୋଧନ କରି ସମୀକ୍ଷା ବୈଠକ ଆରମ୍ଭ କରିଥିଲେ।

ଗତକାଲିଠାରୁ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ, ପୌରାଞ୍ଚଳ ଓ ଅନୁଷ୍ଠାନ ପରିଦର୍ଶନ କରି ହିତାଧିକାରୀ ଓ ଅଧିବାସୀଙ୍କଠାରୁ ଶୁଣିଥିବା ସମସ୍ୟାକୁ ଗୋଟି ଗୋଟି କରି ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ପ୍ରଥମେ ଏଲଡିଏମ, ବ୍ୟାଙ୍କମାନଙ୍କୁ ମହିଳାଙ୍କୁ ସୁବିଧାରେ ଋଣ ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏସଏଚ୍‌ଜି ଗ୍ରୁପ ବ୍ୟତୀତ ବ୍ୟକ୍ତିଗତ ଭାବେ ଯେଉଁମାନେ ଖୁବ୍ ଭଲ କାମ କରୁଛନ୍ତି, ସେପରି ମହିଳାଙ୍କୁ ନିଜସ୍ୱ ଅନୁଷ୍ଠାନ ଗଢ଼ିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଋଣ, ସବସିଡି ଆଦି ଯୋଗାଇ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ।



ଏଭଳି ମହିଳାଙ୍କୁ ଚିହ୍ନଟ କରି ଗୋପାଳନ, ମତ୍ସ୍ୟଚାଷ, ପରିବା ଚାଷ ଆଦି ଲାଭଜନକ ବ୍ୟବସାୟ ପ୍ରତିଷ୍ଠାନ ନିମନ୍ତେ ସହାୟତା ଯୋଗାଇବ ପାଇଁ ଡିପିସି ମିଶନ ଶକ୍ତି, ଡିପିଏମ ଓ ଏଲ୍‌ଏମଙ୍କୁ ଉପଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟଜଳ ଯୋଗାଣ ସମସ୍ୟା ଓ ନିରାକରଣ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି ବିଭାଗ, ସାମାଜିକ ସୁରକ୍ଷା, ଏସସି, ଏସଟି ଉନ୍ନତିକରଣ ଉପରେ ବିଷଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ଉପଲବ୍ଧ ସରକାରୀ ଜମିର ସଦୁପଯୋଗ କରି ମଲ୍ଟି ଷ୍ଟରେଡ ବିଲ୍ଡିଂ ତିଆରି ସହ ରାଜସ୍ୱ ଆଦାୟ ତଥା ରୋଜଗାର ସୃଷ୍ଟି ପାଇଁ ଅଭିନବ ଉପାୟ ଅବଲମ୍ବନ କରିବାକୁ ଉପଦେଶ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାର ଉତ୍ତମ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆହୁରି ଉନ୍ନତି କରିବା ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୌର ଅଞ୍ଚଳର ଆବଶ୍ୟକତାକୁ ବୁଝି ଉପଯୁକ୍ତ ପଦକ୍ଷେପ ନେବା ସହ ସମସ୍ୟାର ସମାଧାନ କରିବା ପାଇଁ ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଉପଦେଶ ଦେଇଥିଲେ।

ଜିଲ୍ଲାପାଳ ଜେ. ସୋନାଲ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀମତୀ ପାଢ଼ୀଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟର ରୂପରେଖ କହିଥିଲେ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ନୂତନ ପଦକ୍ଷେପ ଗ୍ରହଣ ସହ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରମୁଖ ସଚିବ ଜିଲ୍ଲାପାଳଙ୍କୁ ପରମର୍ଶ ଦେଇଥିଲେ। ଜିଲ୍ଲାରେ ନୂତନ ରୋଜଗାର ସମ୍ଭାବନା ସୃଷ୍ଟି କରିବା, ଦକ୍ଷତା ବିକାଶକୁ ପ୍ରୋତ୍ସାହନ, ନକାରାତ୍ମକ ପରିସ୍ଥିତି, ମାନବ ସମ୍ବଳର ଅଭାବ ସତ୍ତ୍ୱେ ମଧ୍ୟଉନ୍ନତିମୂଳକ କାର୍ଯ୍ୟକୁ ଫଳପ୍ରଦ କରିବା ପାଇଁ ମାର୍ଗଦର୍ଶନ କରିଥିଲେ ଶ୍ରୀମତୀ ପାଢ଼ୀ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ

## ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଥାନାରେ ମାମଲା

**କେନ୍ଦ୍ରାପଡ଼ା, ୩୧।୭ (ସମିସ):** ଇଛାପୁରରେ ଥିବା ଆରଡବ୍ଲ୍ୟୁଏସ୍‌ଏସ୍ (ଗ୍ରାମ୍ୟ ପାନୀୟଜଳ ବିଭାଗ) ଡିଭିଜନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କ ବିରୋଧରେ ଟାଉନ୍ ଥାନାରେ ମାମଲା ରୁଜୁ ହୋଇଛି। ତାଙ୍କ ବିରୋଧରେ ଦୁତିଆଳ ଗ୍ରାମର ଲକ୍ଷ୍ମୀପ୍ରିୟା ସେଠୀ ଏତଲା ଦେଇଛନ୍ତି। ଲକ୍ଷ୍ମୀପ୍ରିୟା ଏତଲାରେ ଦର୍ଶାଇଛନ୍ତି ଯେ ତାଙ୍କ ଗ୍ରାମରେ ଏକ ନଳକୂପ ବସାଇବା ପାଇଁ ଯୋଜନା ହୋଇଥିବାବେଳେ ସହକାରୀ ଯନ୍ତ୍ରୀ ବିଭିନ୍ନ ଆଳଦେଖାଇ ଯୋଜନାକୁ କାର୍ଯ୍ୟକାରୀ କରୁନାହାନ୍ତି। ତେଣୁ ଲକ୍ଷ୍ମୀପ୍ରିୟା ଓ ତାଙ୍କ ପଡୋଶୀ ବେବିନା ମହାନ୍ତି ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟକୁ କାହିଁକି ତାଙ୍କ ଗାଁରେ ନଳକୂପ କରାଯାଉନାହିଁ, ସେ ନେଇ ଗୁହାରି କରିବାକୁ ଯାଇଥିଲେ। ତେବେ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସ ଦୁଇ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଜାତିକୁ ନେଇ ମଧ୍ୟ ଆକ୍ଷେପ କରିଥିଲେ। କେବଳ ସେତିକି ନୁହେଁ ଲକ୍ଷ୍ମୀପ୍ରିୟାଙ୍କୁ ଧକ୍କା ଦେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି ବୋଲି ଗଣମାଧ୍ୟମକୁ କହିଛନ୍ତି। ମାମଲା ରୁଜୁ ହେବା ପରେ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରି ପୁଲିସ ଫେରିଛି। ତଦନ୍ତ ଶେଷ ହୋଇନାହିଁ। ତଦନ୍ତ ଶେଷ ହେଲେ ଯିଏ ଦୋଷ କରିଥିବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପୁଲିସ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ଆରଡବ୍ଲ୍ୟୁଏସଏସ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ ମହିଳାମାନେ କାର୍ଯ୍ୟାଳୟକୁ ସେମାନଙ୍କ ସମସ୍ୟା ନେଇ ଆସିଥିଲେ ବୋଲି ଗଣମାଧ୍ୟକୁ କହିଛନ୍ତି। ସମସ୍ୟା ବିଷୟରେ ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥାଇପାରେ ବୋଲି କୁହାଯାଇଛି। ସହକାରୀ ଯନ୍ତ୍ରୀ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

## ବଡ଼ମା’ଙ୍କ ଜନ୍ମ ଦିବସ ପାଳିତ

**ବାଲିକୁଦା, ୩୧।୭ (ସମିସ):** ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଧ୍ୟାତ୍ମିକ ସାଧନାର ଅନ୍ୟତମ ସାରଥି ଶ୍ରୀଶ୍ରୀ ବଡ଼ମା’ଙ୍କ ୧୩୨ତମ ଜନ୍ମୋତ୍ସବ ମନୋଜ୍ଞ ଓ ଆଧ୍ୟାତ୍ମିକ ପରିବେଶରେ ବୋରିକିନା ସତସଙ୍ଗ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବିପିନି ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ବ୍ରାହ୍ମ ମୁହୂର୍ତ୍ତରୁ ବେଦ ମାଙ୍ଗଳିକ ଗାନ ଓ ବିନତି ପ୍ରାର୍ଥନା ପରେ ସକାଳ ୮ଟା ୫୦ ମିନିଟ୍‌ରେ ଶ୍ରୀଶ୍ରୀ ବଡ଼ମା’ଙ୍କ ଜନ୍ମ ଲଗ୍ନ ଘୋଷଣା କରାଯାଇଥିଲା। ସମଗ୍ର ଭାରତବର୍ଷ ଓ ବିଦେଶରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଧ୍ୟାତ୍ମିକ ଦର୍ଶନ ଓ ସତସଙ୍ଗ ପ୍ରଚାର, ପ୍ରସାର ଦିଗରେ ବଡ଼ମା’ଙ୍କ ପ୍ରମୁଖ ଅବଦାନ ଥିଲା ବୋଲି ମତପ୍ରକାଶ ପାଇଥିଲା। ସଦ୍‌ଗୁରୁ ଶତନାମ ଓ ସତସଙ୍ଗର ଆଶ୍ରୟ ଦ୍ୱାରା ନାରୀଙ୍କ ମଧ୍ୟରେ ଠାକୁରଙ୍କ ଦର୍ଶନ ଓ ଗୁରୁଙ୍କ ପ୍ରତି ଅନୁରକ୍ତି ଦ୍ୱାରା ସାଧାରଣ ମଣିଷ ସ୍ୱର୍ଗୀୟ ଶାନ୍ତି ଓ ଦିବ୍ୟ ଭାବନାପ୍ରାପ୍ତି ହୋଇଥାଏ ବୋଲି ଏହି ଆଧ୍ୟାତ୍ମିକ ସଭାରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଆଜିର ସମାଜରେ ଶ୍ରୀଶ୍ରୀ ବଡ଼ମା’ଙ୍କ ଜୀବନଚର୍ଯ୍ୟ ଓ ଆଧ୍ୟାତ୍ମିକ ଦର୍ଶନ ଆମ ସମସ୍ତଙ୍କୁ ପ୍ରେରଣା ଦେଉ ବୋଲି ଉପସ୍ଥିତ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ମତପ୍ରକାଶ କରିଥିଲେ। ବରିଷ୍ଠ ଆଇନଜୀବୀ ବୀରନାରାୟଣ ପାତ୍ର, କାର୍ତ୍ତିକ ଚନ୍ଦ୍ର ବେହେରା, ଶିବପ୍ରସାଦ ବେହେରା, ସୁଜିତ ବେହେରା, କେଦାର ପାତ୍ର, ଅଭୟ ବାରିକ, ରତ୍ନାକର ବେହେରା, ରବୀନ୍ଦ୍ର ସାହୁ, ବିଚିତ୍ର ସାହୁ, ତପନ ବେରା, ଗୌରାଙ୍ଗ ଖଟୁଆ, ବୀରବର ବାରିକ ପ୍ରମୁଖ ଉପସ୍ଥିତ ରହି ଗୁରୁଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏରସମା, ବାଲିକୁଦା, ଗୋଡ଼ା, ତିତିରା, ବୋରିକିନା ପ୍ରଭୃତି ପଞ୍ଚାୟତର ଠାକୁରଙ୍କ ଅନୁଗାମୀ ଯୋଗ ଦେଇଥିଲେ।

## ଶିକ୍ଷାବିତ୍ ଭାସ୍କର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ



**ବାଲିକୁଦା, ୩୧।୭ (ସମିସ):** ବାଲିକୁଦା ଅଞ୍ଚଳର ଖ୍ୟାତନାମା ଶିକ୍ଷାବିତ, ସୁସଂଗଠକ ତଥା ବୋରିକିନା ହାଇସ୍କୁଲର ପ୍ରଧାନଶିକ୍ଷକ ଭାସ୍କର ମହାନ୍ତିଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ହାଇସ୍କୁଲ ପରିସରରେ ଭାସ୍କର ମହାନ୍ତି ସ୍ମୃତି ସଂସଦ ଓ ପୁରାତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ଭାସ୍କର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁରାତନ ଛାତ୍ର, ଶୁଭେଚ୍ଛୁ ଓ ବିଭିନ୍ନ ବର୍ଗର ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅପରାହ୍ନରେ ଶ୍ରଦ୍ଧାଞ୍ଜଳି ସଭା ପୁରାତନ ଛାତ୍ର ସଂସଦ ସଭାପତି ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ର ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ସମାଜରେ ପିତାମାତା, ଗୁରୁ ଓ ନିଜର ଜନ୍ମମାଟି ପ୍ରତି ଶ୍ରଦ୍ଧା ସମ୍ମାନ ରହି ପାରିଲେ ସାରା ଦୁନିଆରେ ଶାନ୍ତି, ମୈତ୍ରୀ ଓ ଦିବ୍ୟ ଚେତନା ସୃଷ୍ଟି ହୋଇପାରିବା ସହିତ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସ୍ୱର୍ଗତ ଭାସ୍କର ମହାନ୍ତିଙ୍କ ଉଲ୍ଲେଖନୀୟ ଅବଦାନ ଆମ ସମସ୍ତଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ଏହି ଉତ୍ସବରେ ଆଇନଜୀବୀ ଡକ୍ଟର ବୀରନାରାୟଣ ପାତ୍ର, ଡଃ ବିଷ୍ଣୁଚରଣ ସ୍ୱାଇଁ, ଶିକ୍ଷାବିତ ନାରାୟଣ ସାହୁ, ପ୍ରଧାନଶିକ୍ଷକ ବିଜୟ ମଲ୍ଲିକ, ବୋରିକିନା ସରପଞ୍ଚଙ୍କ ପ୍ରତିନିଧି ସମୀର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ସବୁଦିନ ପାଇଁ ମନେ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଅନ୍ତର୍ଯ୍ୟାମୀ ନାୟକ ସଭା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅବିଭାବକ ଓ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ।

୧୧ ଦଫା ଦାବି ନେଇ ରେଳ ଶ୍ରମିକ କଂଗ୍ରେସର ଧାରଣା

## ଅଖିଳ ଭାରତୀୟ ରେଳ ଚାଳକ ସଙ୍ଘର ସମର୍ଥନ



**ପାରାଦୀପ, ୩୧।୭ (ସମିସ):** ୧୧ ଦଫା ଦାବି ନେଇ ରେଳ ଚାଳକ ଓ ଗାର୍ଡଙ୍କ ପାଇଁ ପୂର୍ବତଟ ରେଳ ଶ୍ରମିକ କଂଗ୍ରେସ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଡାକରା ଦେଇଛି। ଏ ପରିପ୍ରେକ୍ଷୀରେ ପାରାଦୀପରେ ଆଜି ଗୁରୁବାର ଦିନ ୧୧ଟାରୁ ଅନଶନ ଆରମ୍ଭ ହୋଇଛି। ଯଦି ରେଲୱେ ପ୍ରଶାସନ ଏହାକୁ ସମୂହ ଭାବେ ଶୀଘ୍ର ବିଚାର ନ କରନ୍ତି ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଙ୍ଘ ଚେତାବନୀ ଦେଇଛି। ଏହି ଆନ୍ଦୋଳନକୁ ଅଖିଳ ଭାରତୀୟ ରେଳ ଚାଳକ ସଙ୍ଘର ପୂର୍ବତଟ ରେଳପଥ ପୂର୍ଣ୍ଣ ସମର୍ଥନ ଦେଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କର୍ମଚାରୀମାନେ ରେଲୱେ କାର୍ଯ୍ୟରେ ବାଧା ନ ଦେଇ ନ ଖାଇ ଏହି ଆନ୍ଦୋଳନରେ ସାମିଲ ରହିବେ। ୧୧ ଦଫା ଦାବିରେ ଶ୍ରମିକ ଭାଇଙ୍କ ପାଇଁ ଶେଷ ୫ ବର୍ଷ ଡିଭିଜିଓନାଲ ଓ ଜୋନାଲ ସ୍ତରରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ଲଢେଇ କରି ଆସୁଛି। ଗତ ମାସରେ ରେଲୱେର ଉଚ୍ଚ ପଦସ୍ଥ ଅଧିକାରୀ ସମସ୍ତ ଦାବିକୁ ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନ କରିବାରୁ ସେମାନେ ସଙ୍ଘର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇ ଥିବା ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସର ଜଏଣ୍ଟ ଜେନେରାଲ ସେକ୍ରେଟାରୀ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି। ୧୨୦ କିମି ଅନ୍ୟୁନ ଦୈନିକ ମାଇଲେଜ ଭତ୍ତା ପ୍ରଦାନ କରିବା, ୯ ଘଣ୍ଟା କାର୍ଯ୍ୟ ସମୟ ଲାଗୁ କରିବା, ବେନିୟମ ଭାବେ କାର୍ଯ୍ୟ ସମୟରେ କଟନୀ ଛଟନୀ ବନ୍ଦ କରିବା, ଲଗାତର ଦୁଇ ରାତ୍ରି କାର୍ଯ୍ୟ ସୀମିତ ରଖିବା, ୩୬ ଘଣ୍ଟା ମଧ୍ୟରେ ମୁଖ୍ୟାଳୟକୁ ଫେରାଇ ଆଣିବା, ରେଳବାଇର ନିୟମ ଅନୁସାରେ ନୂତନ ରନିଂ ରୁମ ଖୋଲିବା, ତ୍ରିକୋଣିଆ କାର୍ଯ୍ୟ ଶୈଳୀ ବନ୍ଦ କରିବା, ଗାର୍ଡ ବ୍ରେକ ଭ୍ୟାନର ସଠିକ ମରାମତି କରିବା, ସମସ୍ତ ରେଳ ଇଞ୍ଜିନରେ ଏସି ପ୍ରଦାନ କରିବା, ସମସ୍ତ ଇଞ୍ଜିନରେ ଟୁଲ ବକ୍ସ ଓ ଲାଇନ ବକ୍ସର ବ୍ୟବସ୍ଥା କରିବା ଇତ୍ୟାଦି ଦାବି କରାଯାଇଛି।

## ରଘୁନାଥ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**ପାରାଦୀପ, ୩୧।୭ (ସମିସ):** ପାରାଦୀପ ଉପକଣ୍ଠ କୋଠୀସ୍ଥ ରଘୁନାଥ ସରକାରୀ ଉଚ୍ଚବିଦ୍ୟାୟର ୫୮ତମ ପ୍ରତିଷ୍ଠା ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ସ୍ତମ୍ଭକାର ଅକ୍ଷୟ ରାଉତ ଯୋଗ ଦେଇଥିବାବେଳେ ବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟା କନକପ୍ରଭା ବେହେରା, ସମ୍ମାନିତ ଅତିଥି ଭାବେ କୁଜଙ୍ଗ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ସମାଜସେବୀ ରବୀନ୍ଦ୍ର ନାଥ ମହାପାତ୍ର, ହରେକୃଷ୍ଣ ନାୟକ, ସଲୀଳ ସାମନ୍ତରାୟ, ଲକ୍ଷ୍ମୀଧର ସାହୁ, ସୁଶାନ୍ତ ସ୍ୱାଇଁ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା, ପ୍ରତାପ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅରକ୍ଷିତ ଦାସ, ସୁରେନ୍ଦ୍ର ସ୍ୱାଇଁ ଓ ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ରାଉତ ପିତାମାତା ଓ ପଞ୍ଚଭୂତ ଗୁରୁ ଓ ମାଟି ବା ଦେଶର ସେବା କରିବା ଆବଶ୍ୟକ ବୋଲି କହିଥିଲେ। ବକ୍ତା ଶ୍ରୀମତୀ ବେହେରା ବିଦ୍ୟାଳୟର ଏହି ପ୍ରତିଷ୍ଠା ଉତ୍ସବକୁ ପ୍ରଶଂସା କରିବା ସହିତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ନିଷ୍ଠାପରତା ପାଇଁ ଆଜି ଏହା ଦୀର୍ଘ ୫୮ ବର୍ଷ ଧରି ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏ ଅବସରରେ ହାଇସ୍କୁଲ ପରୀକ୍ଷାରେ ଟପ୍ପର ହୋଇଥିବା ଓମ ପ୍ରକାଶ ସେନାପତି ଓ ଅନ୍ୟ ଛାତ୍ରଛାତ୍ରୀଙ୍କୁ କୁଳମଣି ମେମୋରିଆଲ ଟ୍ରଷ୍ଟ ଓ ଦୀନବନ୍ଧୁ ମେମୋରୀଆଲ ଟ୍ରଷ୍ଟ ଓ ଜମିହରା ସମବାୟ ସମିତି ପକ୍ଷରୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ର ନୃସିଂହ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ବନ୍ୟା ବିପନ୍ନଙ୍କୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକଙ୍କ ଅନୁରୋଧ

**କେନ୍ଦ୍ରାପଡ଼ା, ୩୧।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଜୁଲାଇ ୧୬ରୁ ୨୧ ତାରିଖ ଓ ଜୁଲାଇ ୨୯ ରୁ ୩୧ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ବ୍ରାହ୍ମଣୀ ନଦୀରେ ବନ୍ୟା ଆସି କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଆଳି ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲଟିର ବହୁ ଅଞ୍ଚଳ ପ୍ରଭାବିତ ହୋଇଛି। ଆଜିର ରିର୍ପୋଟ ଅନୁସାରେ ବ୍ରାହ୍ମଣୀ ବନ୍ୟାଜଳ ଅଲଭାଠାରେ ୫.୫୦ ମିଟର ରହିଛି। ଏହି ବନ୍ୟା ଯୋଗୁଁ କେତେକ ପଞ୍ଚାୟତ ଓ ଗ୍ରାମ ସମ୍ପୂର୍ଣ୍ଣ ପାଣିଘେରରେ ରହି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଏ ଅଞ୍ଚଳର ଲୋକେ ବହୁ କଷ୍ଟରେ ବଞ୍ଚୁଛନ୍ତି। ବ୍ରାହ୍ମଣୀ ବନ୍ୟା ବିପନ୍ନଙ୍କୁ ୭ ଦିନ ପାଇଁ ରିଲିଫ ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

ଜଗନ୍ନାଥପୁର ସରକାରୀ ଉଚ୍ଚବିଦ୍ୟାଳୟର ମଧ୍ୟାହ୍ନଭୋଜନ ଚାଉଳରେ ପୋକ

## ବିଦ୍ୟାଳୟ ପରିସରରେ ଧାରଣାରେ ବସିଲେ ସରପଞ୍ଚ

**ତିର୍ତ୍ତୋଲ, ୩୧।୭ (ସମିସ):** ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଜଗନ୍ନାଥପୁର ସରକାରୀ ଉଚ୍ଚବିଦ୍ୟାଳୟ ମଧ୍ୟାହ୍ନଭୋଜନ ଚାଉଳରେ ପୋକ, ଅବ୍ୟବସ୍ଥା ଭିତରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଓ ମଧ୍ୟାହ୍ନ ହଡ଼ପ ଅଭିଯୋଗକୁ ନେଇ ଆଜି ସ୍ଥାନୀୟ ସରପଞ୍ଚ ସୁଶାନ୍ତ ନାୟକ, ୱାର୍ଡ ସଭ୍ୟସଭ୍ୟା, ଅଭିଭାବକ ଓ ପୂର୍ବତନ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ଦୀର୍ଘବର୍ଷ ଧରି ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋକ ମିଶା ଚାଉଳରେ ମଧ୍ୟାହ୍ନଭୋଜନ ଦିଆଯାଉଥିବା ସହ ମଧ୍ୟାହ୍ନଭୋଜନ ଚାଉଳ ୩ ବର୍ଷ ଧରି ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଥିବା ଗଗନ କୁମାର ସାହୁ ମଧ୍ୟାହ୍ନଭୋଜନ ଚାଉଳ ହଡପ କରୁଥିବା ନେଇ ଅଭିଯୋଗ ହୋଇଛି।



ଗତ ୨୯ ତାରିଖରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ସମେତ ସମିତି ସଭ୍ୟା, ୱାର୍ଡ ସଭ୍ୟସଭ୍ୟା ସ୍କୁଲକୁ ଯାଇ ଯାଞ୍ଚ କରିବା ସମୟରେ ସେଠାରେ ମଧ୍ୟାହ୍ନଭୋଜନ ଚାଉଳରେ ପୋକ ସାଲୁବାଲୁ ଦେଖିବାକୁ ପାଇଥିଲେ। ଅନ୍ଧାର ଘରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଦିନ କିଭଳି ପିଲାଙ୍କୁ ଏହି ପୋକରା ଚାଉଳ ଦିଆଯାଉଛି ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଗନ ସାହୁଙ୍କୁ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟା ପଚାରିବା ସହ ମଧ୍ୟାହ୍ନଭୋଜନର ହିସାବ ମାଗିଥିଲେ। ଯାହାର ହିସାବ ଦେଇପାରି ନ ଥିଲେ ପ୍ରଧାନଶିକ୍ଷକ। ଗତକାଲି ଘଟଣା ସମ୍ପର୍କରେ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟା ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ମଣ୍ଡଳ ଶିକ୍ଷା ଅଧିକାରୀ ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇ ନ ଥିଲା। ଆଜି ବିଦ୍ୟାଳୟ ଫାଟକ ନିକଟରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରଖି ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ସମେତ ପଞ୍ଚାୟତ ୱାର୍ଡ ସଭ୍ୟସଭ୍ୟା ଓ ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଧାରଣାରେ ବସିଥିଲେ। ତୁରନ୍ତ ଏହାର ସମାଧାନ କରିବା ସହ ପ୍ରଧାନଶିକ୍ଷକ ଗଗନ କୁମାର ସାହୁଙ୍କୁ ବଦଳି କରିବା, ମଧ୍ୟାହ୍ନଭୋଜନ ହେରଫେରର ସମସ୍ତ ହିସାବ ପ୍ରଦାନ କରାଯିବା ଦାବି କରିଥିଲେ। ତିର୍ତ୍ତୋଲ ମଣ୍ଡଳ ଶିକ୍ଷାଧିକାରୀ ମନୋଜ କୁମାର ବେହେରା ଓ ଏରସମା ମଣ୍ଡଳ ଶିକ୍ଷାଧିକାରୀ ପହଞ୍ଚି ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଛତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲ୍ଲା କୃଷକ ସଂଘର ଦାବି

**ପଞ୍ଚୁପାଣ୍ଡବ, ୩୧।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା କୃଷକ ସଂଘ ଆଜି ସନ୍ଧ୍ୟାରେ ନୂତନ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କୁ ଭେଟିଛି। ଛତା ଚାଷୀ କୃଷକ ସଂଘର ସଭାପତି ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ନୂତନ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଥିବାବେଳେ ମୁଖ୍ୟ ପ୍ରସଙ୍ଗ ଥିଲା ସରକାରଙ୍କ ପକ୍ଷରୁ ଆସିଥିବା ବସଷ୍ଟାଣ୍ଡ ଛତାରେ ନିର୍ମାଣ କରିବା ପାଇଁ ସଂଘର ମୁଖ୍ୟ ଉପଦେଷ୍ଟା ତଥା ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ସଭାପତି ମିଶ୍ର ଜିଲ୍ଲାପାଳଙ୍କୁ ଦାବି କରିଥିଲେ। ଉପସଭାପତି କୃତ୍ତିବାସ ଦାସ, ଭରତ ଚରଣ ସିଂ, କମଳଲୋଚନ ମହାନ୍ତି, ଆଦିକାନ୍ତ ବଳ, ରବୀନ୍ଦ୍ର ମହାରଣା, ଗୋବିନ୍ଦ ବାରିକ, ଅଞ୍ଜନ ପଲେଇ, ରଞ୍ଜିତ ସାମଲ ପ୍ରମୁଖ ସାମିଲ ଥିଲେ।



## ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମାରି ୫ ଲକ୍ଷରୁ ଅଧିକ ଟଙ୍କାର ସରଞ୍ଜାମ ଚୋରି

**ଜଗତସିଂହପୁର, ୩୧।୭ (ସମିସ)**

ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ନୂଆପୋଲଠାରେ ଥିବା ନବାପାଟଣା ବିଦ୍ୟୁତ୍ ଷ୍ଟ୍ରକଚର କାର୍ଯ୍ୟାଳୟରୁ ୬ରୁ ୮ ଜଣ ଦୁର୍ବୃତ୍ତ ୩୦ ତାରିଖ ବିଳମ୍ବିତ ରାତିରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ମାଡ଼ ମାରି ୫ ଲକ୍ଷରୁ ଅଧିକ ମୂଲ୍ୟର ବିଦ୍ୟୁତ୍ ତାର ଓ ଅନ୍ୟ ସରଞ୍ଜାମ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି।





ସୂଚନା ମୁତାବକ, ଗତକାଲି ରାତି ପ୍ରାୟ ୧ଟା ସମୟରେ ଉକ୍ତ ବିଦ୍ୟୁତ୍ ଷ୍ଟ୍ରକଚରରେ ଅପରେଟର ଭାବେ କାମ କରୁଥିବା ବଡ଼ବାଗ ଗ୍ରାମର ସମରେଶ ବୈଶାଖ ପରିସ୍ରା କରିବା ପାଇଁ ବାହାରକୁ ଆସିଥିବାବେଳେ ହଠାତ ୬ରୁ ୮ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। କୋଦାଳ ବେଣ୍ଟରେ ତାଙ୍କ ମୁଣ୍ଡକୁ ଆଘାତ କରିବା ସହିତ ଅଣ୍ଟା ଓ ପିଠିକୁ ମଧ୍ୟ ଆଘାତ କରିଥିଲେ। ଶ୍ରୀ ବୈଶାଖ ଭୟଭୀତ ହୋଇ କଣ୍ଟ୍ରୋଲ ରୁମ ଭିତରେ ପଶିଯାଇଥିଲେ। ଏହି ଦୁର୍ବୃତ୍ତମାନେ ତାଙ୍କୁ ପିଛାକରି ଘର ଭିତରକୁ ପଶିଥିଲେ। ସେଠାରେ ଥିବା ଅନ୍ୟ ଜଣେ କର୍ମଚାରୀ ଦେବାଶିଷ ସ୍ୱାଇଁ ଓ ସୁରକ୍ଷା କର୍ମଚାରୀ କେଶବାନନ୍ଦ ଚୌଧୁରୀଙ୍କ ସହିତ ଶ୍ରୀ ବୈଶାଖଙ୍କ ମୁହଁରେ ବେଡ଼ସିଟ ଢାଙ୍କି ଦେଇଥିଲେ। ସେମାନଙ୍କ ମୋବାଇଲ ଛଡ଼ାଇ ନେବା ପରେ ସମସ୍ତ ୩ କର୍ମଚାରୀଙ୍କ ହାତକୁ ପଛପଟରୁ ବାନ୍ଧି ପ୍ରାୟ ୫ ଲକ୍ଷ ଟଙ୍କାର ବିଦ୍ୟୁତ ତାର ଓ ଅନ୍ୟାନ୍ୟ ସରଞ୍ଜାମ ଚୋରି କରି ୪ ଚକିଆ ଯାନରେ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ କଣ୍ଟ୍ରୋଲ ରୁମ ଫୋନରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ସେମାନେ ଆସି ଏହି ୩ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆଜି ସକାଳେ ସମରେଶ ବୈଶାଖ ସଦର ଥାନାରେ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ଏତଲା ପାଇବା ପରେ ପୁଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚୋର କିମ୍ବା ଚୋରି ଜିନିଷର କୌଣସି ସନ୍ଧାନ ମିଳି ନ ଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

୩ କର୍ମଚାରୀ ଆହତ, ପୁଲିସର ତଦନ୍ତ ଜାରି

## ଝଙ୍କଡ଼ ସତ୍‌ସଙ୍ଗ କେନ୍ଦ୍ରରେ ବଡ଼ମା’ଙ୍କ ଜନ୍ମଦିବସ ପାଳନ

**ତିର୍ତ୍ତୋଲ, ୩୧।୭ (ସମିସ ):** ଝଙ୍କଡ଼ ସତ୍‌ସଙ୍ଗ କେନ୍ଦ୍ରରେ ଶ୍ରୀଶ୍ରୀ ବଡ଼ମା’ଙ୍କ ୧୩୨ତମ ଜନ୍ମ ଦିବସ ପାଳନ କରାଯାଇଛି। ଏ ଅବସରରେ ଅତିଥିମାନେ ମାତୃଶକ୍ତିର ଆବାହନ ଓ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରାଗଲେ ଆମ ସମାଜର ବୌଦ୍ଧିକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଋତିକ ସାରଦା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତ୍‌ସଙ୍ଗରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରମେଶ ମଲ୍ଲ ଯୋଗ ଦେଇଥିବାବେଳେ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ ସାମନ୍ତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିତ୍ୟ ପୂଜକ ପଣ୍ଡିତ ସତୀଶ ନନ୍ଦ ପୂଜାର୍ଚ୍ଚନା କରିବା ପରେ ସମୂହ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଋତିକ୍ ସୁରେନ୍ଦ୍ର ଷଡ଼ଙ୍ଗୀ, ବିଷ୍ଣୁଚରଣ ସାହୁ, ସତ୍ୟବାନ ତ୍ରିପାଠୀ, ଅଧ୍ୟାପକ ଦୀପକ ସିଂହ, ମୁରଲୀଧର ଦାସ, ରବିନାରାୟଣ କର, ସସ୍ମିତା ତ୍ରିପାଠୀ, ପ୍ରତୀମା ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା ମହାରଣା, ଶିଳାରାଣୀ ସାହୁ, ସଂଯୁକ୍ତା ସାହୁ, ପ୍ରଶାନ୍ତ ଲେଙ୍କା ପ୍ରମୁଖ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ସକାଳ THE SAKALA



## ତନ୍ତ୍ର ସାଧନାରୁ ଗୋଷ୍ଠୀ ସଂଘର୍ଷ; ୬ ଆହତ

**ଡେଲାଙ୍ଗ/ସାକ୍ଷୀଗୋପାଳ, ୩୧।୭ (ସମିସ):** ଡେଲାଙ୍ଗ ବ୍ଲକ୍ ଅଧୀନ ଧାନକେରା ପଞ୍ଚାୟତର ନଳୀବସନ୍ତ ଗ୍ରାମରେ ତନ୍ତ୍ର ସାଧନାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ପରସ୍ପର ମଧ୍ୟରେ ମାରପିଟ୍ ଓ ଖଣ୍ଡାରେ ଆକ୍ରମଣ ଯୋଗୁଁ ଏଥିରେ ଉଭୟ ପକ୍ଷରୁ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ରଜନୀ ସ୍ୱାଇଁ (୫୨), ଜୀବନ ସ୍ୱାଇଁ (୨୮), ବିଷ୍ଣୁପ୍ରିୟା ସ୍ୱାଇଁ (୩୦), ଟୁନି ସ୍ୱାଇଁ(୫୨), ଚନ୍ଦନ ସ୍ୱାଇଁ (୨୮) ଓ ବାସନ୍ତୀ ସ୍ୱାଇଁ (୩୦)। ଆହତମାନଙ୍କୁ ପ୍ରଥମେ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ରଜନୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପୁରୀ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏନେଇ ଉଭୟ ପକ୍ଷରୁ ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ଜୀବନଙ୍କ କହିବା ମୁତାବକ, ଟୁନୀଙ୍କ ପରିବାରରେ ଗତ କିଛି ଦିନ ହେବ ଆଶ୍ରୟ ନେଇ ରହୁଥିବା ଜନୈକ ବ୍ୟକ୍ତି ନାରୀରୂପ ଧାରଣ କରି ଘରେ ତନ୍ତ୍ରସାଧନା କରୁଥିଲେ। ବିଳମ୍ବିତ ରାତିରେ ପୂଜାର୍ଚ୍ଚନା କରିବା ଓ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଲୋକେ ତାଙ୍କ ଘରକୁ ଯା'ଆସା କରିବା ଘଟଣାକୁ ରଜନୀଙ୍କ ପରିବାରଲୋକେ ବିରୋଧ କରିଆସୁଥିଲେ। ତେବେ ବିଭିନ୍ନ ରୋଗବ୍ୟାଧି ଭଲ କରାଇଦେବା, ସନ୍ତାନପ୍ରାପ୍ତି କରାଇଦେବା, ବାହାଘର କରାଇଦେବା, ଚାକିରି କରାଇଦେବା ଆଦି ବିଭିନ୍ନ ଆଳ ଦେଖାଉଥିବାରୁ ଦିନକୁ ଦିନ ସ୍ଥାନୀୟ ଅଞ୍ଚଳରେ ଜନୈକ ବ୍ୟକ୍ତିଙ୍କ ଖ୍ୟାତି ବଢ଼ିବା ସହିତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ଘଟଣାକୁ ବାରମ୍ବାର ବିରୋଧ କରୁଥିବାରୁ ଟୁନୀଙ୍କ ପରିବାର ଓ ରଜନୀଙ୍କ ପରିବାର ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ଲାଗି ରହୁଥିବା ବେଳେ ଗତ ବୁଧବାର ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଜନୈକ ବ୍ୟକ୍ତି ତନ୍ତ୍ରସାଧିକା ଜଣକ ବୋଉ ଓ ବିବାହିତା ଭଉଣୀକୁ ଆକ୍ରମଣ କରିଥିବା ଓ ବିରୋଧ କରିବାରୁ ଜୀବନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ସେ ଭିଡିଓ ମାଧ୍ୟମରେ କହିଛନ୍ତି। ଏହି ଭିଡିଓ ଜରିଆରେ ନ୍ୟାୟଭିକ୍ଷା କରି ପୁଲିସକୁ ସଠିକ୍ ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି।

**ବଲଙ୍ଗା ନାବାଳିକା ପୋଡ଼ି ଘଟଣା**

## ପରିବାର ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ

**ବଲଙ୍ଗା, ୩୧।୭ (ସମିସ):** ବଲଙ୍ଗା ନାବାଳିକା ପୋଡ଼ି ଘଟଣାରେ ପୀଡ଼ିତାଙ୍କ ସୁସ୍ଥ ମାନସିକତା ଓ ସମ୍ପୂର୍ଣ୍ଣ ସହମତିରେ ବୟାନ ରେକର୍ଡ କରିଛି ପୁଲିସ। ବଲଙ୍ଗା ନାବାଳିକା ପୋଡ଼ି ଘଟଣାରେ ପୁଣି ଗୁରୁବାର ଦିଲ୍ଲୀ ଏମ୍ସରେ ବଲଙ୍ଗା ଥାନା ଅଧିକାରୀ, ପୁରୀ ହେଡ୍ କ୍ୱାର୍ଟର ମହିଳା ଡିଏସ୍‌ପି ଓ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତାଙ୍କର ୪ର୍ଥ ଥର ବୟାନ ରେକର୍ଡ କରାଯାଇଛି। ବୟାନ ରେକର୍ଡ ସମୟରେ ପୀଡ଼ିତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଶେଷଥର ବୟାନ ରେକର୍ଡ ବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେଇଛନ୍ତି ପୀଡ଼ିତା। ବୟାନ ରେକର୍ଡ ପରେ ଏମ୍ସ ନିକଟରେ ଥିବା କୋର୍ଟକୁ ଗଲେ ବୟାନ ରେକର୍ଡ କରୁଥିବା ଅଧିକାରୀ। ପୀଡ଼ିତାଙ୍କ ବୟାନ ରେକର୍ଡ କରି ସନ୍ଧ୍ୟା ସୁଦ୍ଧା ଫେରିବେ ଦିଲ୍ଲୀ ଏମ୍ସରୁ ବଲଙ୍ଗା ପୁଲିସ।

## ମାଓ ଅପରେସନ୍‌ରେ ବର୍ଷା ବାଧକ

**ଭୁବନେଶ୍ୱର,୩୧।୭(ସମିସ):** ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓ କାର୍ଯ୍ୟାକଳାପ ବିଲୋପ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ହେଲେ ଏବେ ଓଡ଼ିଶାରେ ମାଓ ଅପରେସନ୍‌ରେ ବାଧକ ସାଜିଛି ବର୍ଷା ଋତୁ। କାରଣ ବର୍ଷା ପାଇଁ ସୁରକ୍ଷାବାହିନୀ ଘଞ୍ଚ ଜଙ୍ଗଲ ଭିତରକୁ ଯାଇ ଅପରେସନ୍ କରିପାରୁ ନାହାନ୍ତି। ବର୍ଷା ହେବାଦ୍ୱାରା ସେମାନେ ଓଦା ହୋଇ ଦୀର୍ଘ ସମୟ ଜଙ୍ଗଲ ଭିତରେ ଅପରେସନ୍ କରିବା ସମ୍ଭବ ହେଉନାହିଁ। ପୂର୍ବରୁ ଯବାନମାନେ ଅପରେସନ୍ ପାଇଁ ଜଙ୍ଗଲ ଭିତରକୁ ଗଲେ ୬ରୁ ୭ ଦିନ ଜଙ୍ଗଲ ଭିତରେ ସର୍ଚ୍ଚ ଅପରେସନ୍ କରି ଫେରୁଥିଲେ। ହେଲେ ଏବେ ବର୍ଷା ଋତୁରେ ଜଙ୍ଗଲ ଭିତରେ ୨ଦିନ ସର୍ଚ୍ଚ ଅପରେସନ୍ କରି ଫେରି ଆସୁଛନ୍ତି। କାରଣ ଓଦା ପୋଷାକରେ କାନ୍ଧରେ ବ୍ୟାଗ୍ ପକାଇ ଯିବାରେ ସମସ୍ୟା ହେଉଛି। ଆହୁରି ମଧ୍ୟ ନିମୋନିଆ ହେବାର ଆଶଙ୍କା ରହିଥିବାରୁ ସୁରକ୍ଷାବାହିନୀ ୨ଦିନ ଜଙ୍ଗଲ ଭିତରେ ରହି ପଳାଇ ଆସୁଛନ୍ତି। ବର୍ଷା ପାଇଁ ଭରା ନଦୀରେ ପଶି ଯିବାରେ ସମସ୍ୟା ହେଉଛି। ସବୁ ସ୍ଥାନକୁ ଯିବା ପାଇଁ ବୋଟ୍‌ର ବ୍ୟବସ୍ଥା ନ ଥିବାରୁ ଯାଇ ହେଉନାହିଁ। ଆହୁରି ମଧ୍ୟ ଜଙ୍ଗଲ ଭିତରେ ଗଛ ବଢ଼ି ଯାଇଥିବାରୁ ଭିତରକୁ ପ୍ରବେଶ କରିବାରେ ମଧ୍ୟ ସମସ୍ୟା ହେଉଛି। ବଡ଼ କଥା ହେଲା, ବର୍ଷା ଦିନରେ ଜଙ୍ଗଲ ଭିତରେ ତମ୍ବୁ କରି ରହିବାରେ ମଧ୍ୟ ସମସ୍ୟା ହେଉଛି। କାରଣ ବର୍ଷାରେ ଅନେକ ସରୀସୃପ ତମ୍ବୁ ଭିତରକୁ ପଶି ଯାଉଥିବାରୁ ଜୀବନ ପ୍ରତି ବିପଦ ରହିଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଯେଉଁ ଇଲାକାରେ ମାଓବାଦୀ ସକ୍ରିୟ ନେଇ ସୂଚନା ଆସୁଛି, ସେଠାକୁ ସୁରକ୍ଷାକର୍ମୀ ଯାଇ ଅପରେସନ୍ କରୁଛନ୍ତି, ନ ହେଲେ ଏବେ ଜଙ୍ଗଲ ଭିତରେ ସବୁଜାଗାରେ ସର୍ଚ୍ଚ ଅପରେସନ୍ କରିବା କଷ୍ଟକର ହୋଇ ପଡୁଥିବା ଅଧିକାରୀ ସୂଚନା କହିଛନ୍ତି।

ଅନ୍ୟପଟରେ ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି ମାଓବାଦୀମାନଙ୍କ ଦ୍ୱାରା ନୂଆ ଟେକ୍ନୋଲୋଜି ବ୍ୟବହାର। କାରଣ ଏବେ ମାଓବାଦୀମାନେ ପୁଲିସ ଭଳି ଡ୍ରୋନ୍ ବ୍ୟବହାର କରୁଛନ୍ତି। ଏକାଧିକ ଜଙ୍ଗଲରେ ସୁରକ୍ଷାବାହିନୀ ଉପରେ ନଜର ରଖିବା ପାଇଁ ମାଓବାଦୀମାନେ ଡ୍ରୋନ୍ ଉଡ଼ାଉଥିବା ଦେଖିବାକୁ ମିଳିଛି। ତେଣୁ ପୁଲିସ ଏହି ଡ୍ରୋନ୍ ଉପରେ କିଭଳି ଲଗାମ ଲଗାଇବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଶସ୍ତାରେ ଡ୍ରୋନ୍ ମିଳିଯାଉଥିବାରୁ ସେମାନେ କିଣି ଏହାକୁ ବ୍ୟବହାର କରୁଛନ୍ତି। ଯାହାଫଳରେ ଏହାଦ୍ୱାରା ସେମାନେ ସୁରକ୍ଷାକର୍ମୀଙ୍କ ଗତିବିଧି ଜାଣି ନିଜର କ୍ୟାମ୍ପ ବଦଳାଇ ଦେଉଛନ୍ତି। ଯାହାଫଳରେ ପୁଲିସ ସେମାନଙ୍କୁ ଧରିବା କଷ୍ଟକର ହେଉଛି।

ଏନେଇ ମାଓ ଅପରେସନ୍ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି ଯେ ବର୍ଷା ଦିନରେ ସର୍ଚ୍ଚ ଅପରେସନ୍‌ରେ ଟିକେ ସମସ୍ୟା ହେଉଛି। ବର୍ଷା ଋତୁ ଗଲାପରେ ଅପରେସନକୁ ଜୋର୍‌ଦାର୍ କରାଯିବ।

- ଜଙ୍ଗଲ ଭିତରେ ଭିଜି ଯାତାୟାତ କରିବାରେ ହେଉଛି ସମସ୍ୟା
- ୬ ଦିନ ବଦଳରେ ୨ ଦିନରେ ପଳାଇ ଆସୁଛନ୍ତି ସୁରକ୍ଷାକର୍ମୀ
- ଋତୁ ବଦଳିଲେ ପୁଣି ଜୋରଦାର୍ ହେବ ଅପରେସନ୍: ଏଡିଜି

## ସଂଖ୍ୟାଲଘୁ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି

**ଭୁବନେଶ୍ୱର,୩୧।୭ (ସମିସ):** ରାଜ୍ୟରେ ମହିଳା ଓ ଶିଶୁ ବିରୋଧୀ ହିଂସା ଓ ଅପରାଧ ଉପରମୁହାଁ ସ୍ଥିତିରେ ରହିଥିବା ବେଳେ ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି। ଏପରିସ୍ଥିତିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଅସଦାଚରଣ ଘଟଣାରେ ପୁଲିସ ଏତଲା ଗ୍ରହଣ ନ କରିବା ଉଦ୍‌ବେଗଜନକ ବୋଲି ବିଜୁ ଜନତା ଦଳର ୩ ମହିଳା ନେତ୍ରୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ କହିଛନ୍ତି ଯେ ବିଜେପି ସରକାରରେ ରାଜ୍ୟରେ ମହିଳାମାନେ କୌଣସି କ୍ଷେତ୍ରରେ ସୁରକ୍ଷିତ ନାହାନ୍ତି। ପ୍ରତିଦିନ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଓଡ଼ିଶା ଦେଶରେ ନିନ୍ଦିତ ହେଉଛି।

ସେହିପରି ଦଳର ମୁଖପାତ୍ର ଇପ୍ସିତା ସାହୁ କହିଥିଲେ ଯେ ବିଜେପି ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତ୍ୟେକ ଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲ୍ଲାରେ ଏକ ଅଭାବନୀୟ ନାରୀ ନିର୍ଯାତନାର ଖବର ସାମ୍ନାକୁ ଆସିଛି। ବିଜେପି ସଂଖ୍ୟାଲଘୁ ସେଲର ସଭାପତିଙ୍କ ପତ୍ନୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୁଲିସ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ଶ୍ରୀମତି ସାହୁ ପ୍ରଶ୍ନ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଯାଜପୁର ଜିଲ୍ଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ବିଜେପି ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସ୍‌ଆଇ ଯାଜପୁର ପୁଲିସ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀ ଯେ ଅସହାୟ ହୋଇପଡ଼ିଛନ୍ତି, ଏଥିରୁ ପ୍ରତୀୟମାନ ହେଉଛି।

ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଥିଲେ ଯେ ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ଏଠି ଅପରାଧୀ ଉପରମୁହାଁ ହୋଇଥିବା ବେଳେ ସରକାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି ବୋଲି ସେ ସମାଲୋଚନା ଛଳରେ କହିଛନ୍ତି।

- ବିଜେପି ସଂଖ୍ୟାଲଘୁ ସେଲ୍ ସଭାପତିଙ୍କ ପତ୍ନୀ ବିଧାୟକଙ୍କ ଦ୍ୱାରା ନିର୍ଯାତିତ
- ପୀଡ଼ିତା ମହିଳା ଲିଖିତ ଅଭିଯୋଗ କରିଥିଲେ ହେଁ ଏତଲା ରଖୁନି ପୁଲିସ
- ଯାଜପୁର ଜିଲ୍ଲାରେ କର୍ତ୍ତବ୍ୟରତ ମହିଳା ପୁଲିସ କର୍ମଚାରୀ ମଧ୍ୟ ଅସୁରକ୍ଷିତ



## ରାଜ୍ୟରେ 'ଭାବା'ର ସୀମିତ ଉପସ୍ଥିତିକୁ ନେଇ ସାଂସଦ ମାନସଙ୍କ ଉଦ୍‌ବେଗ

**ଭୁବନେଶ୍ୱର, ୩୧।୭ (ସମିସ):** ରାଜ୍ୟରେ ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟର(ବିଏଆର୍‌ସି) ଭଳି ପ୍ରତିଷ୍ଠିତ ଗବେଷଣା ଭିତ୍ତିକ ପ୍ରତିଷ୍ଠାନର ଉପସ୍ଥିତି ସୀମିତ ରହିଛି। ଏହା ସହ ବହୁ ରାଜ୍ୟ ପାଇଁ ବହୁ କମ୍ ପରିମାଣରେ ଅର୍ଥ ମଞ୍ଜୁର କରାଯାଇଛି। ରାଜ୍ୟର ମାତ୍ର ୮ଟି ଅନୁଷ୍ଠାନ ଏବଂ ୧୧ଟି ଗବେଷଣା ଭିତ୍ତିକ ପ୍ରୋଜେକ୍ଟରେ 'ଭାବା' ସହ ସହଭାଗିତା ରହିଛି। ବିଗତ ୫ ବର୍ଷରେ ଓଡ଼ିଶାକୁ ଏଥିପାଇଁ ୩.୭୨ କୋଟି ମଞ୍ଜୁର କରାଯାଇଛି। ଯାହାର ପ୍ରଭାବ ସିଧାସଳଖ ଛାତ୍ର ଏବଂ ଯୁବ ଗବେଷକଙ୍କ ଉପରେ ପଡୁଛି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ସହ ଭାବା ସହଭାଗିତାକୁ କ'ଣ ପାଇଁ ଅଧିକ ବ୍ୟାପକ କରାଯାଉ ନାହିଁ, ସେନେଇ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଚିନ୍ତା ପ୍ରକଟ କରିଛନ୍ତି। ଭାବା ସହ ରାଜ୍ୟର କେଉଁସବୁ କ୍ଷେତ୍ରରେ କେତୋଟି ଅନୁଷ୍ଠାନ ଯୋଡ଼ି ହୋଇଛନ୍ତି, ଏଥିପାଇଁ କେତେ ପରିମାଣର ପାଣ୍ଠି ଯୋଗାଇ ଦିଆଯାଇଛି, ଭାବା ସହ ଯୋଡ଼ି ହେବାର କ'ଣ ଭବିଷ୍ୟତ ଯୋଜନା ରହିଛି ବୋଲି ଗୁରୁବାର ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି।

ଏହାର ଉତ୍ତରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଷ୍ଟ୍ରମନ୍ତ୍ରୀ ଡଃ. ଜିତେନ୍ଦ୍ର ସିଂ କହିଛନ୍ତି ବିଏଆର୍‌ସି ଦ୍ୱାରା ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି(ଡିଏଇ) ନାମକ ଏହା ସଂସ୍ଥା ଗଠନ କରାଯାଇଛି। ଡିଏଇର ବୋର୍ଡ ଅଫ୍ ରିସର୍ଚ୍ଚ ଇନ୍ ନ୍ୟୁକ୍ଲିୟର ସାଇନ୍ସ (ବିଆର୍‌ଏନ୍‌ଏସ୍) ଜରିଆରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଏକାଧିକ ଗବେଷଣାଭିତ୍ତିକ ପ୍ରୋଜେକ୍ଟରେ ସହଭାଗିତା ରହିଛି। ଗତ ୫ ବର୍ଷ ମଧ୍ୟରେ ଭାବା ପକ୍ଷରୁ ରାଜ୍ୟରେ ୧୧ ଗବେଷଣା ଭିତ୍ତିକ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିପାଇଁ ମାତ୍ର ୩.୭୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଗବେଷଣା କ୍ଷେତ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏନ୍‌ଆଇଟି, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଆଇସିଏଆର୍, ଫକୀର ମୋହାନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ନାଇଜର ଭଳି ପ୍ରତିଷ୍ଠିତ ୮ଟି ଶିକ୍ଷାନୁଷ୍ଠାନ ସହ ଭାବା ଜଡ଼ିତ। ଏହା ସହ ଡିଏଇର ଗ୍ରାମାଞ୍ଚଳ ଟେକ୍‌ନୋଲୋଜିର ଉପସ୍ଥାପନା ଓ ପ୍ରସାର ପାଇଁ ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟ ପରିସରରେ 'ଆକୃତି'ର ପ୍ରତିଷ୍ଠା କରାଯାଇଛି। ଏଥିରେ ସ୍ୱାସ୍ଥ୍ୟସେବା, କୃଷି ଓ ପରିବେଶ କ୍ଷେତ୍ରରେ ଗବେଷଣା କରାଯାଉଛି। ଲୁଣି ଏବଂ ମରୁଡି ପ୍ରତିରୋଧକ ଧାନ ଫସଲ ଗବେଷଣା ଏବଂ ଟ୍ରାଏଲ୍, ଭୂତଳ ଜଳରେ ଫ୍ଲୋରାଇଡ୍ ପ୍ରବେଶ, ବ୍ୟାଟେରି ଏବଂ ଉର୍ଜା ସଂରକ୍ଷଣର ନୂଆ ଟେକ୍‌ନୋଲୋଜି, ମ୍ୟାଲେରିଆ ରୋଗ ଚିହ୍ନଟ ଉପକରଣ ପ୍ରଭୃତି ଏହି ଗବେଷଣା ମଧ୍ୟରେ ରହିଛି। ଏହି ଗବେଷଣାଭିତ୍ତିକ ପ୍ରକଳ୍ପଗୁଡ଼ିକରୁ ଛାତ୍ର ଏବଂ ଯୁବ ଗବେଷକମାନେ ବହୁ କିଛି ଶିଖିବା ପାଇଁ ଲ୍ୟାବ୍‌ରେ ଗବେଷଣାର ଏକ ସୁଯୋଗ ସୃଷ୍ଟି କରୁଛି। ଏହାଦ୍ୱାରା ସେମାନେ ଭିନ୍ନ ଏକ ମାଇକ୍ରୋସ୍କୋପ୍‌ରେ କାମ କରିବା, ବିଭିନ୍ନ କେମିକାଲ୍‌କୁ ନେଇ ତର୍ଜମା କରିବା ଭଳି ଅନୁଭବ ହାସଲ କରି ପାରୁଛନ୍ତି। ଭବିଷ୍ୟତରେ ରାଜ୍ୟର କେଉଁ ଅନୁଷ୍ଠାନ ସହ 'ଭାବା'ର ଗବେଷଣାର ସହଯୋଗ ସ୍ଥାପନ ହେବ, ତାହା ଉଭୟଙ୍କ ମିଳିତ ଇଚ୍ଛାଶକ୍ତି ଉପରେ ନିର୍ଭର କରେ। ଆଗକୁ ନ୍ୟୁକ୍ଲିୟର ଏଗ୍ରିକଲ୍‌ଚର୍, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ସଂରକ୍ଷଣ ଭଳି କ୍ଷେତ୍ରରେ ସହଭାଗିତା ହେବ ବୋଲି ଡଃ. ସିଂ ଉତ୍ତର ରଖିଛନ୍ତି।

**ମାତ୍ର ୮ଟି ଅନୁଷ୍ଠାନ ଏବଂ ୧୧ ଗବେଷଣା ଭିତ୍ତିକ ପ୍ରକଳ୍ପରେ ସହଭାଗିତା**

**୫ ବର୍ଷରେ 'ଭାବା' ରାଜ୍ୟକୁ ମଞ୍ଜୁର କରିଛି ମାତ୍ର ୩.୭୨ କୋଟି ଟଙ୍କା**

**ବ୍ରାହ୍ମଣୀରେ ବନ୍ୟା**

## ରାସ୍ତା ଉପରେ କୁମ୍ଭୀର

**ଆଳି, ୩୧।୭ (ସମିସ):** ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ କୋଳିଡିହ ପଞ୍ଚାୟତର ବିଜୟନଗର, ତଅଁଳାଡିଆ, ଦିନିଆରୀ, ଇଚ୍ଛାପୁର, ଜାମୁଦଣ୍ଡା ଗ୍ରାମର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏପରି ଅବସ୍ଥାରେ ସେମାନଙ୍କୁ କୁମ୍ଭୀର ଭୟ ଘାରିବାରେ ଲାଗିଛି। ଆଜି ସଂଧ୍ୟାରେ କିଛି ଲୋକ ଇଚ୍ଛାପୁର ରାସ୍ତାର ମଙ୍ଗଳା ମନ୍ଦିର ନିକଟରେ ଏକ ବଉଳା କୁମ୍ଭୀର ଭାସୁଥିବା ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳିଯାଇଛି। ଫଳରେ ଗ୍ରାମବାସୀ ଭୟରେ ପଦାକୁ ବାହାରୁ ନାହାନ୍ତି।

ସୂଚନାନୁଯାୟୀ, ଗ୍ରାମର ମୁଖ୍ୟ ରାସ୍ତା ଉପରେ ୫ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଥିବା ବେଳେ ଗ୍ରାମବାସୀ ଇଚ୍ଛାପୁର ରାସ୍ତା ଦେଇ ଯାତାୟାତ କରୁଥିଲେ। ଜଳସ୍ତର ବୃଦ୍ଧି ପାଇବା ହେତୁ ଉକ୍ତ ରାସ୍ତାର କିଛି ସ୍ଥାନ ବୁଡ଼ିଯାଇ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି। ବୁଡ଼ିଯାଇଥିବା ସେହି ସ୍ଥାନ ମଧ୍ୟରୁ ମଙ୍ଗଳା ମନ୍ଦିର ନିକଟରେ ଆଜି ସନ୍ଧ୍ୟାରେ ଏକ ବଉଳା କୁମ୍ଭୀର ଭାସୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ସାଧାରଣତଃ ବନ୍ୟାଜଳ ସହ କୁମ୍ଭୀର ଜନବସତି ଆଡ଼କୁ ଚାଲିଆସିବାର ପୂର୍ବରୁ ବହୁ ନଜିର ରହିଛି। ଉଲ୍ଲେଖଯୋଗ୍ୟ, ଗତ ମାସରେ ତଅଁଳାଡିହା ଗ୍ରାମର କୈଳାସ ମହାନ୍ତିଙ୍କ ପତ୍ନୀ କାଜଲ ମହାନ୍ତି (୪୦) ଖରସ୍ରୋତା ନଦୀ ସଂଲଗ୍ନ ତଅଁଳାଡିହା ପାନିଆଯୋରକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କୁ ଏକ କୁମ୍ଭୀର ଆକ୍ରମଣ କରିଥିଲା ଏବଂ ସେଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



**ଏକ୍ ପେଡ୍ ମା'କେ ନାମ୍-୨.୦**

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଲାଗିବ ୭୫ ଲକ୍ଷ ଗଛ

**ଭୁବନେଶ୍ୱର,୩୧।୭ (ସମିସ):** ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନରେ ରାଜ୍ୟ ସରକାର ୭୫ ଲକ୍ଷ ଗଛ ଲଗାଇବେ। 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଅଧୀନରେ ଏହି ରେକର୍ଡ ସଂଖ୍ୟକ ଗଛ ଲାଗିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଗୁରୁବାର ଲୋକସେବା ଭବନରେ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା'ର ଲକ୍ଷ୍ୟ ଅତିକ୍ରମ କରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି। ଏବର୍ଷ କେବଳ ଗୋଟିଏ ଦିନ (ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ)ରେ ୭୫ ଲକ୍ଷ ଗଛ ଲାଗିବ, ଯାହା ଏକ ରେକର୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେବଳ ଗଛ ଲଗାଇଦେଲେ ହେବ ନାହିଁ; ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା'ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୃକ୍ଷରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ ହେବା ଆବଶ୍ୟକ। ବିଶେଷକରି ଜିଲ୍ଲାମାନଙ୍କରେ ଜଳବାୟୁ ଉପଯୋଗୀ ବୃକ୍ଷରୋପଣ ଜରୁରୀ ଅଟେ। କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାରପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ନିର୍ଦ୍ଦେଶ ଦେବା ସହ ଉତ୍ତମ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



**ଅଭିଯାନର ଦ୍ୱିତୀୟ ସଂସ୍କରଣରେ ୭.୫ କୋଟି ବୃକ୍ଷରୋପଣ ଲକ୍ଷ୍ୟ**

**ଜଳବାୟୁ ଉପଯୋଗୀ ବୃକ୍ଷ ରୋପଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

## ଡକାୟତି ଯୋଜନା ପଣ୍ଡ; ୫ କୁଖ୍ୟାତ ଅପରାଧୀ ଗିରଫ

**ରାଉରକେଲା,୩୧।୭ (ସମିସ):** ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପ ସମେତ କିଛି ଦୋକାନ ଓ ବାସଗୃହରୁ ଡକାୟତି କରିବାକୁ ଯୋଜନା ପାଇଁ ବିଳମ୍ବିତ ରାତିରେ ଏକତ୍ର ହୋଇଥିବା ଏକ ବଡ଼ଧରଣର ଡକାୟତ ଗ୍ୟାଙ୍ଗକୁ ଆଜି ରାଉରକେଲା ପ୍ଲାଣ୍ଟସାଇଟ୍ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଭୁଜାଲି, ଛୁରି ଏବଂ ଲୁହାଛଡ଼ ପରି ମାରଣାସ୍ତ୍ର ଜବତ କରାଯାଇଛି। ସମସ୍ତ ଅପରାଧୀ ଅନେକ ଗୁରୁତର ମାମଲାରେ ଜଡ଼ିତ ରହିଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅପରାଧୀମାନେ ହେଉଛନ୍ତି, ଗୋପବନ୍ଧୁପାଲି ୱାର୍ଡ ନମ୍ବର ୩ର ଶେଖ ସଲମାନ୍ (୨୪), ରେଳବାଇ କଲୋନୀ ଇନ୍ଦିରାନଗରର ପବନ ସାହୁ (୧୯), ଲାଲ ବିଲ୍ଡିଂ ଲେନର ଆୟୁଷ ବାଡ଼ା (୧୯), ଲାଲ ବିଲ୍ଡିଂ ଲେନର ରୋହିତ ପ୍ରସାଦ ଓରଫ କାଲୁ(୨୦) ଏବଂ ମାଲଗୋଦାମ କାଳୀମନ୍ଦିର ଲେନର ମହମ୍ମଦ କୈଫ (୧୯)। ଅଭିଯୁକ୍ତଙ୍କଠାରୁ ତିନୋଟି ଲୁହା ରଡ୍, ଗୋଟିଏ ଭୁଜାଲି ଏବଂ ଗୋଟିଏ ଛୁରି ଜବତ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ରେଲୱେ କଲୋନୀର ବଡ଼ ପାର୍କ ପରିସରରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିବା ନେଇ ସୂଚନା ମିଳିବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବୀଭସ୍ସ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସ୍ଥାନରେ ଚଢ଼ଉ କରିଥିଲା। ସେଠାରୁ ୫ଜଣ ଦୁର୍ବୃତ୍ତଙ୍କୁ କାବୁ କରିବା ପରେ ମାରଣାସ୍ତ୍ର ଜବତ କରିଥିଲା। ସେମାନେ ନିକଟବର୍ତ୍ତୀ ଘର, ଦୋକାନ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପରେ ଏକ ବଡ଼ଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି। ଗିରଫ ପାଞ୍ଚ ଅଭିଯୁକ୍ତ ବହୁ ଗୁରୁତର ଅପରାଧିକ ମାମଲାରେ ୱାଣ୍ଟେଡ୍ ଅଛନ୍ତି ବୋଲି ଜୋନାଲ ଡିଏସ୍‌ପି ଅମରେନ୍ଦ୍ରନାଥ ଷଣ୍ଢ ସୂଚନା ଦେଇଛନ୍ତି।



**ପୁଣି ଭତ୍ତା ଯନ୍ତ୍ରଣା**

## ବୃଦ୍ଧାଙ୍କୁ ଚୌକିରେ ଟେକିଟେକି ବୋହିଲେ ସମ୍ପର୍କୀୟ



**ପାଟଣାଗଡ଼, ୩୧।୭ (ସମିସ):** ପାଟଣାଗଡ଼ ବ୍ଲକ୍ ପାଣ୍ଡେସରା ଗାଁର ଜଣେ ବୃଦ୍ଧା ଗୁରୁଣ୍ଡିଗୁରୁଣ୍ଡି ବ୍ୟାଙ୍କକୁ ଭତ୍ତା ପାଇଁ ଯିବା ଘଟଣା ଲୋକଙ୍କ ମନରୁ ନ ଯାଉଣୁ, ବୁଧବାର ପୁଣି ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ୭୦ ବର୍ଷୀୟ ଜଣେ ବୃଦ୍ଧାଙ୍କୁ ସଂପର୍କୀୟମାନେ ଚୌକିରେ ବୋହିବୋହି ପାଟଣାଗଡ଼ ଷ୍ଟେଟ୍‌ବ୍ୟାଙ୍କକୁ ନେଇଛନ୍ତି।

ବାଙ୍କିବାହାଲ ଗାଁର ଗଣେନ ବରିହା (୭୦) ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଭତ୍ତା ଟଙ୍କା ପାଉଛନ୍ତି। କିନ୍ତୁ ତାଙ୍କ ଆକାଉଣ୍ଟର କେୱାଇସି ଅପଡେଟ୍ ହୋଇନଥିବାରୁ ସେ ଗତ କିଛି ମାସ ହେବ ଟଙ୍କା ଉଠାଇ ପାରୁନାହାନ୍ତି। ବୟସାଧିକ ଯୋଗୁଁ ସେ ଠିକ୍ ଭାବେ ଚାଲିବୁଲି ପାରୁନଥିବାରୁ ବ୍ୟାଙ୍କକୁ ମଧ୍ୟ ଯାଇ ପାରୁନାହାନ୍ତି। ତେବେ, ଗୁରୁବାର ଦୁଇଜଣ ସମ୍ପର୍କୀୟ ତାଙ୍କୁ ଏକ ଚୌକିରେ ବସାଇ ପାଟଣାଗଡ଼ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ଟେକିଟେକି ନେଇଥିଲେ। ସେଠାରେ ବୃଦ୍ଧାଙ୍କ କେୱାଇସି ହେବା ପରେ ସଂପର୍କୀୟମାନେ ପୁଣି ବୃଦ୍ଧାଙ୍କୁ ଟେକିଟେକି ନେଇ କିଓସ୍କ ସେଣ୍ଟର୍‌କୁ ଯାଇଥିଲେ। ଏହାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଉକ୍ତ ଭିଡିଓରେ ବୃଦ୍ଧାଜଣଙ୍କ ତାଙ୍କୁ ହାତାହାତି ଭତ୍ତା ଟଙ୍କା ଦେବାକୁ ସରକାରଙ୍କୁ ଅନୁରୋଧ କରୁଥିବା ଦେଖିବାକୁ ମିଳୁଛି। ଏ ସଂପର୍କରେ ବିଡିଓ ସୁମନ ମିଞ୍ଜଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଘଟଣାର ତଦନ୍ତ କରାଯିବ। କିଭଳି ବୃଦ୍ଧଙ୍କୁ ତାଙ୍କ ଘରେ ଭତ୍ତା ଦିଆଯିବ, ସେନେଇ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ମିଳୁନି ଜଏନିଂ ଅର୍ଡର୍; ଆତ୍ମହତ୍ୟା ଧମକ ଦେଲେ ବିଇଓ



**ବଲାଙ୍ଗିର, ୩୧।୭ (ସମିସ):** ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ବଲାଙ୍ଗିର ଜିଲ୍ଲାକୁ ବ୍ଲକ୍ ଶିକ୍ଷାଧିକାରୀ ଭାବେ ବଦଳି ହୋଇ ଆସିଥିବା ଜଣେ ଅଧିକାରୀଙ୍କୁ ଜଏନିଂ ଅର୍ଡର୍ ଦିଆଯାଉନଥିବାରୁ ସେ ଆଜି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆତ୍ମହତ୍ୟା ଧମକ ଚେତାବନୀ ଦେଇଛନ୍ତି। ସେ ହେଲେ, ରଞ୍ଜିତ ଭୋଇ।

ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। କିଛି ଦିନ ତଳେ ତାଙ୍କର ବଲାଙ୍ଗିର ଜିଲ୍ଲାକୁ ବଦଳି ହୋଇଛି। ତାଙ୍କୁ ଜିଲ୍ଲାର ବେଲପଡା ବ୍ଲକ୍‌କୁ ବଦଳି କରାଯାଇଛି। କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଜଏନିଂ ଅର୍ଡର ଦିଆଯାଉନାହିଁ। ସେ ତାଙ୍କ ପଦବୀରେ ଯୋଗଦାନ କରିନଥିବାରୁ ତିନି ମାସ ହେଲା ଦରମା ମଧ୍ୟ ପାଇ ନାହାନ୍ତି। ବାରମ୍ବାର ଅଭିଯୋଗ ପରେ ବି ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କ କଥା ଶୁଣୁନାହାନ୍ତି। ତେବେ ଶୀଘ୍ର ତାଙ୍କୁ ଅର୍ଡର୍ ପ୍ରଦାନ କରାନଗଲେ, ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ। ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହେବ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୮୮୩- ଗ୍ରେଟ୍ ବ୍ରିଟେନ୍‌ରେ ଅନ୍ତର୍ଦେଶୀୟ ଡାକ ସେବା ଆରମ୍ଭ ହେଲା।
- ୧୯୨୦- ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ।
- ୧୯୩୩- ହିନ୍ଦୀ ଫିଲ୍ମ ଅଭିନେତ୍ରୀ ମୀନା କୁମାରୀଙ୍କ ଜନ୍ମ।
- ୧୯୫୭- ନ୍ୟାସନାଲ ବୁକ୍ ଟ୍ରଷ୍ଟ(ଏନ୍‌ବିଟି)ର ସ୍ଥାପନା।
- ୧୯୬୦- କରାଚୀ ପରିବର୍ତ୍ତେ ଇସ୍‌ଲାମାବାଦ ହେଲା ପାକିସ୍ତାନର ରାଜଧାନୀ।
- ୧୯୯୫- ହବଲ ଟେଲିସ୍କୋପ ଶନିର ଅନ୍ୟ ଏକ ଉପଗ୍ରହକୁ ଠାବ କଲା।


## 'ବର୍ଡର ୨'

# ବରୁଣଙ୍କ ନାୟିକା ହେବେ ମେଧା

ବଲିଉଡ୍ ଅଭିନେତା ସନ୍ନି ଦେଓଲ ଏବେ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏଥିରେ ବରୁଣ ଧୱନ୍‌ଙ୍କ ବିପକ୍ଷରେ ମେଧା ରାଣା ନଜର ଆସିବେ। ନିକଟରେ ଫିଲ୍ମ ନିର୍ମାତା ଏସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ମେଧା 'ବର୍ଡର ୨' ପୂର୍ବରୁ 'ଇସ୍କ ଇନ୍ ଦ ଏୟାର୍', 'ଫ୍ରାଇଡେ ନାଇଟ୍ ପ୍ଲାନ୍', 'ଲଣ୍ଡନ ଫାଇଲ୍‌ସ' ଆଦି ଫିଲ୍ମରେ ଦେଖାଯାଇଥିଲେ। 'ବର୍ଡର ୨'ରେ ମେଧାଙ୍କ ସହ ସୋନମ୍ ବାଜୱା, ମୌନି ରୟ, ଭିନାଲି ଭଟ୍ଟନାଗରଙ୍କୁ ମଧ୍ୟ ସ୍ଥାନ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। 'ବର୍ଡର ୨' ଜାନୁଆରୀ ୨୩, ୨୦୨୬ରେ ରିଲିଜ୍ ହେବ। ଏଥିରେ ସନ୍ନି ଦେଓଲଙ୍କ ସହ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟି ପ୍ରମୁଖ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା ଓ ନିଧି ଦତ୍ତା ଅଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅନୁରାଗ ସିଂହ ଅଛନ୍ତି। ଏଥିରେ ଦେଶପ୍ରେମ, ଆକ୍ସନ, ଭାବପ୍ରବଣତାର ଏକ ନିଆରା ମିଶ୍ରଣ ଦେଖିବାକୁ ମିଳିବ। ଏଠାରେ ପ୍ରକାଶ ଥାଉ କି, 'ବର୍ଡର ୨' ୧୯୯୭ରେ ଆସିଥିବା ଫିଲ୍ମ 'ବର୍ଡର'ର ସିକ୍ୱେଲ।



# ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ



ଶରୀରର ଯେକୌଣସି ଅଙ୍ଗରେ କର୍କଟ ବିପଦପୂର୍ଣ୍ଣ ଏବଂ ସାଂଘାତିକ। ମାରାତ୍ମକ ଫୁସ୍‌ଫୁସ୍ କର୍କଟ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ ଫୁସ୍‌ଫୁସ୍ କର୍କଟ ଦିବସ ଭାବେ ପାଳନ କରାଯାଏ। ବିଶ୍ୱବ୍ୟାପୀ ପୁରୁଷ ଏବଂ ମହିଳାମାନଙ୍କଠାରେ ଦ୍ୱିତୀୟ ସାଧାରଣ ପ୍ରକାରର କର୍କଟ ଭାବରେ ଫୁସ୍‌ଫୁସ୍ କ୍ୟାନ୍ସର, ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଏହି କାରଣରୁ ଅଧିକାଂଶ ପୁରୁଷ ଏବଂ ମହିଳାଙ୍କର ଜୀବନ ମଧ୍ୟ ଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ, ୨୦୨୦ ମସିହାରେ ଫୁସ୍‌ଫୁସ୍ କର୍କଟ ହେତୁ ସାରା ବିଶ୍ୱରେ ୧୮ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା। ୨୦୧୨ ମସିହାରେ ପ୍ରଥମ ଥର ଏହି କାର୍ଯ୍ୟକ୍ରମକୁ 'ଫୋରମ୍ ଅଫ୍ ଇଣ୍ଟରନ୍ୟାସନାଲ୍ ରେସପେରେଟୋରୀ ସୋସାଇଟିଜ୍' ଦ୍ୱାରା 'ଇଣ୍ଟରନ୍ୟାସନାଲ୍ ଆସୋସିଏସନ୍ ଫର ଲଙ୍ଗ କ୍ୟାନ୍ସର ଆଣ୍ଡ ଆମେରିକାନ୍ କଲେଜ ଅଫ୍ ଚେଷ୍ଟ ଫିଜିସିଆନ' ଙ୍କ ସହାୟତାରେ ଆୟୋଜିତ କରାଯାଇଥିଲା। ତମାଖୁ ସେବନ ଫୁସ୍‌ଫୁସ୍ କର୍କଟର ମୁଖ୍ୟ କାରଣ ହୋଇଥାଏ। ତାଛଡ଼ା ପ୍ରଦୂଷଣ କାରଣରୁ ଫୁସ୍‌ଫୁସ୍ କର୍କଟ ହୋଇଥାଏ। ପ୍ରଦୂଷଣ ଯୋଗୁଁ ବିଷାକ୍ତ ରାସାୟନିକ ଗ୍ୟାସ୍‌ଗୁଡ଼ିକ ଆମ ଫୁସ୍‌ଫୁସ୍‌ରେ ପ୍ରବେଶ କରି ଏହା କର୍କଟ ସୃଷ୍ଟି କରିଥାଏ। ଗୋବର ଘସି ଜାଳିବା ସହ ଯେଉଁମାନେ ଧୂଳି, ବାଲି, କୋଇଲାରେ ଅଧିକ ସମୟ କାମ କରୁଛନ୍ତି ସେମାନଙ୍କୁ ଏହି କର୍କଟ ହେବା ଆଶଙ୍କା ଅଧିକ ଥାଏ। ଫୁସ୍‌ଫୁସ୍ ଆମ ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, କାରଣ ଏହା ଶ୍ୱାସକ୍ରିୟା ଏବଂ ଶରୀରକୁ ଅମ୍ଳଜାନ ଯୋଗାଇବା ପାଇଁ କାମ କରେ। ତେଣୁ ଫୁସ୍‌ଫୁସ୍‌ର ଯତ୍ନ ନେବା ଅତ୍ୟନ୍ତ ଜରୁରି। କାରଣ ଖରାପ ଫୁସ୍‌ଫୁସ୍ କାରଣରୁ ଶ୍ୱାସକ୍ରିୟାରେ ବ୍ୟତିକ୍ରମ, ଆଜ୍‌ମା, କ୍ରନିକ ରୋଗ ଏବଂ ଫୁସ୍‌ଫୁସ୍ କର୍କଟ ମଧ୍ୟ ହୋଇପାରେ। ଫୁସ୍‌ଫୁସ୍‌ରେ କୌଣସି କୋଷ ଅନିୟନ୍ତ୍ରିତ ଭାବେ ବଢ଼ିଲେ ତାହା କର୍କଟର ରୂପ ନିଏ। ସେହି ଟ୍ୟୁମର୍ ପରବର୍ତ୍ତୀ ସମୟରେ କର୍କଟର କାରଣ ପାଲଟିଥାଏ। ଅଧିକ ଦିନ ଧରି କାଶ ଲାଗି ରହିବା, ଛାତି ଯନ୍ତ୍ରଣା ହେବା, ମୁଣ୍ଡ ବିନ୍ଧିବା ଆଦି ଏହାର ଲକ୍ଷଣ ହୋଇଥାଏ। ତେବେ ପ୍ରଥମ ଷ୍ଟେଜ୍‌ରୁ ଏହା ଚିହ୍ନଟ ହୋଇପାରିଲେ ଏହାର ଚିକିତ୍ସା ଫଳପ୍ରଦ ହୋଇଥାଏ। ତେବେ ଫୁସ୍‌ଫୁସ୍ କର୍କଟରୁ ରକ୍ଷା ପାଇବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣାଇବା ସହ ଧୂମପାନରୁ ନିବୃତ୍ତ ରହିବା ଆବଶ୍ୟକ। ଏହାବାଦ୍ ବାରମ୍ବାର ସ୍କ୍ରିନିଂ ମାଧ୍ୟମରେ ବି ଫୁସ୍‌ଫୁସ୍ କର୍କଟ ପ୍ରାରମ୍ଭିକ ସ୍ତରରେ ଜଣାପଡ଼ିଯିବ। ଫଳରେ ବେଳ ଥାଉ ଥାଉ ଏହାର ଚିକିତ୍ସା କରାଯାଇ ପାରିବ।

# ଚାକିରି ପାଇଁ ଡିଜିଟାଲ ସ୍ନାନ

ଭଲ ଚାକିରିଟିଏ କିମ୍ବା ବଡ଼ କଲେଜରେ ପାଠ ପଢ଼ିବା ପାଇଁ ବିଦ୍ୟାର୍ଥୀମାନେ ପୂଜାପାଠ କରାଇଥାନ୍ତି। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଡିଜିଟାଲ ସ୍ନାନ ନାଁରେ ଏକ ନୂଆ ଟ୍ରେଣ୍ଡ ଭାଇରାଲ ହେଉଛି। ତେବେ ମହାକୁମ୍ଭରେ ଏହା ପ୍ରଥମେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ବିଶେଷକରି ବୁଡ଼ ପକାଇବାରୁ ବଞ୍ଚିତ ଥିବା ଲୋକଙ୍କ ଫଟୋକୁ ଗଙ୍ଗା ନଦୀରେ ବୁଡ଼ ପକାଯାଉଥିଲା। ଏହା ଥିଲା ପରମ୍ପରା ସହ ଯୋଡ଼ି ହେବାର ଆଧୁନିକ ଉପାୟ। ହେଲେ ଏବେ ପୁଣି ଥରେ ଏହି ଧାରା ଫେରିଥିବା ବେଳେ ଏଥର କିନ୍ତୁ ଚାକିରି ପାଇବା ଲାଗି ଏହା ଆରମ୍ଭ କରାଯାଇଥିବା ଦେଖାଯାଇଛି। ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହାକୁ ଦୀପକ ଗୋୟଲ ନାମକ ଜଣେ ବ୍ୟକ୍ତି ସେୟାର୍ କରିଛନ୍ତି। ଭିଡିଓରେ ଦେଖିବାକୁ ମିଳିଛି, ଗୋଟିଏ ସାଦା କାଗଜରେ ହାଇଦ୍ରାବାଦର ଇଣ୍ଡିଆ ସ୍କୁଲ ଅଫ୍ ବିଜନେସ୍‌ର କିଛି ବିଦ୍ୟାର୍ଥୀଙ୍କ ଫଟୋ ରହିଛି। ଏହାପରେ ଦୀପକ କହୁଛନ୍ତି, ଏହି ପିଲାମାନଙ୍କୁ ଯେପରି ଭଲ ଚାକିରି ମିଳିପାରିବ, ସେଥିପାଇଁ ମୁଁ ସେମାନଙ୍କର ଫଟୋକୁ ପବିତ୍ର ଗଙ୍ଗା ନଦୀରେ ବୁଡ଼ାଉଛି। ଯେଉଁମାନେ ଏଭଳି ଗଙ୍ଗାରେ ବୁଡ଼ ପକାଇବାକୁ ଚାହୁଁଛନ୍ତି ସେମାନେ ହ୍ୱାଟସ୍‌ଆପ୍ ଦ୍ୱାରା ତାଙ୍କୁ ଫଟୋ ପଠାଇପାରିବେ। ଅବଶ୍ୟ ଏଥିପାଇଁ ତାଙ୍କୁ ୧୧୦୦ ଟଙ୍କା ଦେବାକୁ ପଡ଼ିବ। ଏହାପୂର୍ବରୁ ମଧ୍ୟ ଦୀପକ କୁମ୍ଭମେଳା ସମୟରେ ଏଭଳି ଡିଜିଟାଲ ସ୍ନାନ କରାଇ ଚର୍ଚ୍ଚାକୁ ଆସିଥିଲେ। ଏଥର ଡିଜିଟାଲ ସ୍ନାନ ବିଶ୍ୱାସର ଏକ ନୂଆ ପରମ୍ପରା ସୃଷ୍ଟି କରିଥିବା କୁହାଯାଉଛି। ଅନ୍ୟପଟେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ସଞ୍ଜୀବନୀ

# ମାନସିକ ଶାନ୍ତି ପାଇଁ କଲର ୱାକିଂ

ଅଧୁନା ମେଦବହୁଳତା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ମେଦବହୁଳତା ଯୋଗୁଁ ପ୍ରାୟତଃ ବସିବା, ଉଠିବା ଆଦିରେ ସମସ୍ୟା ହୋଇଥାଏ। ଏହା ବିଭିନ୍ନ ରୋଗକୁ ମଧ୍ୟ ଆମନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିବା ସହ ଶରୀର ଫିଟ୍ ଓ ନୀରୋଗ ରହିଥାଏ। ଏହାକୁ ଧ୍ୟାନ ଦେଲେ ଓଜନ ହ୍ରାସ ପାଇଁ ପାୱାର ୱାକିଂ, ବ୍ରିସ୍କ ୱାକିଂ, ଜଗିଙ୍ଗ, ରିଭର୍ସ ୱାକିଂ ଆଦି ଚାଲିବା ଟ୍ରେଣ୍ଡରେ ରହିଥିବାବେଳେ ଏବେ 'କଲର ୱାକିଂ'କୁ ନେଇ ଅନେକ ଚର୍ଚ୍ଚା।



ଏହି ନୂତନ ଚାଲିବା କୌଶଳରେ ଜଣେ ବ୍ୟକ୍ତିଙ୍କୁ ଚାଲିବା ପୂର୍ବରୁ ଗୋଟିଏ ନିର୍ଦ୍ଦିଷ୍ଟ ରଙ୍ଗ ବାଛିବାକୁ ପଡ଼ିଥାଏ। ଚାଲିବା ସମୟରେ ଉକ୍ତ ରଙ୍ଗର ବସ୍ତୁକୁ ଦେଖି ତାହାକୁ ଗଣିଥାନ୍ତି। ତେବେ ମନକୁ ଶାନ୍ତି ଓ ଖୁସି ରଖିବାକୁ କଲର ୱାକିଂ ସବୁଠୁ ପ୍ରଭାବୀ। ୱିଲିୟମ୍ ଏସ୍ ବରୋଜ ନିଜର ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିବାକୁ କଲର ୱାକିଂ ଆରମ୍ଭ କରିଥିଲେ। ଏହି ବ୍ୟାୟାମ ମସ୍ତିଷ୍କକୁ ପ୍ରଭାବିତ କରି ରଚନାତ୍ମକତା ଚିନ୍ତାଧାରା, କଳ୍ପନା, କଳା, କୌଶଳ ଏବଂ ସମସ୍ୟାର ସମାଧାନ କରିବାର ଦକ୍ଷତାକୁ ବୃଦ୍ଧି କରାଏ।

ତେଣୁ କଲର ୱାକିଂ କେବଳ ମାନସିକ ସୁସ୍ଥତା ପାଇଁ ଭଲ ତାହା ନୁହେଁ, ଏହା ଦ୍ୱାରା ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରୁହେ। ଚିନ୍ତାରୁ ମୁକ୍ତି ମିଳେ। ସାଧାରଣତଃ ରଙ୍ଗ ଭାବନାକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରୁଥିବାରୁ ଏହି କୌଶଳରେ ଚାଲିବା ଦ୍ୱାରା ନୂତନ ଚିନ୍ତାଧାରା ସୃଷ୍ଟି ହେବା ସହିତ ଏକାଗ୍ରତା, ଆତ୍ମବିଶ୍ୱାସ, ସୃଜନଶୀଳତା ବୃଦ୍ଧି ପାଏ। ମାଂସପେଶୀ ଶକ୍ତ ହୁଏ। ବିଶେଷ କଥା ହେଉଛି, ଚାଲିବା ଦ୍ୱାରା ଏଣ୍ଡରଫିନ୍ ଏବଂ ସେରୋଟୋନିନ ହରମୋନ୍ ବୃଦ୍ଧି ପାଏ। ମନ ହାଲୁକା ହୋଇଯାଏ। ଖୁସି ରଖେ।

## 'ସକାଳ'ର ସ୍ୱାସ୍ଥ୍ୟ

# ଟିନିଟସ୍

**କିଛି ଲୋକଙ୍କ କାନରେ ସିଟି ବାଜିବା ପରି ଅନୁଭବ ହୁଏ। ଏହି ସମସ୍ୟାକୁ ଚିକିତ୍ସା ଭାଷାରେ ଟିନିଟସ୍ କୁହାଯାଏ। ଟିନିଟସ୍ ହେଉଛି ଶ୍ରବଣଶକ୍ତି ସମ୍ପର୍କିତ ଏକ ଲକ୍ଷଣ। ଏଥିରେ କାରଣ ନଥାଇ କାନରେ ଘଣ୍ଟି ବାଜିବା ପରି ଅନୁଭୂତ ହୋଇଥାଏ। ଦୀର୍ଘଦିନ ଟିନିଟସ୍ ମାମଲା କେତେକଙ୍କ କ୍ଷେତ୍ରରେ ମାନସିକ ରୋଗରେ ପରିଣତ ହୋଇଥାଏ। ଧୀରେ ଧୀରେ ଏହା ଶ୍ରବଣଶକ୍ତିକୁ ହ୍ରାସ କରିଦିଏ। ଯେକୌଣସି ବୟସରେ ଏହା ହୋଇପାରେ। ତେବେ ଏହାର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା...**



ଟିନିଟସ୍‌ର ପ୍ରକୃତ କାରଣ ଏଯାବତ୍ ଅସ୍ପଷ୍ଟ ରହିଛି। ହେଲେ ଲଗାତାର ଉଚ୍ଚଶକ୍ତି ସମ୍ପନ୍ନ ଶବ୍ଦ ଶୁଣିବା, କାନରେ ମଇଳା ଜମିଯିବା, କାନ ତଳ ସ୍ନାୟୁରେ କିଛି ସଂକ୍ରମଣ, କାନର ପର୍ଦ୍ଦା ସଂକ୍ରମଣ, ମସ୍ତିଷ୍କରେ ଆଘାତ ଲାଗିବା, ଉଚ୍ଚ ରକ୍ତଚାପ ଏବଂ ଥାଇରଏଡ ଆଦି ସମସ୍ୟା ଥିଲେ ଟିନିଟସ୍‌ର ଆଶଙ୍କା ବୃଦ୍ଧି ପାଇଥାଏ। ଟିନିଟସ୍‌ରେ ପୀଡ଼ିତ ବ୍ୟକ୍ତିଙ୍କ କାନକୁ ଜୋର ଶବ୍ଦ ଶୁଣାଯିବା ସହିତ ମୁଣ୍ଡ ବିନ୍ଧା ଲକ୍ଷଣ ଦେଖାଯାଏ। ଏହାସହିତ କାନକୁ ଜୋର କିମ୍ବା ବହୁତ ଧୀର ଶୁଣାଯିବା, କାନରେ ପବନ ପରି ଶବ୍ଦ ଆସିବା ଆଦି ଲକ୍ଷଣ ଦେଖାଯାଏ। ଗମ୍ଭୀର ସ୍ଥିତିରେ ଶାରୀରିକ ବ୍ୟବହାରରେ ପରିବର୍ତ୍ତନ ହୁଏ।

ତେଣୁ ଏପରି ସମସ୍ୟାରୁ ଆରୋଗ୍ୟ ଲାଭ ପାଇଁ ଇ.ଏନ୍.ଟି ତଥା ଗଳା, ନାସା ଓ କର୍ଣ୍ଣରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟପରୀକ୍ଷା ଦ୍ୱାରା ଏହି ରୋଗର କାରଣ ଜଣାପଡ଼ିବା ସହ ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଏଥିପାଇଁ ରକ୍ତପରୀକ୍ଷା, ସିଟିସ୍କାନ ଓ ଏମ୍‌ଆର୍‌ଆଇ ମଧ୍ୟ ଆବଶ୍ୟକ ହୋଇଥାଏ। ଏଥିପାଇଁ ଶବଣ ଯନ୍ତ୍ର ଲଗାଇବାକୁ ହୁଏ। କିଛି ଗୁରୁତ୍ୱପୂର୍ଣ୍ଣ ଥେରାପି କରିବାକୁ ଡାକ୍ତର ମଧ୍ୟ ପରାମର୍ଶ ଦିଅନ୍ତି। ଏହାବ୍ୟତୀତ ସ୍ଥିତିରେ ସୁଧାର ନ ଆସିଲେ ଅସ୍ତ୍ରୋପଚାର କରିବାକୁ ପଡ଼ିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସବୁବେଳେ ଇୟରଫୋନ୍ ବ୍ୟବହାର କରିବା ଅନୁଚିତ।

# ଅଙ୍କୁରିତ ମେଥି

ମେଥିରେ ଭିଟାମିନ୍ ଏ, ବି ଓ ସି, ଲୌହସାର, ମ୍ୟାଗ୍ନେସିୟମ, କ୍ୟାଲସିୟମ, ପଟାସିୟମ, କାର୍ବୋହାଇଡ୍ରେଟ ଆଦି ପୋଷକତତ୍ତ୍ୱ ରହିଥାଏ। ଔଷଧୀୟ ଗୁଣରେ ଭରପୁର ମେଥିକୁ ସେବନ କଲେ ଶରୀରର ବିଭିନ୍ନ ରୋଗ ଦୂର ହୋଇଥାଏ। ତେବେ ବର୍ତ୍ତମାନ ସମୟରେ ଅଙ୍କୁରିତ ମେଥି ଖାଇବାର ଟ୍ରେଣ୍ଡ ବୃଦ୍ଧି ପାଇଛି। ଅଙ୍କୁରିତ ମେଥି ଖାଇବା ଦ୍ୱାରା କ'ଣ ଲାଭ ମିଳେ ଜାଣିବା ସେ ବିଷୟରେ...

- ନିୟମିତ ଉପଯୁକ୍ତ ମାତ୍ରା ଏବଂ ସମୟରେ ଅଙ୍କୁରିତ ମେଥି ସେବନ କଲେ, ପ୍ରମେହ ଏବଂ ସ୍ତ୍ରୀ ରୋଗ ଆଦିରେ ହିତକର ହୋଇଥାଏ। ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ଅଙ୍କୁରିତ ମେଥିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ଥିବା ଫାଇବର ବଦହଜମୀ ଦୂର କରେ।
- ଅଙ୍କୁରିତ ମେଥି ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ଗ୍ରହଣି ଦୂର ହୋଇଥାଏ। କୋଲେଷ୍ଟ୍ରଲ ମଧ୍ୟ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଫଳପ୍ରଦ।
- ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଙ୍କୁରିତ ମେଥି ଖାଇପାରିବେ। ତାସହିତ ଅଙ୍କୁରିତ ମେଥି ସର୍ଦ୍ଦି, କାଶ, ଥଣ୍ଡା ଓ ଜ୍ୱର ଦୂର କରିଥାଏ। ମେଥିରେ ଥିବା ଭିଟାମିନ୍ ସି ଓ ଆଣ୍ଟି ଅକ୍ସିଡାଣ୍ଟ ଯୋଗୁଁ ହୃଦ୍‌ରୋଗ ହେବାର ଆଶଙ୍କା ହ୍ରାସ ପାଇଥାଏ। ଅଙ୍କୁରିତ ମେଥି ଖାଇବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି।



# ରକ୍ତପରୀକ୍ଷାର ନୂଆ ବିକଳ୍ପ



ରୋଗ ଚିହ୍ନଟର ପ୍ରଥମ ମାର୍ଗ ହେଉଛି ରକ୍ତ ପରୀକ୍ଷା। ହେଲେ ଏମିତି ଅନେକ ଅଛନ୍ତି, ରକ୍ତ ପରୀକ୍ଷା ପାଇଁ ବ୍ୟବହୃତ ଛୁଞ୍ଚିକୁ ନେଇ ଭୟ କରନ୍ତି। ଫଳରେ ରକ୍ତ ପରୀକ୍ଷାରୁ ବଞ୍ଚିତ ରୁହନ୍ତି। ହେଲେ ଏବେ କୃତ୍ରିମ ବୁଦ୍ଧିମତା ଜରିଆରେ ବିନା ଛୁଞ୍ଚି ପ୍ରୟୋଗରେ ବି ରକ୍ତ ପରୀକ୍ଷା ସମ୍ଭବ ହେବ। କେବଳ ଫେସ୍ ସ୍କାନ୍ କରିବା ଦ୍ୱାରା ରକ୍ତ ପରୀକ୍ଷା ହୋଇପାରିବ। କ୍ୱିକ ବାଇଟଲ ନାମକ ଏଆଇ ଆଧାରିତ ଆପ୍ ଜରିଆରେ ଫେସ୍ ସ୍କାନ ଦ୍ୱାରା ରକ୍ତ ପରୀକ୍ଷା ସହଜ ହୋଇପାରିବ। ଏହି ପରୀକ୍ଷାରେ ମାତ୍ର ୨୦ ସେକେଣ୍ଡରେ ସ୍ୱାସ୍ଥ୍ୟସ୍ଥିତି ବିଷୟରେ ଜଣାପଡ଼ିବ। ସର୍ବପ୍ରଥମେ ହାଇଦ୍ରାବାଦ୍ ସରକାରୀ ହସ୍‌ପିଟାଲ 'ନିଲୋଫର'ରେ ଗର୍ଭବତୀ ମହିଳାଙ୍କ ଶରୀରରେ ଆନେମିଆ ପରୀକ୍ଷା ପାଇଁ ଏହି କୌଶଳ ପ୍ରୟୋଗ କରାଯାଇଥିଲା। ଏଥିରୁ ଭଲ ଫଳ ମଧ୍ୟ ମିଳିଥିଲା। ଏହି ଟୁଲ୍‌ର କୌଶଳର ନାଁ ହେଉଛି ଫଟୋପ୍ଲେଥିସ୍ମୋଗ୍ରାଫି (ପିପିଜି)। ଯେତେବେଳେ ଉଜ୍ଜ୍ୱଳ ଆଲୋକରେ ଚେହେରା ସ୍କାନ୍ କରାଯାଏ, ଫୋନ୍‌ର କ୍ୟାମେରାରେ ପ୍ରତିଫଳିତ ଆଲୋକକୁ ଏହି ଆପ୍ ଧରିନିଏ। ଏଲଗୋରିଦମ ସାହାଯ୍ୟରେ ହୃଦ୍‌ସ୍ପନ୍ଦନ, ନିଶ୍ୱାସ ଓ ରକ୍ତ ପ୍ରବାହ ସହିତ ଜଡ଼ିତ ସଙ୍କେତକୁ ପଢ଼ି ସ୍ୱାସ୍ଥ୍ୟ ରିପୋର୍ଟ ପ୍ରସ୍ତୁତ କରେ। ଏପରିକି ୨୦ ସେକେଣ୍ଡରେ ସ୍ୱାସ୍ଥ୍ୟସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ସେୟାର କରିଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଆପ୍ ରକ୍ତଚାପ, ହେମୋଗ୍ଲୋବିନ୍ ସ୍ତର, ହୃଦ୍‌ସ୍ପନ୍ଦନ, ଅକ୍ସିଜେନ୍ ସାଚୁରେଶନ (ଏସ୍‌ପିଓ୨), ଚିନ୍ତାସ୍ତର, କୋଲେଷ୍ଟ୍ରଲ, ଶ୍ୱାସକ୍ରିୟା, ଏଚ୍‌ଆର୍‌ଭି ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ପ୍ରଦାନ କରିପାରିବ। ସେହିପରି ଖୁବ୍‌ଶୀଘ୍ର ୫ ବର୍ଷରୁ କମ୍ ବୟସର ହଜାର ପିଲାଙ୍କ ଉପରେ ଏହାର କ୍ଲିନିକାଲ ପରୀକ୍ଷଣ କରାଯିବା ସହିତ ଏହାର ଫଳାଫଳକୁ ପାରମ୍ପରିକ ରକ୍ତ ପରୀକ୍ଷା ସହିତ ତୁଳନା କରାଯିବ। ଫଳାଫଳ ସନ୍ତୋଷଜନକ ହେଲେ, ଏହି କୌଶଳ ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ।

## ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ

# ବର୍ଷାରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ

**ଓଭାଲ,୩୧।୭ (ଏଜେନ୍ସି):**

ବର୍ଷା ଓ ଓଭାଲ ପିଚ୍‌ର ସୁଇଂ ଓ ବାଉନ୍ସର ମୁକାବିଲା କରି ନ ପାରି ଏଠାରେ ଗୁରୁବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଶେଷ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଗୁରୁବାର ପ୍ରଥମ ଦିନର ୩ୟ ସେସନ୍ ରିପୋର୍ଟ ଲେଖା ହେଲାବେଳକୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୧୪୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ କରୁନ ନାୟାର ୨୧ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲ ୧୪ ରନ୍ କରି ଭାରତର ବିପର୍ଯ୍ୟୟକୁ ଅଟକାଇବା ଲାଗି ସଂଘର୍ଷ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଇ ସୁଦର୍ଶନ ସର୍ବାଧିକ ୩୮, ସୁନୀଲ ଗାଭାସ୍କରଙ୍କ ୪୭ ବର୍ଷର ରେକର୍ଡ ଭାଙ୍ଗିଥିବା ଅଧିନାୟକ ଶୁବମନ ଗିଲ୍ ୨୧, ଲୋକେଶ ରାହୁଲ ୧୪ ରନ୍‌ରେ ଆଉଟ ହୋଇଥିଲେ। ଓପନର ଯଶସ୍ୱୀ ଜୟସ୍ୱାଲ ୨ ଓ ଚତୁର୍ଥ ଟେଷ୍ଟ ହିରୋ ରବୀନ୍ଦ୍ର ଜାଡେଜା ୯ ରନ୍‌ର ଯୋଗଦାନ ଦେଇପାରିଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ ସର୍ବାଧିକ ୨ଟି, ଗସ୍ ଆଟକିନସନ ଓ କ୍ରିସ୍ ଓକ୍ସ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।



ଏହି ମ୍ୟାଚ୍‌ରେ ଉଭୟ ଦଳ ୪ଜଣ ଲେଖାଏଁ ଖେଳାଳିଙ୍କୁ ପରିବର୍ତ୍ତନ କରି ଖେଳିଥିଲେ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଆହତ ହୋଇଥିବାରୁ ଓଲି ପୋପ୍ ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିଲେ। କିନ୍ତୁ ବର୍ଷା ଯୋଗୁ ୩ଥର ଖେଳକୁ ବନ୍ଦ ରଖାଯାଇଥିଲା। ଲଞ୍ଚ୍ ବେଳକୁ ୨୩ ଓଭର ଖେଳ ହୋଇଥିଲାବେଳେ ଭାରତ ୨ ୱିକେଟରେ ୭୨ ରନ୍ କରିଥିଲା। ଲଞ୍ଚ୍ ପରେ ଖେଳ ଆରମ୍ଭ ପୂର୍ବରୁ ହଠାତ୍ ବର୍ଷା ହେବାରୁ ଖେଳକୁ ପୁଣି ବନ୍ଦ ରଖାଯାଇଥିଲା। ଏହି ବର୍ଷାରେ ପିଚ୍ ଓଦା ହୋଇଯିବାରୁ ଅଧିକ ସମୟ ଖେଳ ବନ୍ଦ ହୋଇଥିଲା। ଅମ୍ପାୟାର ଖେଳ ଆରମ୍ଭ କରିବାର ନିଷ୍ପତ୍ତି ନେବା ପରେ ୬ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଭଲ ଖେଳୁଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଷ୍ଟ୍ରାଇକ୍‌ରେ ଥାଇ ଏକ ଅନାବଶ୍ୟକ ରନ୍ ନେବାକୁ ଯାଇ ରନ୍ ଆଉଟ ହୋଇଥିଲେ। ଭାରତ ୩ ୱିକେଟରେ ୮୫ ରନ୍ କରିଥିଲାବେଳେ ଅମ୍ପାୟାର ଟି'ପାନ ବିରତି କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୦.୮ ମିଲିମିଟର ଘାସ ଥିବା ପିଚ୍‌ରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରିବା କଷ୍ଟକର ହୋଇଥିଲା। ଏହି ମ୍ୟାଚ୍‌ରେ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଖେଳୁ ନ ଥିବାରୁ ତାଙ୍କ ବଦଳରେ ଖେଳୁଥିବା ଗସ ଆଟକିନସନ ଓ ଜେମି ଓଭରଟନ ପ୍ରଭାବ ବିସ୍ତାର କରି ଖେଳିଥିଲେ। ଆଟକିସନ ପ୍ରତିପକ୍ଷ ଯୁବ ଓପନର ଜୟସ୍ୱାଲଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ଘରୋଇ ଦଳକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହା ପରେ ସୁଦର୍ଶନ ଓ ରାହୁଲ ଏଭଳି କଷ୍ଟସାଧ ପିଚ୍‌ରେ ଇଂଲଣ୍ଡ ବୋଲରଙ୍କୁ ସହଜରେ ମୁକାବିଲା କରିଥିଲେ। କିନ୍ତୁ ୬ ଓଭରରେ ୭ ରନ୍ ହେବା ପରେ ରାହୁଲ ଚାପରେ ଆସି ଓକ୍ସଙ୍କ ଏକ ସଟ୍ ପିଚ୍ ବଲ୍‌କୁ ସଟ୍ ମାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହା ମିସ୍ ହୋଇଯିବାରୁ ସେ ବୋଲ୍ଡ ଆଉଟ ହୋଇଯାଇଥିଲେ। ଚଳିତ ସିରିଜ୍‌ରେ ରାହୁଲ ଏତେ ଭଲ ଖେଳିଥିଲେ ମଧ୍ୟ ଏଭଳି ତ୍ରୁଟି କରିଥିଲେ। ଦୁଇ ଓପନର ୩୮ ରନ୍ ମଧ୍ୟରେ ପାଭିଲିୟନ ଫେରିଯିବା ପରେ ସୁଦର୍ଶନଙ୍କ ସହ ଗିଲ ଯୋଗ ଦେଇ ଭାରତୀୟ ଇନିଂସକୁ ଆଗକୁ ବଢ଼ାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୧୪୮/୫,୪୮ ଓଭର (ସୁଦର୍ଶନ-୩୮, ଗିଲ୍-୨୧, ରାହୁଲ-୧୪, ଜୟସ୍ୱାଲ-୨, କରୁନ-୨୧*, ଜୁରେଲ୍-୧୪*, ଜୋଶ୍ ଟଙ୍ଗ୍-୨/୩୪, ଗସ ଆଟକିନସନ-୧/୨୩, କ୍ରିସ୍ ଓକ୍ସ-୧/୪୬)।**

## ୮ ଖେଳାଳି ପରିବର୍ତ୍ତନ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଆଜି ଆରମ୍ଭ ହୋଇଥିବା ୫ମ ଟେଷ୍ଟରେ ଚତୁର୍ଥ ଟେଷ୍ଟ ଖେଳିଥିବା ୮ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଉଭୟ ଦଳରେ ୪ଜଣ ଲେଖାଏଁ ବଦଳିଛନ୍ତି। ସେମାନଙ୍କ ମଧ୍ୟରେ ଭାରତୀୟ ଦଳରୁ ୩ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରା, ଶାର୍ଦ୍ଦୁଳ ଠାକୁର ଓ ଡେବ୍ୟୁଟାଣ୍ଟ ଅଂଶୁଲ କାମ୍ବୋଜ୍‌ଙ୍କ ସହ ଆହତ ୱିକେଟ ରକ୍ଷକ ଋଷଭ ପନ୍ତଙ୍କୁ ଏହି ଟେଷ୍ଟରୁ ବାଦ୍ ଦିଆଯାଇଥିଲା। ସେମାନଙ୍କ ସ୍ଥାନରେ ଫାଷ୍ଟ ବୋଲର ଆକାଶ ଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା, ବ୍ୟାଟର କରୁନ ନାୟାର ଓ ୱିକେଟକିପର ଧ୍ରୁବ ଜୁରେଲଙ୍କୁ ସ୍ଥାନ ଦେଇଛି। ସେହିପରି ଇଂଲଣ୍ଡ ଦଳରୁ ଆହତ ଅଧିନାୟକ ବେନ୍ ଷ୍ଟୋକ୍ସ, ଫାଷ୍ଟ ବୋଲର ଜୋଫ୍ରା ଆର୍ଚର, ସ୍ପିନର ଲିଆମ ଡାଓସନ ଓ ବ୍ରାଇଡନ କାର୍ସଙ୍କୁ ଦଳ ବାଦ୍ ଦେଇଛି। ଏମାନଙ୍କ ସ୍ଥାନରେ ୩ ଫାଷ୍ଟ ବୋଲର ଗସ ଆଟକିନସନ, ଜୋଶ ଟଙ୍ଗ୍ ଓ ଜେମି ଓଭରଟନ, ଅଲରାଉଣ୍ଡର ଜ୍ୟାକବ ବେଥେଲଙ୍କୁ ସାମିଲ କରିଛି। ଷ୍ଟୋକ୍ସଙ୍କ ସ୍ଥାନରେ ଓଲି ପୋପ୍ ଦଳର ନେତୃତ୍ୱ ନେଉଛନ୍ତି।

### ପଦାର୍ପଣ ଲାଗି ୯୬୧ ଦିନର ଅପେକ୍ଷା



ଏହି ସିରିଜ୍‌ରେ ଯେଉଁ ୩ ଭାରତୀୟ ଖେଳିବାକୁ ସୁଯୋଗ ପାଇ ନାହାନ୍ତି ତାଙ୍କ ମଧ୍ୟରେ ବେଙ୍ଗଲ ରଣଜୀ ଦଳର ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ଅନ୍ୟତମ। ଭାରତୀୟ ଟେଷ୍ଟ ଦଳରେ ୯୬୧ ଦିନ ହେଲା ସାମିଲ ହୋଇଥିଲେ ମଧ୍ୟ ତାଙ୍କୁ ଏ ପର୍ଯ୍ୟନ୍ତ ଡେବ୍ୟୁ କରିବାକୁ ସୁଯୋଗ ମିଳିପାରିଲାନି। ସେ ସାମିଲ ହେବା ପରଠାରୁ ୧୫ଜଣ ଖେଳାଳି ଭାରତ ପକ୍ଷରୁ ଡେବ୍ୟୁ କରିସାରିଲେଣି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲେ ମଧ୍ୟ କେବଳ ରିଜର୍ଭ ଖେଳାଳି ଭାବେ ରହିଯାଇଛନ୍ତି। ୧୦୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିସାରିଥିବା ଈଶ୍ୱରନଙ୍କ ଭାଗ୍ୟ କେବେ ପରିବର୍ତ୍ତନ ହେବ ତାହା କିଏ କହିବ?

### ପ୍ରତି ଟେଷ୍ଟରେ ଖେଳାଳି ବଦଳାଇଛି ଭାରତ, ୩ ସୁଯୋଗ ପାଇଲେନି

ଇଂଲଣ୍ଡ ସହ ଏଠାରେ ଦଳ ଖେଳିଥିବା ୫ଟି ଯାକ ଟେଷ୍ଟ ମ୍ୟାଚ୍‌ରେ ଭାରତ ଭିନ୍ନ ଭିନ୍ନ ଖେଳାଳିଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିଛି। କିନ୍ତୁ ଏହି ସିରିଜ୍ ଲାଗି ଆରମ୍ଭରୁ ଦଳରେ ସ୍ଥାନ ପାଇଥିବା ୩ଜଣ ଖେଳାଳିଙ୍କୁ ଆଦୌ ସୁଯୋଗ ମିଳିଲା ନାହିଁ। ଏମାନଙ୍କ ମଧ୍ୟରେ ଅଭିଜ୍ଞ ସ୍ପିନର କୁଲଦୀପ ଯାଦବଙ୍କୁ ଟିମ୍ ମ୍ୟାନେଜ୍‌ମେଣ୍ଟ ଚାହିଁଥିଲେ ମଧ୍ୟ ସମୀକରଣ ଯୋଗୁ ଖେଳାଇ ପାରି ନ ଥିଲା। କିନ୍ତୁ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଦୁଇଥର ଡେବ୍ୟୁ କରିବା ନିଶ୍ଚିତ ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଥିଲେ। ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ମଧ୍ୟ ସୁଯୋଗ ପାଇଲେନି।

### ଗାଭାସ୍କରଙ୍କ ୪୭ ବର୍ଷର ରେକର୍ଡ ଭାଙ୍ଗିଲେ ଗିଲ୍

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଯେତେବେଳେ ଭାରତ ବିପଦରେ ପଡ଼ିଛି ସେହି ସମୟରେ ଦଳର ଅଧିନାୟକ ଶୁବମନ ଗିଲ ପାହାଡ ପରି ଛିଡ଼ା ହୋଇଛନ୍ତି। ଏହି କ୍ରମରେ ସେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଜଣେ ଅଧିନାୟକ ଭାବେ ସୁନୀଲ ଗାଭାସ୍କରଙ୍କ ନାମରେ ଥିବା ୪୭ ବର୍ଷର ରେକର୍ଡକୁ ଭାଙ୍ଗିଦେଇଛନ୍ତି। ଗାଭାସ୍କର ୧୯୭୮ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୭୩୨ ରନ୍ କରିଥିଲେ। କିନ୍ତୁ ଗିଲ ଏହି ରେକର୍ଡକୁ ଅତିକ୍ରମ କରିଯାଇଥିଲେ। ଜଣେ ଅଧିନାୟକ ଭାବେ ୧୯୩୬ରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ ୮୧୦ ଓ ୧୯୯୦ରେ ଇଂଲଣ୍ଡ ଅଧିନାୟକ ଗ୍ରାହମ ଗୁଚ୍ ୭୫୨ ରନ୍ କରିଥିଲେ। ଶୁବମନ ଏହି ଟେଷ୍ଟରେ ୨୧ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ସେ ୫ମ ଟେଷ୍ଟ ଖେଳି ୭୪୩ ରନ୍ କରିଛନ୍ତି। ଏହା ମଧ୍ୟରେ ୪ଟି ଶତକ ରହିଛି।

### ସିରିଜ୍‌ର ସମସ୍ତ ଟସ୍ ହାରିବାରେ ଗିଲ୍ ଚତୁର୍ଥ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଦଳର ନେତୃତ୍ୱ ନେଇଥିବା ଶୁବମନ ଗିଲ୍ ଏଠାରେ ଖେଳାଯାଇଥିବା ୫ଟି ଯାକ ଟେଷ୍ଟରେ ଟସ୍ ହାରିଛନ୍ତି। ଏହାକୁ ମିଶାଇ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ କ୍ରମାଗତ ୧୫ଥର ଟସ୍ ହାରିସାରିଲାଣି। କିନ୍ତୁ କାମଚଳା ଅଧିନାୟକ ଓଲି ପୋପ୍ ପୂର୍ବରୁ ୧୪ଥର ଟସ୍ ହାରିଥିଲେ ମଧ୍ୟ ଏଠାରେ ଟସ୍ ଜିତିଛନ୍ତି। ବିଶ୍ୱରେ ୧୪ଥର ଜଣେ ଅଧିନାୟକ ସମସ୍ତ ୫ଟି ଯାକ ଟସ୍ ହାରିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସମସ୍ତ ୫ଟି ଯାକ ଟସ୍ ହାରିଥିବା ଅନ୍ୟ ଭାରତୀୟ ଅଧିନାୟକମାନେ ହେଲେ ୧୯୪୮-୪୯ରେ ଲାଲା ଅମରନାଥ ଓ ୧୯୮୨-୮୩ରେ କପିଳ ଦେବ ବନାମ ୱେଷ୍ଟଇଣ୍ଡିଜ୍, ୨୦୧୮ରେ ବିରାଟ କୋହଲି ବନାମ ଇଂଲଣ୍ଡ।

## ଏସିଆନ୍ ପେନଚାକ୍ ସିଲାଟ୍‌ରେ ପ୍ଲିଜାଲିନଙ୍କୁ ରୌପ୍ୟ ପଦକ




ଭୁବନେଶ୍ୱର, ୩୧।୭ (ସମିସ): ଏସିଆନ୍ ପେନଚାକ୍ ସିଲାଟ୍‌ର ୯ମ ସଂସ୍କରଣ ଭିଏତ୍‌ନାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଝିଅ ପ୍ଲିଜାଲିନ ତରାଇ ରୌପ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୁଲାଇ ୨୪ରୁ ଆରମ୍ଭ ହୋଇଥିବା ଏହି ଇଣ୍ଡୋନେସିଆଭିତ୍ତିକ ମାର୍ଶାଲଆର୍ଟ କ୍ରୀଡ଼ାରେ ପ୍ଲିଜାଲିନ ୭୦-୭୫ କିଗ୍ରା ବିଭାଗରେ ଭାଗନେଇଥିଲେ। ଏଥିରେ ସେ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ପଦକ ସଫଳତା ପାଇଥିଲେ। ସେହିଭଳି ଅନ୍ୟତମ ଓଡ଼ିଆ ଖେଳାଳି ରଞ୍ଜିତ ନାୟକ ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ପ୍ଲିଜାଲିନଙ୍କ ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଯେଦୁଲା ବିଜୟ, ଆଡିସନାଲ ସେକ୍ରେଟାରୀ ଅଶୋକ ପଣ୍ଡା, ସୋନାଲି ଚାନ୍ଦଙ୍କ ସମେତ ରାଜ୍ୟ ପେନଚାକ୍ ସଂଘର ସଭାପତି ତାପସ କୁମାର ରାୟ, ସମ୍ପାଦକ ସମ୍ପାଦକ ପ୍ରେମ ସିଂ ଥାପ୍ପା, ଉପସଭାପତି ମନୋରଞ୍ଜନ ଭଞ୍ଜ, ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ପିତାଙ୍କୁ ପୁଣିଥରେ ପ୍ରଶିକ୍ଷକ ରଖିଲେ ସିତ୍‌ସିପାସ୍

ଏଥେନ୍ସ, ୩୧।୭ (ଏଜେନ୍ସି): ଗ୍ରୀକ୍ ଟେନିସ ତାରକା ଷ୍ଟିଫାନୋସ୍ ସିତ୍‌ସିପାସ୍ ପୁଣିଥରେ ତାଙ୍କ ପିତା ଆପୋଷ୍ଟୋଲୋସଙ୍କୁ ପ୍ରଶିକ୍ଷକ ଭାବେ କରିଛନ୍ତି। ଗତ ସପ୍ତାହରେ ପୂର୍ବତନ ପ୍ରଶିକ୍ଷକ ଗୋରାନ ଇଭାନିସେଭିସ୍‌ଙ୍କଠାରୁ ଅଲଗା ହେବାପରେ ୨୬ ବର୍ଷୀୟ ସିତ୍‌ସିପାସ୍ ପିତାଙ୍କୁ ନିଜର ଗୁରୁଭାବେ ପୁଣିଥରେ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପୂର୍ବରୁ ୨୦୨୪ ଅଗଷ୍ଟରେ ସିତ୍‌ସିପାସ୍ ତାଙ୍କ ପିତାଙ୍କୁ ପ୍ରଶିକ୍ଷକ ପଦରୁ ହଟାଇଦେଇଥିଲେ। ସେହି ସମୟରେ ସିତ୍‌ସିପାସ ଖରାପ ପ୍ରଦର୍ଶନ କରି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୩୦ତମ ସ୍ଥାନକୁ ଖସିଯାଇଥିଲେ। ତେଣୁ ସେ ପିତାଙ୍କୁ ହଟାଇ ଗୋରାନଙ୍କୁ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଥିଲେ। ନିକଟରେ କିନ୍ତୁ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ସିତ୍‌ସିପାସ୍ ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଥିଲେ। ଏଥିରେ ହତୋତ୍ସାହିତ ହୋଇ ତାଙ୍କ ପ୍ରଶିକ୍ଷକ ଗୋରାନ କହିଥିଲେ ଯେ, ସେ ତାଙ୍କ ଜୀବନରେ ଏଭଳି ଅପ୍ରସ୍ତୁତ ଖେଳାଳି କେବେ ଦେଖିନାହାନ୍ତି।' ଏହି ଘଟଣା ପରେ ସିତ୍‌ସିପାସ୍ ଓ ଗୋରାନ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବତନ ୱିମ୍ବଲଡନ ଚାମ୍ପିଅନ ଗୋରାନ ପୂର୍ବରୁ ନୋଭାକ ଜୋକୋଭିଚ୍‌ଙ୍କ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଜୋକୋଭିଚ୍ ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଥିଲେ।

## ପ୍ରଥମ ଟେଷ୍ଟ | ପାଳି ପରାଜୟ ଏଡ଼ାଇବାକୁ ଜିମ୍ବାୱେର ସଂଘର୍ଷ

**ବୁଲାୱାୟୋ, ୩୧।୭ (ଏଜେନ୍ସି):** ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ଜିମ୍ବାୱେ ପାଳି ପରାଜୟ ଏଡ଼ାଇବାକୁ ସଂଘର୍ଷ କରୁଛି। ୧୫୮ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜିମ୍ବାୱେ ଗୁରୁବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ୨ ୱିକେଟ୍ ହରାଇ ୩୧ ରନ ସଂଗ୍ରହ କରିଛି। ପାଳି ପରାଜୟ ଏଡ଼ାଇବା ଲାଗି ଜିମ୍ବାୱେ ବଳକା ଥିବା ୮ ୱିକେଟ୍‌ରେ ଆଉ ୧୨୭ ରନ ଆବଶ୍ୟକ କରୁଛି। ପୂର୍ବରୁ ଡେଭନ କନୱେ ଓ ଡାରୀଲ ମିଚେଲ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୩୦୭ ରନ କରିପାରିଥିଲା। ଓପନିଂ ଆସିଥିବା କନୱେ ୮୮ ଓ ମିଚେଲ ୮୦ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ୍ ୟଙ୍ଗ୍ ୪୧, ହେନରୀ ନିକୋଲସ ୩୪, ଅଧିନାୟକ ମିଚେଲ ସାଣ୍ଟନର ୧୯ ଓ ନାଥନ ସ୍ମିଥ୍ ୨୨ ରନ କରିଥିଲେ। ବୋଲିଂରେ ଘରୋଇ ଜିମ୍ବାୱେ ଦଳର ବ୍ଲେସିଙ୍ଗ ମୁଜରବାନୀ ୩ ଓ ତନକା ଚିଭାଙ୍ଗା ୨ଟି ୱିକେଟ୍ ନେଇଛନ୍ତି। ଜିମ୍ବାୱେକୁ ପ୍ରଥମ ପାଳିରେ ୧୪୯ ରନରେ ସୀମିତ ରଖିଥିଲେ। ମ୍ୟାଟ୍ ହେନରୀଙ୍କୁ ୬ଟି ୱିକେଟ୍ ମିଳିଥିଲା।



ଡେଭନ କନୱେ

## କ୍ୱାର୍ଟରରେ ଲକ୍ଷ୍ୟ ସେନ୍

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମ୍ୟାଚରେ ଲକ୍ଷ୍ୟ ୨୧-୧୪, ୧୪-୨୧, ୨୧-୧୭ ଗେମ୍‌ରେ ଇଣ୍ଡୋନେସିଆର ସିଏ ୱାଡୋୟୋଙ୍କୁ ପରାସ୍ତ କରିଥିଲେ।

## ୱାଶିଂଟନରେ ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ | ଅପରାଜିତା ଏଫ୍‌ପିଓ



ଭୁବନେଶ୍ୱର,୩୧।୭ (ସମିସ): ଭାରତ ଓ ଓଡ଼ିଶା ଲାଗି ଗୌରବର ବିଷୟ। ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଛିକାର ଆମେରିକାର ୱାଶିଂଟନଠାରେ ହେବାକୁ ଥିବା ୱାର୍ଲ୍ଡ ଟିମ୍ ଚେସ୍ ଲାଗି ଏଫ୍‌ପିଓ (ଫେୟାର ପ୍ଲେ ଅଫିସର) ନିଯୁକ୍ତ ହୋଇଛନ୍ତି। ପୁରୁଷ ବିଭାଗରେ ଜର୍ମାନୀର ଜୁର୍ଗେନ କୁଏନର୍ସ ନିଯୁକ୍ତ ହୋଇଛନ୍ତି। ଅଗଷ୍ଟ ୨ରୁ ୭ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୮ଟି ଦେଶରୁ ୫୫ଟି ଦଳ ଅଂଶଗ୍ରହଣ କରିବେ। ଭାରତରୁ ଗୋଟିଏ ଦଳ ଭାଗ ନେଉଛି।

## ଏଚ୍‌ସିଏ ସଭାପତି, ସମ୍ପାଦକ ନିଲମ୍ବିତ

ହାଇଦରାବାଦ, ୩୧।୭ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଗୁରୁବାର ହାଇଦରାବାଦ୍ କ୍ରିକେଟ୍ ସଂଘ (ଏଚ୍‌ସିଏ)ର ସଭାପତି ଏ. ଜଗନ ମୋହନ ରାଓଙ୍କ ସମେତ ସମ୍ପାଦକ ଆର୍. ଦେବରାଜ ଓ କୋଷାଧ୍ୟକ୍ଷ ସିଜେ ଶ୍ରୀନିବାସଙ୍କୁ ନିଲମ୍ବିତ କରାଯାଇଛି। ଏଚ୍‌ସିଏ ଆପେକ୍ସ କାଉନସିଲର ଜରୁରୀକାଳୀନ ବୈଠକରେ ନିଲମ୍ବନ ନେଇ ନିଷ୍ପତ୍ତି ହୋଇଥିଲା। ନିକଟରେ ଆଇପିଏଲ୍ ଫ୍ରାଞ୍ଚାଇଜ ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଏକ ଗୁରୁତର ଅଭିଯୋଗ କରାଯାଇଥିଲା। ଯେଉଁଥିରେ ସନରାଇଜର୍ସ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଥିଲା ଯେ, ଗତ ଆଇପିଏଲ୍‌ରେ କମ୍ପ୍ଲିମେଣ୍ଟାରୀ ଓ କର୍ପୋରେଟ୍ ବକ୍ସ ପାସ୍ ପାଇଁ ଏଚ୍‌ସିଏର କର୍ମକର୍ତ୍ତା ବ୍ଲାକମେଲ୍ କରି ବଳପୂର୍ବକ ପାସ୍ ନେଇଥିଲା। ହାଇଦରାବାଦ୍ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବା ପରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଥିଲା।

## ଅଗଷ୍ଟ ୨୯ରୁ ପ୍ରୋ-କବାଡ଼ି ଲିଗ୍-୧୨

### ଟାଇଟନ୍ସ-ଥଲାଇଭାସ୍ ଉଦ୍‌ଘାଟନୀ ଲଢ଼େଇ

**ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଲୋକପ୍ରିୟ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଯାଉଛି। ତେଲୁଗୁ ଟାଇଟନ୍ସ ଓ ତାମିଲ ଥଲାଇଭାସ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଭାଇଜାଗ୍‌ର ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଏହି ହାଇଭୋଲ୍‌ଟେଜ ମ୍ୟାଚ୍ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଦ୍ୱିତୀୟ ମୁକାବିଲାରେ ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲ୍‌ଟନ୍ସ ପରସ୍ପରକୁ ଭେଟିବେ। ପିକେଏଲ୍-୧୨ ଲାଗି ଗୁରୁବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀରୁ ଏହା ସ୍ପଷ୍ଟ ହୋଇଛି। ଚଳିତ ସଂସ୍କରଣରେ ୧୨ଟି ଦଳ ଟାଇଟଲ୍ ପାଇଁ ଲଢ଼େଇ କରିବେ। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ହରିୟାଣା ଷ୍ଟିଲର୍ସ ଅଗଷ୍ଟ ୩୧ରେ ବେଙ୍ଗଲ୍ ୱାରିୟର୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।




ଏଥର ଦେଶର ୪ଟି ପ୍ରମୁଖ ସହର ଭାଇଜାଗ, ଜୟପୁର, ଚେନ୍ନାଇ ଓ ଦିଲ୍ଲୀରେ ପର୍ଯ୍ୟାୟକ୍ରମେ ମ୍ୟାଚ୍ ଖେଳାଯିବ। ଦୀର୍ଘ ୭ ବର୍ଷ ପରେ ବନ୍ଦର ସହର ଭାଇଜାଗ୍‌କୁ ପ୍ରୋ କବାଡ଼ି ଲିଗ୍ ଫେରିଛି। ଏଠାରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ୨୮ଟି ମ୍ୟାଚ୍ ଆୟୋଜିତ ହେବ। ଏହାପରେ ସେପ୍ଟେମ୍ବର ୧୨ରୁ ଜୟପୁରର ଏସ୍‌ଏମ୍‌ଏସ୍ ଷ୍ଟାଡିୟମରେ ଦ୍ୱିତୀୟ ଲେଗ୍, ସେପ୍ଟେମ୍ବର ୨୯ରୁ ଚେନ୍ନାଇରେ ୩ୟ ଲେଗ୍ ଓ ଫାଇନାଲ ତଥା ୪ର୍ଥ ଲେଗ୍ ଅକ୍ଟୋବର ୧୩ରୁ ଦିଲ୍ଲୀରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପ୍ଲେ-ଅଫ୍ କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ।

### ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ସ୍ନୁକର୍

## କ୍ୱାର୍ଟରଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୩୧।୭ (ସମିସ):**

ଏଠାରେ ଚାଲିଥିବା ଗ୍ରୀନ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଶୁକ୍ରବାର ରାକେଶ ପ୍ରଧାନ-କୁନାଲ ଅଗରୱାଲ, ଆକାଶ ମହାପାତ୍ର-ଆଶୁତୋଷ ପାଢ଼ୀ, ସିଦ୍ଧାର୍ଥ ସେନ-ଅବିନାଶ ମହାପାତ୍ରଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିଭଳି ଚିରାଗ ଆରୋରା ଓ ସୁଦୀପ୍ତ ଦାସଙ୍କ ମଧ୍ୟରେ ଅନୁଷ୍ଠିତ ରାଉଣ୍ଡ-୧୬ ମ୍ୟାଚ୍‌ର ବିଜେତା କ୍ୱାର୍ଟରରେ ସୁବ୍ରତ ଦାସଙ୍କୁ ଭେଟିବେ। ଗୁରୁବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚ୍‌ଗୁଡ଼ିକରେ ସିଦ୍ଧାର୍ଥ ୪-୦ ଫ୍ରେମରେ ଅଲ୍‌ତାଫ୍ ଅଲିଙ୍କୁ, ରାକେଶ ୪-୦ରେ ବରୁଣ ପୂରବଙ୍କୁ, କୁନାଲ ୪-୩ରେ ନିଶାନ୍ତ ବିଶ୍ୱାଳଙ୍କୁ, ଅବିନାଶ ୪-୦ରେ ଚେତନ ଆନନ୍ଦଙ୍କୁ, ଆକାଶ ୪-୦ରେ ଶରଦ ବେହେରାଙ୍କୁ, ସୁବ୍ରତ ୪-୨ରେ ଜ୍ଞାନ ଦାସଙ୍କୁ ଓ ଆଶୁତୋଷ ୪-୦ ଫ୍ରେମରେ ରଞ୍ଜିତ ପତିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।




### ଜାତୀୟ ସବ୍‌ଜୁନିଅର ନ୍ୟାସ୍‌ନାଲ ହକି

## ଆଜି ମହାରାଷ୍ଟ୍ର-ଓଡ଼ିଶା ଲଢ଼େଇ



ଭୁବନେଶ୍ୱର, ୩୧।୭ (ସମିସ): ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍‌ର ୧୫ତମ ସଂସ୍କରଣ ଚେନ୍ନାଇରେ ଚାଲିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଶୁକ୍ରବାର ମହାରାଷ୍ଟ୍ର ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହି ପୁଲ୍‌ରେ ୩ୟ ଦଳ ଭାବେ ଚଣ୍ଡିଗଡ଼ ସ୍ଥାନ ପାଇଛି। ଅଗଷ୍ଟ ୨ରେ ଓଡ଼ିଶା ଶେଷ ପୁଲ୍ ମ୍ୟାଚରେ ଚଣ୍ଡିଗଡ଼କୁ ଭେଟିବ। ଚାରୋଟି ପୁଲ୍‌ର ଶ୍ରେଷ୍ଠ ଦୁଇଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଅଗଷ୍ଟ ୫ରେ କ୍ୱାର୍ଟର, ୬ରେ ସେମିଫାଇନାଲ ଓ ୮ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS